

ରୋହିତଙ୍କ ରେକର୍ଡ ଭାଙ୍ଗିଦେଲେ ତିଳକ ବର୍ମା — ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 233 | ଭାଗ ୩୨ | ସଂଖ୍ୟା୨୩୩ | Bhubaneswar | Sunday 17 November 2024 | Page 8 Rs. 4.00 | ଭୁବନେଶ୍ୱର | ରବିବାର ୧୭ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

# ଡିକିରେ ପଶି ଫେରାର କଳିଯୁଗର 'କଳକୀ'


## ଆଶ୍ରମକୁ କିଏ ଦେଉଛି ସୁରକ୍ଷା



ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): କଳିଯୁଗର କଳକୀ ଗାଡି ଡିକିରେ ଫେରାର ହେଇଗଲେ । କଥାଟା ଶୁଣିଲେ ଖଟକା ଲାଗୁଥିଲେ ବି ସତ । ଗତ ଦୁଇଦିନ ହେଲା ଖଣ୍ଡଗିରିଠାରେ ଥିବା ବୈକୁଣ୍ଠଧାମ ଆଶ୍ରମର କୁନି ସାରଥୀଙ୍କୁ ନେଇ ବେଶ ହଇଚଇ ସୃଷ୍ଟି ହୋଇଛି । କୁନି ସାରଥୀ କିଏ, ତାଙ୍କ ବାପା ମା କଣ କରନ୍ତି, ତାକୁ ନେଇ ସମସ୍ତେ ଘାଣ୍ଟି ହେଉଛନ୍ତି । କୁନି ସାରଥୀଙ୍କ ପାଦରେ ପୁଣି ତୁଳସୀ ଚଢା ହୋଇଛି । ପାଦରେ ତୁଳସୀ ଦିଆଯିବା ଧର୍ମ ବିରୋଧୀ । ତେଣୁ ଏନେଇ ଭରତପୁର ଏକ ମାମଲା ହୋଇଛି। ଥାନାରେ ମାମଲା ହେବାପରେ ଆଶ୍ରମ ଗେଟରେ ତାଲା ପଡିଲା କାହାକୁ ଛଡା ଗଲାନି । ମିଡ଼ିଆକୁ ବି ବାରଣ କରାଗଲା। କେବଳ ଆଶ୍ରମର ସଦସ୍ୟ ଓ ପୋଲିସ ଗଲେ । ଗତକାଲିଠୁ ଆଶ୍ରମରେ ପାଇଁତରା ମାରୁଛି ପୋଲିସ । ଏଭିତରେ ଆଜି ଅପରାହ୍ନ ପ୍ରାୟ ଅଢେଇଟା ବେଳେ ଆଶ୍ରମ ଭିତରକୁ ଯାଇଥିଲା ଏକ ଧଳା ଇନୋଭା କାର । ଅଳ୍ପ କିଛି ସମୟରେ ଗାଡିର ଡିକିରେ କୁନି ପ୍ରବଚକ ବେଡ଼ସିଟ ଘୋଡେଇହେଇ ଫେରାର ହେଇଗଲେ । ତା ସହ ଥିଲେ ତା ପରିବାର ଓ ଆଶ୍ରମର କିଛି ସଦସ୍ୟ।

ଏତେବଡ଼ ଘଟଣା, ଲୋକଙ୍କ ବିଶ୍ୱାସ ସହ ଖେଳ ଖେଳା ଯାଉଛି । କିଛି ଧର୍ମାନ୍ଧ ଭକ୍ତଙ୍କୁ ଭଣ୍ଡେଇ ରୀତିମତ ବ୍ୟବସାୟ ଚାଲୁଛି । ଅଥଚ ଏଭଳି କୁନି ➪ପୃଷ୍ଠା-୬








## ସିଙ୍ଗାପୁରରେ ମୋହନ
# ଉତ୍କର୍ଷ ଓଡ଼ିଶା ଏବେ ଗ୍ଲୋବାଲ୍ ବ୍ରାଣ୍ଡ

ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଏକ ବରିଷ୍ଠ ପ୍ରତିନିଧି ମଣ୍ଡଳର ନେତୃତ୍ୱ ନେଇ ସିଙ୍ଗାପୁର ଯାଉଛି। ଏହା ମୋର ପ୍ରଥମ ନିବେଶକ ସମ୍ମିଳନୀ। ମୋର ପୁରା ବିଶ୍ୱାସ, ଏ ଯାତ୍ରା ନିଶ୍ଚୟ ସଫଳ ହେବ। ଆଶା କରୁଛି, ଯେତେବେଳେ ବିଶ୍ୱରୁ ନିବେଶକମାନେ ଭାରତରେ ନିବେଶ କରିବାକୁ ଚାହିଁବେ, ସେତେବେଳେ ଓଡ଼ିଶା ସେମାନଙ୍କର ପ୍ରଥମ ପସନ୍ଦର କ୍ଷେତ୍ର ହେବ। ସିଙ୍ଗାପୁରରେ ମୋର ସ୍ପଷ୍ଟ ବାର୍ତ୍ତା ହେବ, ବିଜିନେସ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ଏବଂ ଭାରତର ବିକାଶର କାହାଣୀରେ ଓଡ଼ିଶା ସମସ୍ତଙ୍କ ପାଇଁ ମୁଖ୍ୟ ଆକର୍ଷଣ ହେବା ପାଇଁ ପ୍ରସ୍ତୁତ ଅଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

୪ ଦିନିଆ ଗସ୍ତରେ ସିଙ୍ଗାପୁର ଯିବା ପୂର୍ବରୁ ଭୁବନେଶ୍ୱର ବିମାନବନ୍ଦରରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉନ୍ନତ ଶିଳ୍ପ ବାତାବରଣ ପାଇଁ ସିଙ୍ଗାପୁର ପ୍ରସିଦ୍ଧ। ଏଠାରେ ରସାୟନ, ପେଟ୍ରୋକେମିକାଲ୍ସ, ସବୁଜ ଶକ୍ତି, ଲଜିଷ୍ଟିକ୍ସ, ଜାହାଜ ନିର୍ମାଣ, ଆର୍ଥିକ ସେବା, ଇଲୋକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ ଓ ବସ୍ତ୍ର ନିର୍ମାଣରେ ଆଦି କ୍ଷେତ୍ରରେ ବଡ କମ୍ପାନୀମାନେ କାମ କରୁଛନ୍ତି।



ସେସବୁ କମ୍ପାନୀ ଗୁଡିକର ଶୀର୍ଷ ନେତୃତ୍ୱମାନଙ୍କ ସହିତ ଆଲୋଚନା କରି ଓଡ଼ିଶାର ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ ଓ ଆମର ଉନ୍ନତ ଶିଳ୍ପ ନୀତି ସମ୍ପର୍କରେ ଜଣାଇବୁ। ବିକଶିତ ଓଡ଼ିଶା ଗଠନ, ବ୍ୟାପକ ପୁଞ୍ଜି ନିବେଶ ଓ ବହୁ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସେମାନଙ୍କୁ ନିମନ୍ତ୍ରଣ କରିବୁ। ଟୁଆସ୍ ପୋର୍ଟ, ଜୁରାଙ୍ଗ ପେଟ୍ରୋକେମିକାଲ୍ସ କମ୍ପ୍ଲେକ୍ସ ଏବଂ ଆଇଟିଇଏସ୍ ଭଳି କେତେକ ବିଶ୍ୱ ସ୍ତରୀୟ କମ୍ପାନୀ ପରିଦର୍ଶନ କରିବୁ। ସେମାନଙ୍କର ଉନ୍ନତ ବ୍ୟବସ୍ଥାକୁ ବୁଝିବା ସହିତ ଓଡ଼ିଶାରେ ମଧ୍ୟ ସେହି ଭଳି ବା ତା ଠାରୁ ଅଧିକ ଉନ୍ନତ ବ୍ୟବସ୍ଥା କାର୍ଯ୍ୟକାରୀ କରିବୁ। ସିଙ୍ଗାପୁର ଓ ଆସିଆନ ଦେଶମାନଙ୍କରେ ପ୍ରବାସୀ ଓଡିଆଙ୍କୁ ମଧ୍ୟ ଭେଟିବି। ସେମାନେ ଓଡ଼ିଆ ଭାଷା ଓ ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡର ହୋଇ ଆମକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶା ଓ ସିଙ୍ଗାପୁର ➪ପୃଷ୍ଠା-୬

# ପ୍ରତି ପଞ୍ଚାୟତରେ ଖୋଲିବ 'କ୍ଷୀର ଧାରା' କେନ୍ଦ୍ର

- ଦୁଗ୍ଧ ଚାଷୀଙ୍କ ପାଖକୁ ଡିବିଟିରେ ଯିବ ଟଙ୍କା
- ସମ୍ବଲପୁର, ଗଞ୍ଜାମ, ବାଲେଶ୍ୱରରେ ଡାଏରୀ ପ୍ଲାଣ୍ଟ

ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): କ୍ଷୀର ବିକ୍ରି କରି ଦୁଗ୍ଧ ଚାଷୀଙ୍କୁ ସଶକ୍ତ କରିଥିବା ଓମ୍‌ଫେଡ୍ ପଞ୍ଚାୟତରେ ଖୋଲିବ କ୍ଷୀର ଧାରା କେନ୍ଦ୍ର। ଲୋକଙ୍କ ଆବଶ୍ୟକତାକୁ ଦେଖି ଓମ୍‌ଫେଡ୍ ପାଣି ପାଉଚ୍, ଆଇସକ୍ରିମ୍, ଚକୋଲେଟ୍ ଆଦି ପ୍ରସ୍ତୁତ କରିବ। କ୍ଷୀର ଧାରା କେନ୍ଦ୍ରରେ ଚାଷୀମାନେ କ୍ଷୀର ବିକ୍ରି କରିପାରିବେ।

ଓମ୍‌ଫେଡ୍ ସମୀକ୍ଷା ବୈଠକ ପରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଓମଫେଡ ହେଉଛି ଓଡ଼ିଶାର ଅସ୍ମିତା। ଲୋକଙ୍କ ଚାହିଦା ଦେଖି ବିଭିନ୍ନ ସ୍ଥାନରେ ଓମ୍‌ଫେଡ୍ ପାର୍ଲର ଖୋଲାଯିବ। ପ୍ରତି ପଞ୍ଚାୟତରେ କ୍ଷୀରଧାର କେନ୍ଦ୍ର ଖୋଲାଯିବ। ଚାଷୀଙ୍କ ପାଖକୁ ଡିବିଟି ମାଧ୍ୟମରେ ଟଙ୍କା ଟ୍ରାନ୍ସଫର କରାଯିବ। ଅତି ଆବଶ୍ୟକ ଥିବା ସ୍ଥାନରେ ବର୍ତ୍ତମାନ ସୁଦ୍ଧା ୨୦ଟି କ୍ଷୀରଧାରା କେନ୍ଦ୍ର ଖୋଲା ସରିଲାଣି। ମାସେ ଭିତରେ ଆଉ ୨୭ରୁ ୨୮ଟି କ୍ଷୀରଧାରା କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରକୁ ଓମ୍‌ଫେଡ୍ ➪ପୃଷ୍ଠା-୬




# ଦ୍ୱିଗୁଣ ହେବ ମେଡିକାଲ ସିଟ୍

ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): ଆସନ୍ତା ୫ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଏମବିବିଏସ୍ ସିଟ ସଂଖ୍ୟା ଦ୍ୱିଗୁଣ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଖୁବଶୀଘ୍ର ଆଉ ୫ହଜାର ଡାକ୍ତର ଓ ୩ହଜାର ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଶ୍ରୀ ମହାଲିଙ୍ଗ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୫ବର୍ଷ ମଧ୍ୟରେ ିଇଭିନ୍ନ ମେଡିକାଲ କଲେଜରେ ଥିବା ଏମବିବିଏସ୍ ସିଟ୍ ସଂଖ୍ୟା ୨୫୦୦ରୁ ୫ହଜାରକୁ ବୃଦ୍ଧି କରିବା ଲଣଘଇ ସରକାର ଯୋଜନା କରିଛନ୍ତି। ଡାକ୍ତର ପଦବୀଗୁଡ଼ିକ ପୂରଣ ପାଇଁ ଖୁବଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ୫ହଜାର ଡାକ୍ତର ପଦବୀ ଓ ବିଭିନ୍ନ ବର୍ଗର ୩ ହଜାର ସ୍ୱାସ୍ଥ୍ୟ କର୍ମଚାରୀ ପଦବୀକୁ ପୂରଣ ନିମନ୍ତେ ସରକାର ଏବେ ପଦକ୍ଷେପ ନେଇଛନ୍ତି। ଏସବୁ ବ୍ୟତୀତ ରାଜ୍ୟର ସମସ୍ତ ନୂଆ ମେଡିକାଲ କଲେଜରେ ପୋଷ୍ଟ ଗ୍ରାଜୁଏସନ୍ ପାଠ୍ୟକ୍ରମ ଆରମ୍ଭ କରିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ବେଡ୍ ସଂଖ୍ୟାକୁ ୪୦୦କୁ ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ➪ପୃଷ୍ଠା-୬

# ପୁଲିସ୍ ଗୃହ ନିର୍ମାଣ ନିଗମରେ ଅବସରଙ୍କୁ ପୁରସ୍କାର

- ପୂର୍ବତନ ଅଧ୍ୟକ୍ଷାଙ୍କୁ ଦାୟୀ କରୁଛନ୍ତି କର୍ମଚାରୀ
- ସୌମେନ୍ଦ୍ରଙ୍କ ପଦେକ୍ଷପ ଉପରେ ନଜର

ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ସରକାର ନିୟମ କରିଛନ୍ତି ଯେ କୌଣଷି ଅବସରପ୍ରାପ୍ତ କର୍ମଚାରୀ ସରକାରଙ୍କ ଅଧିନରେ ପୁଣିଥରେ କାର୍ଯ୍ୟ କରିପାରିବେ ନାହିଁ। ପୁଣିଥରେ ଅବସ୍ଥାପିତ ହେବା ପାଇଁ ଉକ୍ତ ପ୍ରସ୍ତାବକୁ ମୁଖ୍ୟସଚିବ, ବିଭାଗୀୟ ସଚିବଙ୍କ ସହିତ ବିତ୍ତସଚିବଙ୍କୁ ନେଇ କମିଟି ଅନୁମୋଦନ କରିବ।

କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ବିଜ୍ଞପ୍ତି ବାହାରିବା ପରେ ପୁଲିସ୍ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷା ଡ. ସନ୍ତୋଷ ବାଲା ମହୋଦୟା, ନିଜେ ଆଦେଶ ଜାରି କରି କେବଳ ଶ୍ରୀ ସ୍ମାରକ ରଞ୍ଜନ ମହାନ୍ତିଙ୍କର ଚାକିରି ଅବଧି ପୁଣି ଥରେ ବଢାଇ ନଥିଲେ ବରଂ ତାଙ୍କୁ 'ଇନଚାର୍ଜ'ରୁ ବାଦ ଦେଇ ସ୍ଥାୟୀ ରୂପରେ ଡେପୁଟି ଜେନେରାଲ ମ୍ୟାନେଜର(ଆଡମିନ) ହିସାବରେ ନିଯୁକ୍ତି ଦେବା ସହିତ ଦରମା ମଧ୍ୟ ବଢାଇ ଦେଇଥିଲେ। ଅତ୍ୟନ୍ତ ପରିତାପର ବିଷୟ, ସେ










ଚାକିରି କାଳ ସରିବାପରେ କର୍ପୋରେସନରେ ପୁନଃ ନିଯୁକ୍ତି ପାଇଥିବା ପ୍ରଦିପ ପଣ୍ଡା, ଟେକନିକାଲ ଆଡଭାଇଜର ଟୁ ସି.ଏମ.ଡି.; ଶ୍ରୀ ସ୍ମାରକ ରଞ୍ଜନ ମହାନ୍ତି, ଡେପୁଟି ଜେନେରାଲ ମ୍ୟାନେଜର(ଆଡମିନିଷ୍ଟ୍ରେସନ) ଏବଂ ପୂର୍ବରୁ ➪ପୃଷ୍ଠା-୬

# ଲେନିନଙ୍କ ମାମଲତିକୁ ସରୁ ଚଟକଣି !



ଆଜି ପ୍ରେସ୍ ଦିବସରେ ସାମ୍ବାଦିକଙ୍କ ପାଇଁ ଆଗକୁ ଆସିବା ସହିତ ଶଙ୍ଖଭବନ ଭିତରେ ବିଜେଡିର ନୂଆ ମାମଲତକାର ଲେନିନ ମହାନ୍ତିଙ୍କୁ ସରୁ ଚଟକଣି ଦେଇଛନ୍ତି ସାମ୍ବାଦିକରୁ ନେତା ହୋଇଥିବା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ। ସାମ୍ବାଦିକଙ୍କ ପାଇଁ ଅତନୁଙ୍କ ଏଭଳି ଓକିଲାତି ରାଜଧାନୀ ସାମ୍ବାଦିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଲୋଚନା ଅନୁଯାୟୀ, ସାମ୍ବାଦିକମାନେ ଆଜି ବରିଷ୍ଠ ନେତା ଦେବୀ ମିଶ୍ରଙ୍କର ସାକ୍ଷାତକାର ନେବାପାଇଁ ଶଙ୍ଖଭବନକୁ ଯାଇଥିଲେ। ଦେବୀ ବି ବାଇଟ୍ ଦେବାକୁ ରାଜି ହୋଇଥିଲେ। ହେଲେ ସାମ୍ବାଦିକମାନେ ଆଗୁଆ ପହଞ୍ଚି ଯାଇ ଦେବୀଙ୍କୁ ଅପେକ୍ଷା କରିଥିଲେ। ଏତିକିବେଳେ ଦେଖା ହୋଇଥିଲା ସେଠାରେ ଉପସ୍ଥିତ ଥିବା ଅତନୁ ସବ୍ୟସାଚୀଙ୍କ ସହ। ପ୍ରେସ ଦିବସରେ ସାମ୍ବାଦିକଙ୍କୁ ଦେଖି ଚା' ପିଇବାକୁ ଉପରକୁ ଡାକି ନେଇଥିଲେ। ଦେବୀ ବି ଆସି ପହଞ୍ଚିଥିଲେ। ସାମ୍ବାଦିକମାନଙ୍କ ସହିତ ଦେବୀ-ଅତନୁ ହସଖୁସିରେ କଥା ହେଉଥିବାବେଳେ ସେଠାରେ ପହଞ୍ଚି ଯାଇଥିଲେ ଲେନିନ ମହାନ୍ତି। ଶଙ୍ଖଭବନ ଉପର ମହଲାରେ ସାମ୍ବାଦିକଙ୍କୁ ଦେଖି ନିଆଁବାଣ ହେବା ସହିତ ଏମାନଙ୍କୁ କାହିଁକି ଭିତରକୁ ଡାକିଲ ବୋଲି ଅତନୁଙ୍କୁ ପଚାରିଥିଲେ। ସାମ୍ବାଦିକଙ୍କ ଉପରେ ଏଭଳି ଅପ୍ରତ୍ୟାଶିତ ଆକ୍ରମଣ ଦେଖି ଅତନୁ ଆଗକୁ ଆସି ଲେନିନଙ୍କୁ କହିଥିଲେ, ଏମାନେ ସବୁ ସାମ୍ବାଦିକ। ମୁଁ ବି ସାମ୍ବାଦିକ ପେଶାରୁ ଆସିଛି। କାଲି ଯଦି ରାଜନୀତି ଛାଡ଼ିବି ତେବେ ବସିବି କେଉଁଠ ? ଏମାନଙ୍କ ସହିତ ହିଁ ବସିବି । ଅତନୁଙ୍କର ଏଇ କେଇପଦ କଥା ସତେ ଯେମିତି ଲେନିନଙ୍କ ଗାଲରେ ସରୁ ଚଟକଣି ଲାଗିଲା ଭଳି ଉପସ୍ଥିତ ସାମ୍ବାଦିକମାନେ ଅନୁଭବ କଲେ। କେହି କିଛି ଭାବିବା ପୂର୍ବରୁ ଲେନିନ ବି ତୁନି ହୋଇ ପଳାଇଲେ। ପରେ ନିଜ ଭୁଲ ବୁଝିପାରି ସାମ୍ବାଦିକମାଙ୍କ ନିକଟକୁ ଫେରିବା ସହିତ ପ୍ରେସ୍ ଦିବସ ପାଇଁ କେକ୍ କାଟିଥିଲେ। ସେତେବେଳକୁ ଢେର ବିଳମ୍ବ ହୋଇଯାଇଥିଲା। କେକ୍ ଖାଇ ସାମ୍ବାଦିକମାନେ ଅତନୁଙ୍କୁ ବାହାବା ଦେବା ସହିତ ପ୍ରେସ୍ ଦିବସରେ ନିଜ ପେଶାକୁ ନେଇ ବି ଗର୍ବ ଅନୁଭବ କରି ଫେରିଲେ।

## ଟ୍ରେଣ୍ଡିଂ ନ୍ୟୁଜ୍

- କାର୍ଯ୍ୟରତ ଓ ଅବସରପ୍ରାପ୍ତ ଜବାନମାନଙ୍କୁ ସୁଲଭ ମୂଲ୍ୟରେ ଘର, ଯୋଗାଇବା ପାଇଁ ହରିଆଣା ସରକାର ଜୟ ଜବାନ ଆବାସ ଯୋଜନା ଆରମ୍ଭ କରିବେ।
- ୟୁପିର ଝାନ୍ସୀ ରାଣୀ ମେଡିକାଲ କଲେଜରେ ଅଗ୍ନିକାଣ୍ଡ ଘଟି ୧୦ ନବଜାତଙ୍କ ମୃତ୍ୟୁ ଘଟିଛି। ଏହି ଅଘଟଣରେ ଶୋକ ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। କେନ୍ଦ୍ର ସରକାର ମୃତ ଶିଶୁଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତ ଶିଶୁଙ୍କ ପରିବାର ପାଇଁ ୫ ଲକ୍ଷ ଓ ଗୁରୁତରଙ୍କ ପରିବାର ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କଲେ।
- ୪ ବିଧାନସଭା ଆସନରେ ଉପନିର୍ବାଚନ ପୂର୍ବରୁ ଶିରୋମଣି ଅକାଳୀ ଦଳର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ସୁଖବୀର ସିଂହ ବାଦଲ। ସେ ଦଳର କାର୍ଯ୍ୟକାରୀ କମିଟିକୁ ଇସ୍ତଫାପତ୍ର ପଠାଇଥିବା ସୂଚନା ଦେଲେ ଦଳର ବରିଷ୍ଠ ନେତା ଦଲଜିତ ସିଂହ ଚୀମା।
- ବଡ଼ପଦବୀରେ ନିଯୁକ୍ତି କରାଇଦେବାର ଲୋଭ ଦେଖାଇ ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀଙ୍କ ବାପା ତଥା ଅବସରପ୍ରାପ୍ତ ଡିଏସ୍‌ପି ଜଗଦୀଶ ସିଂହ ପଟାନୀଙ୍କ ଠାରୁ ୫ ଜଣ ବ୍ୟକ୍ତି ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଉତ୍ତର ପ୍ରଦେଶର କୋତୱାଲୀ ଥାନାରେ ଅଭିଯୋଗ ହୋଇଛି।
- ଭାରତୀୟ ସେନାକୁ ମିଳିବାକୁ ଯାଉଛି ୭୫ କିମିରୁ ଅଧିକ କ୍ଷମତା ବିଶିଷ୍ଟ ପିନାକ ଗାଇଡେଡ୍ ରକେଟ। ଏହା ଚାଇନାର କ୍ଷେପଣାସ୍ତ୍ରକୁ ସହ ମୁକାବିଲା କରିବାକୁ ସକ୍ଷମ। ପିନାକା ରକେଟର ଲକ୍ଷ୍ୟଭେଦ କ୍ଷମତା ପ୍ରଥମେ ୧୨୦ ଓ ପରେ ୨୦୦ କିମି ଯାଏଁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଥଳକୂଳ ନ ପାଇ ଡିସିପିଙ୍କ ପ୍ରେସ୍‌ମିଟ

ରାଗିପାଚି ଲାଲ ଡିଜିପି
କମିଶନରଙ୍କୁ କଡ଼ା ତାଗିଦ

ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): କେତବେଳେ ଲୁଟିଲେଣି, ଆଉ କେତେବେଳେ ଦୁଷ୍କର୍ମ ଉଦ୍ୟମ କଲେଣି। କେତବେଳେ ଅପହରଣ ଉଦ୍ୟମ କଲେଣି, ଅନ୍ୟ କେତେବେଳେ ଦାଦା ବଟି ମାଗି ଥାନା ସାମ୍ନାରେ ପିଟିଲେଣି। ଲୁଟେରା ଏତେ ମାତ୍ରାରେ ମାତିଛନ୍ତି ଯେ ଜୀବନ ନେବାକୁ ମଧ୍ୟ ପଛାଉନାହାନ୍ତି। ଏଭଳି ସ୍ଥିତିରେ କୁଆଡେ କମିଶନରେଟ ପୋଲିସ ଉପରେ ପ୍ରବଳ ବର୍ଷିଛନ୍ତି ଡିଜିପି। କମିଶନରେଟ ପୋଲିସ ପାଇଁ ଓଡ଼ିଶା ପୋଲିସ ବଦନାମ ହେଉଥିବା ନେଇ ବିରକ୍ତ ହେବା ସହ ତୁରନ୍ତ ଏଥିରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ଜୋର ଧରିଛି। ବିରକ୍ତ ହେବା ପଛର କାରଣ ହେଉଛି, ନଭେମ୍ବର ୨୯ରେ ଭୁବନେଶ୍ୱରରେ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇ ଦେଶର ସୁରକ୍ଷା ସମ୍ପର୍କରେ ଆଲୋଚନା କରିବେ।




କିନ୍ତୁ ବଡ଼କଥା ହେଉଛି ଯେଉଁ ସ୍ଥାନରେ ଏହି ସମ୍ମିଳନୀ ହେବ, ସେହି ସ୍ଥାନର ସୁରକ୍ଷା ଏବେ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ଯାହାକୁ ନେଇ କିଛିଦିନ ତଳେ କନଭୟ ପାଟ୍ରୋଲିଂ ନାମରେ ରାଜରାସ୍ତାରେ ସିନା ଗାଡି ବୁଲିଥିଲା, କିନ୍ତୁ ଗଳିକନ୍ଦିରେ ଅପରାଧୀ ହଲ୍ଲାବୋଲ ଡାକରା ଦେଇଥିଲେ। ➪ପୃଷ୍ଠା-୬

# ବୈଷ୍ଣବ ପାଣି ମଞ୍ଚରେ ମାହାଙ୍ଗା ବିଧାୟକ ଅନୁପସ୍ଥିତ

- ଅପମାନିତ କଲେ ଜିଲ୍ଲାପାଳ
- ପ୍ରଥମେ ମୁଖ୍ୟମନ୍ତ୍ରୀ, ପରେ ବିଧାୟକ
- ବାବୁଙ୍କର ଏହା ପୁରୁଣାରୋଗ

 କଟକ,୧୬।୧୧ (ସଂଚାର ବ୍ୟୁରୋ) : ସାହିତ୍ୟ ଓ ସାଧନାର ମୂର୍ତ୍ତିମନ୍ତ ପ୍ରତୀକ ଗଣକବି ବୈଷ୍ଣବ ପାଣିଙ୍କୁ ସମ୍ମାନ ଜଣାଇ ତାଙ୍କରି ନାଁରେ କଟକର ଐତିହାସିକ ବାଲିଯାତ୍ରା ପଡିଆରେ ପ୍ରତିବର୍ଷ ଭଳି ଚଳିତବର୍ଷ ପ୍ରତିଷ୍ଠା ହୋଇଛି ବୈଷ୍ଣବପାଣି ମଞ୍ଚ। ହେଲେ ଗତକାଲି ଉଦ୍‌ଘାଟନ ସମାରୋହରେ ଗଣକବିଙ୍କ ଜନ୍ମମାଟି ମାହାଙ୍ଗାର ଜନପ୍ରତିନିଧିଙ୍କୁ ଏଠାରେ ଦେଖିବାକୁ ମିଳିଲା ନାହିଁ। ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କୁ ନିମନ୍ତ୍ରଣ ଦେବାକୁ ଉଚିତ୍ ମନେ କରିନାହାନ୍ତି ବାଲିଯାତ୍ରା ପରିଚାଳନାର ମୁଖ୍ୟ ତଥା କଟକ ଜିଲ୍ଲାପାଳ।

ବୈଷ୍ଣବପାଣି ମଞ୍ଚରେ ମାହାଙ୍ଗା ବିଧାୟକଙ୍କ ଅନୁପସ୍ଥିତକୁ ସହଜରେ ହଜମ କରିପାରିନାହାନ୍ତି ସାଧାରଣ ଲୋକେ। ଏହା କେବଳ ବିଧାୟକଙ୍କୁ ଅପମାନ ନୁହେଁ, ବୈଷ୍ଣବପାଣିଙ୍କ ପ୍ରତି ମଧ୍ୟ ଅପମାନ ବୋଲି କହିବାକୁ ପଛାଇନାହାନ୍ତି। ପୂର୍ବରୁ ଏଭଳି ବ୍ୟତିକ୍ରମ କେବେ ଦେଖିବାକୁ ମିଳି ନ ଥିଲା। ବାଲିଯାତ୍ରା ପଡିଆରୁ ଅନତି ଦୂରରେ ରହିଛି ମାହାଙ୍ଗା ଏବଂ ସେଠାକାର ବିଧାୟକ ଏବେ ଶାସକ ଦଳର ବରିଷ୍ଠ ସହଯୋଗୀ ସଦସ୍ୟ। ତାଙ୍କୁ ନିମନ୍ତ୍ରଣ ନ କରି ଅପମାନିତ କରିବାର ଧୃଷ୍ଟତା କିଭଳି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ କରିପାରିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।






ଜିଲ୍ଲାପାଳଙ୍କର ବାଲିଯାତ୍ରାରେ ଏଭଳି କାରନାମା ଆରମ୍ଭ ହୋଇଥିଲା ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଠାରୁ। ବାଲିଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଭାଡ଼ରେ ଆସିଥିବା ବ୍ୟାଟେରୀ ଅଟୋରେ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ଗାଡିର ପଛରେ ବସାଇ ଦିଆଗଲା। ପରେ ଏହି ଗାଡିରେ ଯାହାକୁ ପାରିଲେ ତାକୁ ଭର୍ତ୍ତିକଲେ। ଅବସ୍ଥା ଏଭଳି ହେଲା ଯେ ମୁଖ୍ୟମନ୍ତ୍ରୀ ରାଗିଯାଇ ଗାଡିରୁ ଓହ୍ଲାଇ ଚାଲି ଚାଲି ଯିବାକୁ ଉଚିତ୍ ମଣିଲେ ।

ପୂର୍ବରୁ ଶ୍ରୀ ସିନ୍ଦେ ବାଲେଶ୍ୱର ଜିଲ୍ଲାପାଳ ଥିବାବେଳେ ବିଜେପିର ପୂର୍ବତନ ମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡଙ୍ଗୀଙ୍କୁ ଖୋଲା ସଭାରେ ଅପମାନିତ କରିଥିଲେ । ଅବସ୍ଥା ଏଭଳି ହୋଇଥିଲା ଯେ ଶ୍ରୀ ଷଡଙ୍ଗୀ ମଞ୍ଚତଳେ ବସିବା ସହିତ କିଛି ସମୟ ପରେ ସଭାଛାଡି ପଳାଇ ଆସିଥିଲେ। ଖୋଲାଖୋଲି ଭାବେ ଜିଲ୍ଲାପାଳଙ୍କ ଉପରେ ବର୍ଷିଥିଲେ। ଏହି ଘଟଣାରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଶ୍ରୀ ସିନ୍ଦେଙ୍କୁ ବଦଳି କରିଥିଲେ। ଏବେ ଐତିହ୍ୟସହର କଟକରେ ସିନ୍ଦେଙ୍କର ପୁରୁଣା ରୋଗ ବାହାରିଛି।


ଲକ୍ଷ ଲକ୍ଷ ଲୋକଙ୍କ ସାମ୍ନାରେ ମୁଖ୍ୟମନ୍ତ୍ରୀଙ୍କୁ ଅପମାନିତ କରିବାପରେ ମାହାଙ୍ଗା ବିଧାୟକଙ୍କୁ ଅପମାନିତ କରିଛନ୍ତି। ଏହା ପରେ ଏହି ତାଲିକାରେ କାହାନାମ ଯୋଡ଼ିହେବ ତାହାକୁ ଏବେ କଟକବାସୀ ଚାହିଁ ବସିଛନ୍ତି। କାହା ସୁପାରିସରେ ଏଭଳି ଜଣେ କରିତ୍‌କର୍ମା ବାବୁ ଐତିହ୍ୟ ସହର କଟକକୁ ଆସିଲେ ତାହା ଜାଣିବାପାଇଁ ଅନେକ କଟକିଆ ଆଗ୍ରହୀ ହୋଇପଡିଥିବା ଲକ୍ଷ୍ୟ କରାଯାଉଛି ।

## ଭରତପୁର ତଦନ୍ତ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି




ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): ଭରତପୁର ଥାନାରେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ ଦୁର୍ବ୍ୟବହାର ମାମଲାର ତଦନ୍ତ କରୁଥିବା ତଦନ୍ତ କମିଶନ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ୨୦୨୫ ଜାନୁଆରି ୩୧ ତାରିଖ ଯାଏ ଏହାକୁ ବୃଦ୍ଧି କରାଯାଇଛି। ଏନେଇ ଶନିବାର ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୂଚନାଯୋଗ୍ୟ ତଦନ୍ତ କମିଶନ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କ କାର୍ଯ୍ୟକାଳ ନଭେମ୍ବର ୨୨ ତାରିଖରେ ସରୁଥିଲା। ଭରତପୁର ମାମଲାରେ ଜଷ୍ଟିସ ଚିତ୍ତ ରଞ୍ଜନ ଦାସଙ୍କ ନେତୃତ୍ୱରେ ଗଠିତ ➪ପୃଷ୍ଠା-୬

# ପର୍ଯ୍ୟଟକଙ୍କ ପାଇଁ ଖୋଲିଲା ହବାଲିଖଟି



**ରାଜନଗର, ୧୬।୧୧ (ସଂଚାର ବ୍ୟୁରୋ):** ଅକ୍ଟୋବର ୨୪ ତାରିଖ ରାତିରେ ହବାଲିଖଟିରେ ବାତ୍ୟା ଦାନା ସ୍ଥଳଭାଗ ଛୁଇଁଥିଲା। ବାତ୍ୟା ଦାନା ପ୍ରଭାବରେ ହବାଲିଖଟିରେ ପର୍ଯ୍ୟଟକଙ୍କ ପାଇଁ ଥିବା ଡଲଫିନ ହାଉସ କ୍ଷତିଗ୍ରସ୍ତ ହୋଇଥିଲା। ଡଲଫିନ ହାଉସର ପିଲାର ତଳୁ ପ୍ରାୟ ୫ ଫୁଟର ବାଲି ଧୋଇ ନେଇଥିଲା। ଝରକା କବାଟ ସହିତ, ପାଣିଟାଙ୍କି ଓ ପାଇଖାନା ପ୍ରଭାବିତ ହୋଇଥିଲା। ବାତ୍ୟା ଦାନା ପାଇଁ ଅକ୍ଟୋବର ୨୩ ତାରିଖରୁ ହବାଲିଖଟି ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥିଲା। ଦୀର୍ଘ ୨୪ଦିନ ପରେ ଆଜିଠାରୁ ହବାଲିଖଟି ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ଆଜି ପ୍ରଥମ ଦିନରେ ହବାଲିଖଟିରେ ଥିବା ୪ଟି ଡଲଫିନ ହାଉସ ସମେତ ୫ଟି ଟେଣ୍ଟ ହାଉସ ବୁକିଂ ରହିଛି।

ଏକକୁଳ। ଠାରୁ ଆରମ୍ଭ ହୋଇ ସାତଭାୟା ଯାଏଁ ମାଇଲ ମାଇଲ ବ୍ୟାପ୍ତ ନିର୍ଜନ ବେଳାଭୂମି ହବାଲିଖଟି। ଗୁପ୍ତିରୁ ପ୍ରାୟ ଅଢେଇ ଘଣ୍ଟା ଜଳପଥରେ ଯିବାପରେ ହବାଲିଖଟି ଜେଠି ନିକଟରେ ପହଁଚିହେବ। ଜେଠିରୁ ପ୍ରାୟ ୨ କିଲୋମିଟର ପାଦଚଲା ରାସ୍ତାରେ ଗଲେ ପଡେ ହବାଲିଖଟି ଅତିଥିଶାଳା। ହବାଲିଖଟିରେ ଡଲଫିନ ହାଉସ ନାଁରେ ୪ଟି କଟେଜ ସହିତ ୫ଟି ଟେଂଟ ହାଉସ ରହିଛି। କେବଳ ରାତ୍ରିଯାପନ କରୁଥିବା ପର୍ଯ୍ୟଟକମାନଙ୍କୁ ହବାଲିଖଟି ଯିବାକୁ ଅନୁମତି ଦିଆଯାଇଥାଏ।

କୋଳାହଳ ଠାରୁ ସମ୍ପୂର୍ଣ୍ଣ ଦୂରରେ ଥିବା ହବାଲିଖଟିରେ ନିର୍ଜନ ବେଳାଭୂମିର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରିହୁଏ। ଡଲଫିନ ହାଉସ ଭିତରେ ରହି ବଂଗୋପସାଗରରେ ଡଲଫିନଙ୍କ ଜଳକ୍ରୀଡା ଦେଖିବାକୁ ମିଳିଥାଏ। ଏଥିସହିତ ହବାଲିଖଟିରେ ଅଧିକ ସଂଖ୍ୟାରେ ଝିଙ୍କ, ନୀଳରଙ୍ଗୀ ଏଣ୍ଡୁଅ ଓ ଅହିରାଜ, ଅଜଗର ସାପ ମଧ୍ୟ ଦେଖିବାକୁ ମିଳିଥାଏ।

# ସୂର୍ଯ୍ୟମନ୍ଦିର ବୁଲିଲେ ୧୪ ଦେଶର ରାଷ୍ଟ୍ରଦୂତ ଓ କମିଶନର



**କୋଣାର୍କ, ୧୬।୧୧ (ସଂଚାର ବ୍ୟୁରୋ):** ଶନିବାର ମଧ୍ୟାହ୍ନରେ ୧୪ଟି ଦେଶର ରାଷ୍ଟ୍ରଦୂତ ଓ କମିଶନର କୋଣାର୍କ ସୂର୍ଯ୍ୟ ମନ୍ଦିର ବୁଲି ଦେଖିଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଶୁକ୍ରବାର ମଧ୍ୟାହ୍ନରେ ଶ୍ରୀଲଙ୍କା, ବାଂଲାଦେଶ, ଥାଇଲାଣ୍ଡ, ଭୁଟାନ, ନେପାଳ, ମାଲେସିଆ, ଇଣ୍ଡୋନେସିଆ, ନିଉଜିଲ୍ୟାଣ୍ଡ ଆଦି ୧୪ଟି ଦେଶର ରାଷ୍ଟ୍ରଦୂତ, କମିଶନର ଏବଂ ମନ୍ତ୍ରୀ ପରିଷଦ କୋଣାର୍କ ସୂର୍ଯ୍ୟ ମନ୍ଦିର ସମେତ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରିଥିଲେ। ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର କାରୁକାର୍ଯ୍ୟ ଦେଖି ଉଚ୍ଚ ପ୍ରଶଂସା କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ଅତିଥି ମାନଙ୍କୁ ସୂର୍ଯ୍ୟ ମନ୍ଦିର ଗେଟ୍ ସମ୍ମୁଖରେ ଫୁଲ ଚନ୍ଦନ ଦିଆଯାଇ ସ୍ୱାଗତ କରାଯାଇଥିଲା। ଆଗନ୍ତୁକ ଅତିଥି ମାନଙ୍କ ପାଇଁ କୋଣାର୍କ ଥାନା ପକ୍ଷରୁ ବ୍ୟାପକ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବନ୍ଧପାଟଣା ଗ୍ରାମରେ କାର୍ତ୍ତିକେଶ୍ୱର ପୂଜା



**ରାଜନଗର, ୧୬।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଓସ୍ତିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବନ୍ଧପାଟଣା ଗ୍ରାମରେ ମା'ଥାନପତି ଯୁବକ ସଂଘ ଆନୁକୂଲ୍ୟରେ ଶ୍ରୀ ଶ୍ରୀ କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ପ୍ରମୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଆମ ଉତ୍କଳୀୟ ପରମ୍ପରାରେ ନୌବାଣିଜ୍ୟ ଓ କାର୍ତ୍ତିକ ମାସର ମହାତ୍ମ୍ୟ ଆମ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହିତ ଦେଶର ସମୃଦ୍ଧିରେ ସହାୟକ ହେଉ ବୋଲି କହିଥିଲେ। ଯୁବ ସମାଜସେବୀ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ଶିକ୍ଷାବିତ ସର୍ବେଶ୍ୱର ମହାନ୍ତି, ରାଧାକାନ୍ତ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଯୁବଶକ୍ତି ଏକତ୍ର ହୋଇ କାର୍ଯ୍ୟକଲେ ଆମ ସଂସ୍କୃତି ଓ ପରମ୍ପରା ବଜାୟ ରହିବା ସହିତ ଭାଇଚାରା ଅକ୍ଷୁର୍ଣ୍ଣ ରହିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ କମିଟିର ସଭାପତି ସୁଶାନ୍ତ କୁମାର ସେଠୀ, ଉପଦେଷ୍ଟା ରାମଚନ୍ଦ୍ର ସେଠୀ ବାସବ ଦାସ, ଭିକାରୀ ଚରଣ ସେଠୀ, ମଥୁରାନନ୍ଦ ସେଠୀ, ପ୍ରିୟରଞ୍ଜନ ସେଠୀ, ରାଜେଶ କୁମାର ସେଠୀ, ପବିତ୍ର କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଗ୍ରାମର କୁନି କୁନି ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ସ୍ୱର୍ଗତ ଫକୀର ଚରଣ ସେଠୀଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

### ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୪ ପାଳିତ

# କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେବି ହୋଇନି ସାମଗ୍ରିକ ବିକାଶ




**କେନ୍ଦ୍ରାପଡ଼ା, ୧୬।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଏବେବି ହୋଇପାରିନି ସାମଗ୍ରିକ ବିକାଶ । ଏବେବି କେନ୍ଦ୍ରାପଡ଼ା ଜିଲ୍ଲା ବହୁ ପଛରେ ଅଛି । ଏଭଳି ବୟାନ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ବଡ଼ ବଡ଼ ନେତାଙ୍କ ବିକାଶର ପୋଲ ଖୋଲିଛନ୍ତି ଜିଲ୍ଲାପାଳ । ଶନିବାର ଦିନ ପୂର୍ବାହ୍ନରେ ପାଳନ ହୋଇଥିବା ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୨୪ ସମୟରେ ଉପ-ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି । ଜିଲ୍ଲାରେ ଘଟୁଥିବା ଘଟଣାବଳିକୁ ଲୋକଲୋଚନକୁ ଆଣିବା ସହ ସ୍ୱଚ୍ଛ ଓ ନିର୍ମଳ ଶାସନ ନିମନ୍ତେ ଗଣମାଧ୍ୟମ ଜିଲ୍ଲା ପ୍ରଶାସନ ପାଇଁ ଦର୍ପଣ ରୂପେ କାର୍ଯ୍ୟ କରିଥାନ୍ତି ବୋଲି ମୁଖ୍ୟ ଅତିଥି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମତବ୍ୟକ୍ତ କରିଥିଲେ । ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାକୁ ସମ୍ବିଧାନର ତିନିସ୍ତମ୍ଭର ଆଖ୍ୟା ଦିଆଯାଉଥିବା ବେଳେ ପ୍ରଥମ ଦୁଇଟି ପରସ୍ପର ନିର୍ଭରଶୀଳ ଏବଂ ତୃତୀୟଟି ସ୍ୱାଧୀନ ଏବଂ ନିରପେକ୍ଷ । ଏମାନଙ୍କୁ ସୁନିୟନ୍ତ୍ରିତ କରିବା ପାଇଁ ଗଣମାଧ୍ୟମ ଚତୁର୍ଥ ସ୍ତମ୍ଭଭାବେ କାର୍ଯ୍ୟକରେ । ଗଣମାଧ୍ୟମ ଦ୍ୱାରା ପ୍ରକାଶିତ ଓ ପ୍ରସାରିତ ସମ୍ବାଦ ଶାସନ ବ୍ୟବସ୍ଥାର ନୀତି, କାର୍ଯ୍ୟଶୈଳୀ, ପରିକଳ୍ପନା ଓ ସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥାଏ । ଫଳରେ ସମାଜ ଓ ରାଷ୍ଟ୍ରର ଚରିତ୍ର ଗଠନ ଓ ସଂଶୋଧନ ନିମନ୍ତେ ଗଣମାଧ୍ୟମର ଭୂମିକା ଅନସ୍ୱୀକାର୍ଯ୍ୟ ଓ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଗଣତନ୍ତ୍ର ସୁଦୃଢ ପାଇଁ ଗଣମାଧ୍ୟମର ଭୂମିକା ସମ୍ପର୍କରେ ସେ ମତ ପ୍ରକାଶ କରିଥିଲେ । ଗଣମାଧ୍ୟମ ଜିଲ୍ଲା ପ୍ରଶାସନର ଆଖି ଓ କାନ ଭଳି କାର୍ଯ୍ୟକରି ପ୍ରଶାସନିକ କାର୍ଯ୍ୟାବଳିର ତଥ୍ୟଭୀତିକ ତ୍ରୁଟି ଲୋକଲୋଚନକୁ ଆଣିଥାନ୍ତି ଫଳରେ ଜିଲ୍ଲାପ୍ରଶାସନ ନିଜର ତ୍ରୁଟିକୁ ସୁଧାରିବା ପାଇଁ ସକ୍ଷମ ହୋଇଥାଏ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆରସିଂହଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଶ୍ରୀ ତପନ କୁମାର ପତି ଯୋଗଦେଇ "ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ" ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ସାମ୍ବାଦିକତା ହେଉଛି ଏକ ବ୍ରତ । ଗଣମାଧ୍ୟମ ଓ ପ୍ରଶାସନ ମଧ୍ୟରେ ସମ୍ପର୍କ ସୁଦୃଢ ରହିଲେ ଜନସାଧାରଣଙ୍କ ସମସ୍ୟା ସମାଧାନ ହୋଇପାରିବ । ଜିଲ୍ଲା ଓ ବ୍ଲକସ୍ତରର ବିଭିନ୍ନ ପ୍ରିଣ୍ଟ ଓ ଇଲୋକ୍ଟ୍ରୋନିକ ଗଣମାଧ୍ୟମର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ, ରବିନାରାୟଣ ପତି, ଆଶିଷ ସେନାପତି,ଜଗନ୍ନାଥ ଧଳ, ମାତୃଦତ୍ତ ମହାନ୍ତି, ପ୍ରଭାତ ଲେଙ୍କା,ମହେଶ ପଡ଼ି,ଦୁର୍ଗା ପ୍ରସାଦ ପତି, ରାଧାକାନ୍ତ ମହାନ୍ତି,ପ୍ରସନ୍ନ ଧଳ,ସୁଶାନ୍ତ ନାୟକ ଓ ନମିତା ନାୟକ ପ୍ରମୁଖ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ସେମାନଙ୍କ ସମ୍ବାଦ ସଂଗ୍ରହ ସମ୍ପର୍କିତ ଅଭିଜ୍ଞତା ଓ ଦିବସ ପାଳନ ଉପଲକ୍ଷେ ଆଲୋଚ୍ୟ ବିଷୟ "ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ" ସମ୍ପର୍କରେ ନିଜସ୍ୱ ସୁଚିନ୍ତିତ ତଥ୍ୟ ପ୍ରଦାନ କରିବା ସହ ପ୍ରଶାସନ ସମ୍ମୁଖରେ ଗଣମାଧ୍ୟମରେ ପ୍ରକାଶ ପାଉଥିବା ଅଭିଯୋଗ ଗୁଡ଼ିକର ତଦନ୍ତ କରିବା ଆବଶ୍ୟକ ବୋଲି ସାମ୍ବାଦିକମାନେ ଅନୁରୋଧ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅଶୋକ ବଳିଆରସିଂହ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ଦେବା ସହ ଶେଷରେ ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶରତ ରାହାସ ଏବଂ ମା' ଅମ୍ବିକା ସୁନ୍ଦରୀଙ୍କ ବାର୍ଷିକ ଉତ୍ସବ




**କେନ୍ଦ୍ରାପଡ଼ା, ୧୬।୧୧ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ୍ ବଉଳକଣି ପଞ୍ଚାୟତ ର ବଡ଼ ତୋଟା ଛପାଳି ଗ୍ରାମର ଶ୍ରୀ ଶ୍ରୀ ଅମ୍ବିକା ସୁନ୍ଦରୀ ଠାକୁରାଣୀଙ୍କ ବିଜେସ୍ଥଳୀରେ ଶରତ ରାହାସ ଓ ମା'ଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ଗ୍ରାମର ସଭାପତି ପବିତ୍ର ପରିଡ଼ା ଓ ସମ୍ପାଦକ ଲଙ୍ଗୁଳୀ ସାମଲଙ୍କ ନେତୃତ୍ୱରେ ଓ ଗ୍ରାମ କମିଟିର ସଞ୍ଚାଳନ ଏବଂ ଗ୍ରାମବାସୀଙ୍କ ସହଯୋଗରେ ବର୍ଣ୍ଣାଢ୍ୟ ପରିବେଶରେ କାର୍ଯକ୍ରମ ସମ୍ପାଦନ କରାଯାଇଛି । ଏହା ଦଶମୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରାଯାଇଅଛି। ଗ୍ରାମ ଠାକୁରାଣୀଙ୍କ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ଭାଗନେଇ ଶହେ ଆଠ କଳସ ସଙ୍କୀର୍ତ୍ତନ ପଟୁଆରରେ ବୁଡ଼ାଇଥିଲେ। ପାଞ୍ଚ ଦିନ ବ୍ୟାପୀ ଗ୍ରାମରେ ହବିଷ ଭୋଜନ ହୋଇଥିଲା। ଗ୍ରାମ ସଭାପତି ପବିତ୍ର ପରିଡ଼ା ଓ ଧର୍ମ ପତ୍ନୀ ରିନା ରାଣୀ ପରିଡ଼ା କର୍ତ୍ତା ହୋଇଥିଲେ, ଗ୍ରାମ ବୟୋଜ୍ୟେଷ୍ଠ ମୋହନ ଚରଣ ଦାସ,ବୈଷ୍ଣବ ପରିଡ଼ା,କସ୍ତୁରି ଗାହାଣ, ପରମାନନ୍ଦ ହାତୀ,କବିନ୍ଦ୍ର ସାମଲ, ଭରତ ପାତ୍ର, ଆରତ ପାତ୍ର,ସୁବାସ ହାତୀ,ନକୁଳ ରାଉତ,ପ୍ରଦୀପ୍ତ ରାଉତ,ଚରଣ ରାଉତ ଓ ବାସୁଦେବ ଦାସ ,ବାବୁଲି ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ରିନା ରାଣୀ ପରିଡ଼ା,ମମତା ସାମଲ, ସୋର୍ଣ ସାମଲ, ଲକ୍ଷ୍ମୀ ରାଉତ, ମମତା ପ୍ରଧାନ ପ୍ରମୁଖ କଳସ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ ।

## ଟ୍ରକ-ବାଇକ୍ ମୁହାଁମୁହିଁ ଧକ୍କା ; ବାଇକ୍ ଚାଳକ ମୃତ

**ବାରିପଦା, ୧୬।୧୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବହଳଦା ଥାନା ଅନ୍ତର୍ଗତ ରାଇରଙ୍ଗପୁର - ବହଳଦା ଜାତୀୟ ରାଜପଥ ୨୨୦ ନମ୍ବର ତେନ୍ତୁଳା ଗ୍ରାମ ଶିରିଡି ଆଇଟିଆଇ ଛକ ପୋଲ ପାଖରେ ଟ୍ରକ ଓ ବାଇକ୍ ମୁହାଁମୁହିଁ ମର୍ମନ୍ତୁଦ ଦୁର୍ଘଟଣାରେ ବାଇକ ଚାଳକ ମୃତ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ବହଳଦା ଥାନା ଅନ୍ତର୍ଗତ କୁମ୍ଭୀରଦା ଗ୍ରାମର ମିଲେଟ୍ରୀ ବେହେରାଙ୍କ ପୁଅ ରତନ ବେହେରା (୩୫) ଆଜି ପୂର୍ବାହ୍ନ ୧୧.୩୦ ଟା ପାଖାପାଖି ସମୟରେ ରାଇରଙ୍ଗପୁରରୁ ଘରକୁ ନିଜ ବାଇକରେ ଯାଉଥିବା ସମୟରେ ସାମ୍ନା ପଟୁ ଦୃତ ଗତିରେ ଆସୁଥିବା ଟ୍ରକ ସହିତ ମୁହାଁମୁହିଁ ଧକ୍କା ହେବା ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲେ। ଖବର ପାଇ ବହଳଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୋଲିସ ଗାଡିରେ ରାଇରଙ୍ଗପୁର ଡାକ୍ତରଖାନାକୁ ଆଣିଥିଲେ । ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଗାଡି ଦୁଇଟିକୁ ଜବତ କରିବା ସହିତ ଘଟଣାର ତଦନ୍ତ କରୁଛି ।

### ଅବ୍ୟବସ୍ଥାରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ରୋଗୀଙ୍କୁ ମିଳୁନି ବେଡ୍‌ସିଟ୍, ଖାଲି ଶଯ୍ୟାରେ ଶୋଉଛନ୍ତି



**ମହାକାଳପଡ଼ା, ୧୬।୧୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଞ୍ଚଳର ରୋଗୀ ମାନଙ୍କ ଚିକିତ୍ସା ପାଇଁ ରହିଛି ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ଆଖପାଖ ଅଞ୍ଚଳରୁ ଅନେକ ଲୋକ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସିତ ହେବା ପାଇଁ ଆସନ୍ତି। ହେଲେ କର୍ମଚାରୀ ମାନଙ୍କ ଦାୟିତ୍ୱ ହୀନତା ପାଇଁ ଏ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଏବେ ଲୋକଙ୍କ ଭରଷା ତୁଟୁଥିବା ଦେଖିବାକୁ ମିଳିଛି। ଚିକିତ୍ସା ପାଇଁ ଆସୁଥିବା ରୋଗୀ ମାନଙ୍କ ପାଇଁ ବେଡସିଟ୍ ଦିଆଯାଉ ନାହିଁ। ଯାହାଫଳରେ ରୋଗୀ ମାନେ ଖାଲି ବେଡ୍‌ରେ ଶୋଇବାକୁ ବାଧ୍ୟ ହେଉଛନ୍ତି। ପଡିଥିବା ବେଡ୍ ଗୁଡ଼ିକ ମଧ୍ୟ ଚିରି ଫାଟି ଗଲାଣି। ସ୍ଥାନେ ସ୍ଥାନେ ଗାତ ସଦୃଶ ଦୃଶ୍ୟମାନ ହେଉଛି। ଯାହା ଫଳରେ ସାଧାରଣ ଲୋକ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଆସ୍ଥା ହରାଉଛନ୍ତି।

ସଡ଼କ ଦୁର୍ଘଟଣାରେ ଆହତ ଜନିତ ଚିକିତ୍ସା ପାଇଁ ଯାଇଥିବା ଦେଉଳପଡା ପଞ୍ଚାୟତ ଅମିରାବାଦ ଗ୍ରାମର ଶାନ୍ତନୁ ଦାସଙ୍କୁ ସାଙ୍ଗରେ ନେଇକି ଯାଇଥିବା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ବିଘ୍ନେଶ ସେଠୀ ଏନେଇ ଅଭିଯୋଗ ଆଣିଛନ୍ତି। ବିଘ୍ନେଶ କହିଛନ୍ତି ଚିକିତ୍ସା ପାଇଁ ଆସୁଥିବା ସମସ୍ତ ରୋଗୀ ଖଣ୍ଡିଆ ବେଡ଼ରେ ବିନା ବେଡ୍ ସିଟ୍‌ରେ ଶୋଇବାକୁ ବାଧ୍ୟ ହେଉଛନ୍ତି। ମେଡିକାଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ରୋଗୀମାନେ ଏମିତି ଅସୁବିଧା ଭୋଗୁଛନ୍ତି। ସରକାର ସାଧାରଣ ଲୋକଙ୍କ ଚିକିତ୍ସା କ୍ଷେତ୍ରରେ ନୂଆ ନୂଆ ଉନ୍ନତ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବେଳେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ କିନ୍ତୁ ରୋଗୀଙ୍କୁ ବେଡ଼ ସିଟ୍ ଟିଏ ମିଳି ପାରୁନାହିଁ। ପ୍ରଶ୍ନ ଉଠୁଛି ମହାକାଳପଡ଼ା ମେଡିକାଲ୍ କର୍ତ୍ତୃପକ୍ଷ ଯଦି ରୋଗୀଙ୍କ ସେବା ଏମିତି କରୁଛନ୍ତି ତେବେ ସେଠାରେ ଚାଲିଥିବା ଚିକିତ୍ସା କେତେ ଉନ୍ନତ? ବିଭିନ୍ନ ସମୟରେ ନୂତନ ଅଟ୍ଟାଳିକା ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ ହେଉଛି। ହେଲେ ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ।

**ଘଟଣାକୁ ଦୃଢ଼ ନିନ୍ଦା କଲା ମହାକାଳପଡ଼ା ୟୁଥ୍ ଗ୍ରୁପ**

ଏ ଘଟଣା ସମ୍ପର୍କରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ ଆମେ ଯୋଗାଯୋଗ କରିବାରୁ ଘଟଣା ପାଇଁ ଦୁଃଖ ପ୍ରକାଶ କରିବା ସହିତ ଆଗକୁ ଏମିତି ସମସ୍ୟା ଦେଖା ନଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏମିତି ଅସମ୍ବେଦନଶୀଳ ଘଟଣା ପାଇଁ ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାର ତରଫରୁ ଦୃଢ଼ ନିନ୍ଦା କରାଯାଇଛି। ଯାହାକୁ ନେଇ ଜିଲ୍ଲା ପ୍ରଶାସନ ଏମିତି ଦାୟିତ୍ୱହୀନ ମେଡିକାଲ୍ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉତ୍ତମ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

### ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣା

# କାର୍ଯ୍ୟାନୁଷ୍ଠାନ ନ ହେଲେ ସୋମବାର ଥାନା ଘେରାଉ




**ଅଭିଯୁକ୍ତଙ୍କୁ ଥାନାରୁ ଜାମିନ**

**କୋର୍ଟ ଚାଲାଣ ପାଇଁ ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ସଂଘର ଦାବୀପତ୍ର**

**ପଟ୍ଟାମୁଣ୍ଡାଇ, ୧୬।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁଙ୍କୁ ଦୁର୍ବ୍ୟବହାର ଓ ବ୍ଲକ ଗଣ୍ଡଗୋଳ ଘଟଣା ଭିନ୍ନ ମୋଡ଼ ନେଇଛି। ଏହି ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବୀରେ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ଅନଶନ ୪ର୍ଥ ଦିନରେ ପହଂଚିଛି। ଗତକାଲି ସନ୍ଧ୍ୟାରେ ଏହି ଘଟଣାରେ ସମ୍ପୃକ୍ତ ଜ୍ୟୋତିପ୍ରକାଶ ପ୍ରଧାନ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆତ୍ମସମର୍ପଣ କରିଥିଲେ।ଆଦର୍ଶ ଥାନା ପୋଲିସ ଜ୍ୟୋତି ପ୍ରକାଶଙ୍କୁ ରାତିରେ ଥାନାରୁ ଜାମିନ ପ୍ରଦାନ କରିବା ସହିତ ଛାଡି ଦେଇଥିଲେ। ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ ନହେବା ପର୍ଯ୍ୟନ୍ତ ଆମରଣ ଅନଶନ ଜାରୀ ରହିବ ବୋଲି ସରପଞ୍ଚ ଓ ସମିତି ସଭ୍ୟ ସଂଘ ଘୋଷଣା କରିଛି।

ପଟ୍ଟାମୁଣ୍ଡାଇ ବିଡ଼ିଓଙ୍କୁ ଦୁର୍ବ୍ୟବହାର ପ୍ରତିବାଦରେ ସରପଞ୍ଚ ସମିତି ସଭ୍ୟ ସଂଘ ଆନ୍ଦୋଳନ ଯୋଗୁଁ ଗତ ୬ ତାରିଖ ଠାରୁ ବ୍ଲକ ଅଚଳ ହୋଇ ପଡ଼ିଛି । ବିଭିନ୍ନ ସରକାରୀ କାର୍ଯ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକକୁ ଆସୁଥିବା ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସରପଞ୍ଚ ଓ ସମିତି ସଭ୍ୟ ସଂଘ ଅନଶନ ଆନ୍ଦୋଳନ ଚାଲିଥିବାବେଳେ ଗତକାଲି ବିଳମ୍ବିତ ରାତିରେ ବିଡ଼ିଓ ଦୁର୍ବ୍ୟବହାରରେ ସମ୍ପୃକ୍ତ ଥିବା ଶ୍ରୀପ୍ରଧାନଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରୁ ଜାମିନରେ ଛାଡି ଦେବା ଘଟଣାରେ ବିଜେଡି ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ, ବିଜେଡି ସାଧାରଣ ସମ୍ପାଦକ କଳାକାର ପ୍ରଧାନ, କାଉନସିଲର ପ୍ରଶାନ୍ତ ବାରିକ, ସରପଞ୍ଚ ସଂଘ ସଭାପତି ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସମ୍ପାଦକ ପ୍ରିୟବ୍ରତ ଓଝା ପ୍ରମୁଖ ବିଜେଡି ନେତା କର୍ମକର୍ତ୍ତା ଓ ସରପଞ୍ଚ ସମିତି ସଭ୍ୟ ସଂଘ କର୍ମକର୍ତ୍ତାମାନେ ବ୍ଲକ ପରିସରରୁ ବାହାରି ସହର ପରିକ୍ରମା କରି ଆଦର୍ଶ ଥାନା ମୁଖ୍ୟ ଫାଟକ ସମ୍ମୁଖରେ ପହଂଚି ଥିଲେ। ବିଜେଡି ଓ ସରପଞ୍ଚ ସମିତି ସଭ୍ୟ ସଂଘ କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରତିନିଧିମଣ୍ଡଳୀ ଥାନା ଭିତରକୁ ଯାଇ ଥାନାରେ ଉପସ୍ଥିତ କେନ୍ଦ୍ରାପଡ଼ା ଅତିରିକ୍ତ ଏସପି ଦେବାଶିଷ ଧଳଙ୍କୁ ଦାବୀ ପତ୍ର ପ୍ରଦାନ କରିବା ସହିତ ଅଭିଯୁକ୍ତ ଜ୍ୟୋତି ପ୍ରକାଶ ପ୍ରଧାନଙ୍କୁ ଅବିଳମ୍ବେ ଗିରଫ କରି କୋର୍ଟ ଚାଲାଣ କରାନଗଲେ ଆସନ୍ତା ୧୮ ତାରିଖ ସୋମବାର ବିଜେଡି ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ।

ଆଜି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଛାଉଣୀରେ ପରିଣତ ହୋଇଥିଲା। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ପଦ୍ମାଳୟା ପ୍ରଧାନ, ଜମ୍ବୁ ମେରାଇନ ଥାନା ଆଇ ଆଇ ସି ରଂଜିତ ମହାନ୍ତି, ରାଜକନିକା ଥାନା ଆଇ ଆଇ ସି ଦିଲ୍ଲିପ ସାହୁ ପ୍ରମୁଖ ବହୁ ବରିଷ୍ଠ ପୋଲିସ ଅଧିକାରୀ ପୋଲିସ ଫୋର୍ସ ସହ ଥାନା ପରିସରରେ ଉପସ୍ଥିତ ଥିଲେ।ଅପରପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ ଦାବୀରେ ବ୍ଲକ ସମ୍ମୁଖରେ ସରପଞ୍ଚ ଓ ସମିତିସଭ୍ୟ ସଂଘ ଆନ୍ଦୋଳନ ଜାରୀ ରହିଛି।

# ନାବାଳିକା ବଳାତ୍କାରୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**କେନ୍ଦ୍ରାପଡ଼ା, ୧୬।୧୧ (ସଂଚାର ବ୍ୟୁରୋ):** ନିକିରାଇ ଥାନା ଅଂଚଳର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଶନିବାର କେନ୍ଦ୍ରାପଡ଼ା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତ କପିଳେନ୍ଦ୍ର ମଲ୍ଲିକକୁ ଦୋଷୀ ସାବସ୍ତ କରିବା ସହ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ମଧ୍ୟ କରିଛନ୍ତି । ଏହାସହ କୋର୍ଟ ଅଭିଯୁକ୍ତକୁ ଅନାଦୟ ୫୦ ହଜାର ଟଙ୍କାର ଜୋରିମାନା ଦଣ୍ଡାଦେଶରେ ଦଣ୍ଡିତ ମଧ୍ୟ କରିଛନ୍ତି । ନାବାଳିକାଙ୍କୁ ଆଇନ୍‌ସେବା ପ୍ରାଧିକରଣ ଜରିଆରେ ୪ ଲକ୍ଷ ଟଙ୍କାର କ୍ଷତି ପୂରଣ ପ୍ରଦାନ କରିବା ପାଇଁ ବିଚାରପତି ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାର ବିବରଣୀରୁ ପ୍ରକାଶ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଧୀନ ଏକ ଗ୍ରାମରେ ୯ବର୍ଷୀୟ ନାବାଳିକା ଜଣକ ୨୦୨୨ ମସିହା ଜୁନ ୬ ତାରିଖରେ ଘରୁ ବାହାରି ଜଣେ ସାଙ୍ଗ ସହ ଶୌଚ ହେବା ପାଇଁ ସାଙ୍ଗକୁ ଡାକିବାକୁ ତାଙ୍କ ଘରକୁ ଯାଇଥିଲେ । ହେଲେ ସେତେବେଳେ ତାଙ୍କ ସାଙ୍ଗ ଘରେ ନଥିଲେ । ସେ ଗ୍ରାମ ପୋଖରୀରେ ବାସନ ମାଜୁଥିବା ପରିବାର ଲୋକେ କହିଥିଲେ । ଫଳରେ ନାବାଳିକା ଜଣକ ଉକ୍ତ ପୋଖରୀ ନିକଟକୁ ଯାଇ ଦେଖିଥିଲେ ତାଙ୍କ ସାଙ୍ଗ ବାସନ ମାଜୁଛି । ତାଙ୍କ ସାଙ୍ଗ କହିଥିଲେ ଟିକେ ଅପେକ୍ଷା କର, ବାସନ ମାଜି ସାରିବା ପରେ ଶୌଚ ହେବା ପାଇଁ ଯିବା । ଫଳରେ ନାବାଳିକା ଜଣକ ଏକ ଗଛ ମୂଳେ ସାଙ୍ଗକୁ ଅପେକ୍ଷା କରିଥିଲେ । ଏହି ସମୟରେ ଅଭିଯୁକ୍ତ କପିଳେନ୍ଦ୍ର ସେହି ରାସ୍ତାରେ ଯାଉଥିଲେ । ଅଭିଯୁକ୍ତ କପିଳେନ୍ଦ୍ର ନାବାଳିକାଙ୍କ ପଡୋଶୀ ଥିଲେ । ଅଭିଯୁକ୍ତ ନାବାଳିକାଙ୍କୁ ତାଙ୍କ ଘରକୁ ଡାକିଥିଲେ । ପଡୋଶୀ ହୋଇଥିବାରୁ ନାବାଳିକା ଜଣକ ତାଙ୍କ ଘରକୁ ଯାଇଥିଲେ । ଏହାପରେ ଅଭିଯୁକ୍ତ କପିଳେନ୍ଦ୍ର ଘର କବାଟ ଦେଇ ନାବାଳିକାଙ୍କ ସହ ଯୋର ଜବରଦସ୍ତ ବଳାତ୍କାର କରିଥିଲେ । ବଳାତ୍କାର କରି ସାରିବା ପରେ ଘଟଣା ସଂପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ । ଫଳରେ ନାବାଳିକା ଜଣକ ଘରକୁ ଫେରିଥିଲେ ମଧ୍ୟ ଘଟଣା ସଂପର୍କରେ କାହାକୁ କହିବାକୁ ଭୟ କରିଥିଲେ । ହେଲେ କିଛି ସମୟ ପରେ ନାବାଳିକାଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା । ଫଳରେ ପରିବାର ଲୋକେ ନାବାଳିକାଙ୍କୁ ଡାକ୍ତରଖାନାକୁ ନେଇଥିଲେ । ଏହାପରେ ଘଟଣା ଜଣାପଡିଥିଲା । ଡାକ୍ତର ସ୍ପଷ୍ଟ କରିଥିଲେ ଯେ ନାବାଳିକଙ୍କ ସହ ବଳାତ୍କାର ହୋଇଛି । ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ । ଫଳରେ ପୁଲିସ ଏକ ବଳାତ୍କାର ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ଅଭିଯୁକ୍ତକୁ ଗିରଫ କରିଥିଲା । ଏହା ସହ ପୁଲିସ ଘଟଣାର ତଦନ୍ତ କରି କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା । ଏହାପରେ ମାମଲାର ବିଚାର ଆରମ୍ଭ ହୋଇଥିଲା । ବିଚାର କାଳରେ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତିକରି ବିଚାରପତି ପ୍ରଜ୍ଞା ପରମିତା ରାଉଳ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଆଇନ୍‌ଜୀବୀ ମନୋଜ ସାହୁ ମାମଲା ପରିଚାଳନା କରୁଥିଲେ ।

# ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ



ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ଏକାମ୍ର ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ ହେବା ପରଠାରୁ ଚଳଚଞ୍ଚଳ ହୋଇଛି ଏକାମ୍ର ନିର୍ବାଚନ ମଣ୍ଡଳୀର କୁଆଖାଇ ନଦୀପଠା। ଆଜି ଦ୍ୱିତୀୟ ଦିନରେ ମହୋତ୍ସବ ରେ ଜନ ସମୁଦ୍ର ଦେଖିବାକୁ ମିଳିଥିଲା। ପ୍ରଥମ ଥର ହେଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହୋଇଛି। ଆଜି ମେଲୋଡି ନାଇଟ୍ ମଞ୍ଚ ଛୁରିଆ ଲୋକପ୍ରିୟ କଣ୍ଠଶିଳ୍ପୀ ଓ ପ୍ରିୟା ଚୌଧୁରୀ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତୁଆ ସଂଧ୍ୟାରେ ଲୋକଙ୍କୁ ବାନ୍ଧି ରଖିଥିଲେ।ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଦୋଳି, ବିଭିନ୍ନ ଖାଇବା ଲୋକଙ୍କୁ ମୋହିତ କରୁଛି। ଆଜି ସଂଧ୍ୟାରେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ବାଲିଯାତ୍ରା କମିଟିର ସଭାପତି ତଥା ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ଆଶ୍ରିତ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ସଂଧ୍ୟାରେ ଉତ୍ସବ କୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ୱାର୍ଲ୍ଡ ବଡି ବିଲ୍ଡିଙ୍ଗ ଅଣ୍ଡ ଫିଜିକ୍ସ ପୋର୍ଟ ୨୦୨୪ ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇ ଭାରତ ତଥା ଓଡ଼ିଶା ପାଇଁ ଗୌରବ ଆଣିଥିବାରୁ ବଡ଼ି ବିଲ୍ଡର ଜଗନ୍ନାଥ ଖୁଣ୍ଟିଆ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।କାର୍ଯ୍ୟକ୍ରମ ରେ କମିଟିର ସାଧାରଣ ସମ୍ପାଦକ କବିରାଜ ସ୍ୱାଇଁ, ଭୁବନେଶ୍ୱର ବ୍ଲକ୍ ଅଧକ୍ଷ ନିରୁପମା ସାହୁ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ସୁଭାଷିନୀ ପୃଷ୍ଟି, ଯୁବ ବ୍ୟବସାଇ ବିଜନ ବାରିକ, ଅବିନାଶ ଦେଓ ପ୍ରମୁଖ ଯୋଗଦେଇଥିଲେ।ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ଏକାମ୍ର ନିର୍ବାଚନ ମଣ୍ଡଳୀ ତଥା ବାଙ୍କୁଆଳ, କେଶୁରା, କୋରଡ଼କଣ୍ଟା, ଦୁର୍ଗାପୁର ପାଟଣା ଓ ବାସୁଆଘର ମୁରବି ଓ ଯୁବଗୋଷ୍ଠୀଙ୍କୁ ନେଇ ପ୍ରଥମଥର ଲାଗି ଏକାମ୍ର ବାଲିଯାତ୍ରା ମହୋତ୍ସବ-୨୦୨୪ ଆୟୋଜନ କରାଯାଇଛି।

# ଗଣତନ୍ତ୍ରର ସୁରକ୍ଷା କରୁ ଡିଜିଟାଲ ମିଡିଆ





ନୂଆଦିଲ୍ଲୀ,୧୬।୧୧ ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ୨୦୨୪ ଅବସରରେ ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ମିଡିଆ ସେଣ୍ଟରରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗନ୍, ପ୍ରେସ୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ, ଶ୍ରୀମତୀ ଜଷ୍ଟିସ ରଞ୍ଜନା ପ୍ରକାଶ ଦେଶାଇ ଏବଂ ବରିଷ୍ଠ ସାମ୍ବାଦିକ ଶ୍ରୀ କୁନ୍ଦନ ରମଣଲାଲ ବ୍ୟାସ ଉପସ୍ଥିତ ଥିଲେ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ଅତିଥି ଏବଂ ଭର୍ଚୁଆଲ ମାଧ୍ୟମରେ ଜାତୀୟ ପ୍ରେସ୍ ଦିବସ ସମାରୋହରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତର ଜୀବନ୍ତ ଏବଂ ବିବିଧ ଗଣମାଧ୍ୟମ ଇକୋସିଷ୍ଟମ ଉପରେ ଆଲୋକପାତ କରିଥିଲେ, ଯେଉଁଥିରେ ୩୫, ୦୦୦ ପଞ୍ଜିକୃତ ଖବରକାଗଜ, ଅନେକ ନ୍ୟୁଜ୍ ଚ୍ୟାନେଲ ଏବଂ ଏକ ସୁଦୃଢ଼ ଡିଜିଟାଲ ଭିତ୍ତିଭୂମି ଅନ୍ତର୍ଭୁକ୍ତ। ୪ଜି ଏବଂ ୫ଜି ନେଟୱାର୍କରେ ପୁଞ୍ଜିନିବେଶ ଭାରତକୁ ବିଶ୍ୱସ୍ତରରେ ସର୍ବନିମ୍ନ ଡାଟା ମୂଲ୍ୟ ସହିତ ଡିଜିଟାଲ ସଂଯୋଗ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ପହଞ୍ଚାଇଛି ବୋଲି ମନ୍ତ୍ରୀ ଉଲ୍ଲେଖ କରିଥିଲେ। ତେବେ ଗଣମାଧ୍ୟମ ଓ ପ୍ରେସର ପରିବର୍ତ୍ତିତ ଦୃଶ୍ୟପଟ ଯୋଗୁଁ ଆମ ସମାଜ ସମ୍ମୁଖୀନ ହେଉଥିବା ୪ଟି ପ୍ରମୁଖ ଆହ୍ୱାନ ବିଷୟରେ ସେ ଉଲ୍ଲେଖ କରିଥିଲେ।

## ଏନବିସିସିର ୬୫ ତମ ପ୍ରତିଷ୍ଠା ଦିବସ ପାଳିତ

### ଶ୍ରମିକଙ୍କ ସମ୍ମାନାର୍ଥରେ ଦିନଟି ସମର୍ପିତ




ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ଏନବିସିସି ଶନିବାର ତାହାର ୬୫ ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଓପିସିଏଏ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନବିସିସି ପକ୍ଷରୁ ୫୫ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତ ଶ୍ରମିକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିବା ଶ୍ରୀ ହରିଚନ୍ଦନ ଏନବିସିସି ପକ୍ଷରୁ ଯେଉଁ ଭଳି ଭାବେ ଯୁଦ୍ଧକାଳୀନ ଭିତ୍ତିରେ ପୂର୍ତ୍ତ ବିଭାଗ ଅଧିନସ୍ଥ କାର୍ଯ୍ୟକୁ କରାଯାଉଛି ତାହାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଓଡ଼ିଶାର ବିକାଶ ଲାଗି ଆଗାମୀ ଦିନରେ ଏନବିସିସି କାନ୍ଧରେ କାନ୍ଧ ଦେଇ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମନ୍ତ୍ରୀ ଓପିସିଏଲ ପରିସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନବିସିସିର ଜିଏମ ଆର ଏନ ସିହ୍ନାଙ୍କ ସମେତ ଡିଜିଏମ ଶୈଳାଶ କୁମାର, ଡିଜିଏମ ପ୍ରଦୀପ କୁମାର, ସନ୍ତୋଷ କୁମାର ଏସକେ ସେନାପତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ଶ୍ରମିକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା।

## 'ବିକଶିତ ଭାରତ ୨୦୪୭' ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟିତ



ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ -୨୦୪୭' ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର କଟକ ବାଲିଯାତ୍ରା ପଡ଼ିଆରେ ଉଦଘାଟିତ ହୋଇଯାଇଛି। ଦୀର୍ଘ ଆଠ ଦିନବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିଲେ। ଭାରତକୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଓ ବିଶ୍ୱର ପ୍ରମୁଖ ସମୃଦ୍ଧଶାଳୀ ରାଷ୍ଟ୍ର ଭାବରେ ଗଢ଼ି ତୋଳିବା ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରି ସେ କହିଥିଲେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଉଚ୍ଚ ଚିନ୍ତାଧାରା ଭାରତକୁ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଗଢ଼ି ତୋଳୁଛି। ତାଙ୍କ ନେତୃତ୍ୱରେ ଭାରତ ଅନେକ ସ୍ୱପ୍ନକୁ ଆଜି ବାସ୍ତବତାର ରୂପ ଦେଇପାରିଛି। ବିଶ୍ୱ ଦରବାରରେ ଭାରତକୁ ଏକ ନୂତନ ପରିଚୟ ମିଳିପାରିଛି ବୋଲି ଶ୍ରୀ ମହତାବ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଏବଂ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଯୋଗଦେଇ ଏହି ପ୍ରଦର୍ଶନୀର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧିକରୁ ଅଧିକ ଲୋକ ଏହାକୁ ବୁଲି ଦେଖିବା ସହ କେନ୍ଦ୍ର ସରକାରଙ୍କ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହେବାକୁ ସେ ଆହ୍ୱାନ ଦେଇଥିଲେ।

## ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍‌କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୬।୧୧: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ଶିଖର ସମ୍ମିଳନୀ ୨୦୨୪କୁ ସମ୍ବୋଧିତ କରିଛନ୍ତି। ଏହି ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ହିନ୍ଦୁସ୍ତାନ ଟାଇମ୍ସକୁ ମହାତ୍ମା ଗାନ୍ଧୀ ୧୦୦ ବର୍ଷ ପୂର୍ବେ ଉଦଘାଟନ କରିଥିଲେ ଏବଂ ହିନ୍ଦୁସ୍ତାନ ଟାଇମ୍ସ (ଏଚ୍ ଟି)ର ୧୦୦ ବର୍ଷର ଐତିହାସିକ ଯାତ୍ରା ଏବଂ ଏହାର ଉଦଘାଟନ ପରଠାରୁ ଏହା ସହ ଜଡ଼ିତ ଥିବା ସମସ୍ତ ଲୋକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭବିଷ୍ୟତର କାର୍ଯ୍ୟୋଦ୍ୟମ ପାଇଁ ସେ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ଏଚ୍ ଟିର ପ୍ରଦର୍ଶନୀ ପରିଦର୍ଶନ କରିବା ପରେ ଶ୍ରୀ ମୋଦୀ କହିଥିଲେ ଯେ ଏହା ଏକ ଅନନ୍ୟ ଅନୁଭୂତି ଏବଂ ଏହା ପରିଦର୍ଶନ କରିବାକୁ ସମସ୍ତ ପ୍ରତିନିଧିଙ୍କୁ ଅନୁରୋଧ କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସେ ସେହି ସମୟର ପୁରୁଣା ଖବରକାଗଜ ଦେଖିଛନ୍ତି ଯେତେବେଳେ ଭାରତ ସ୍ୱାଧୀନ ହୋଇଥିଲା ଏବଂ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା।

## ଟ୍ୱିନ୍ ସିଟି କ୍ରାଇମ୍

### ଆକ୍ସନ ମୋଡ୍‌ରେ ଟ୍ୱିନ୍‌ସିଟି ପୁଲିସ କମିଶନର

ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ସର୍ବ ଭାରତୀୟ ଡିଜିପି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ୬ ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଏହି ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ଆରମ୍ଭ କରି ଗୃହ ମନ୍ତ୍ରୀ ଅମିତ ଶାହା ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଭଳି ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଅର୍ବାନ ପୁଲିସ ପକ୍ଷରୁ ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ ଜୋରଦାର କରାଯାଇଛି। ଏଥିପାଇଁ ଭୁବନେଶ୍ୱର ଅର୍ବାନ ପୁଲିସ ଆକ୍ସନ ମୋଡ୍‌ରେ। ସେଫସିଟି ଡ୍ରାଇଭ ଅଧିନରେ ପୁଲିସ ଗତ ୪୮ ଘଣ୍ଟା ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମୋଟ ୧୫ ଜଣ ଅପରାଧୀଙ୍କୁ ଗିରଫ କରିବା ସହ ୧୨ଜଣଙ୍କ ୱାରେଣ୍ଟିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ଗଞ୍ଜେଇ, ସୁନା ଅଳଙ୍କାର, ନଗଦ ଟଙ୍କା ଓ ଚୋରି ହୋଇଥିବା ଗାଡ଼ିକୁ ପୁଲିସ ଜବତ କରିଥିବା ନେଇ ଡିସିପି ପିନାକ ମିଶ୍ର ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ସହରର ବିଭିନ୍ନ ଥାନାରେ କରିଥିବା ଭିନ୍ନଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୪ ଜଣ ନାବାଳକ ଥିବା ଜଣାପଡ଼ିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବଡ଼ଗଡ଼ ଥାନା କୋରଡ଼କଣ୍ଟାର ମନୋରଞ୍ଜନ ଜେନା ଓରଫ ମାନସ (୨୪), କ୍ୟାପିଟାଲ ଥାନା ଅନ୍ତର୍ଗତ କେଦାରପଲ୍ଲୀର ସାଗର ନାୟକ, ମଞ୍ଚେଶ୍ୱର କେନାଲ ବନ୍ଧର ରଞ୍ଜନ କୁମାର ସାହୁ, ପାଟଦେଇ ବସ୍ତିର ପ୍ରଭାତ କୁମାର ଜେନା, ବାଲିଅନ୍ତା ଗଡ଼ଶ୍ରୀରାମପୁରର ରଞ୍ଜନ କୁମାର ଗୁରୁ, ଖଣ୍ଡଗିରି ଥାନା ଗଣ୍ଡମୁଣ୍ଡାର ବଳିଆ ଗୌଡ଼, ଖଣ୍ଡଗିରି ତାରିଣୀ ବସ୍ତିର ପ୍ରଫୁଲ୍ଲ ନାୟକ, ବଡ଼ଗଡ଼ ଥାନା କୋରଡ଼କଣ୍ଟାର ସନ୍ତୋଷ ଜେନା, କେଶୁରା ବ୍ୟାଙ୍କ କଲୋନୀର ପ୍ରଶାନ୍ତ କୁମାର ଦାଶ, ତମାଣ୍ଡୋ ଥାନା ଅଞ୍ଚଳର ମିର ଆସିକ। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୨୨ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ, ଏହି ମାମଲାରେ ଭରତପୁର ଥାନା ପୁଲିସ ୩ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି।

### ଅଟୋ ଡିକି ଭାଙ୍ଗି ପର୍ସ ଚୋରି ; ଲୁଟେରା ଗିରଫ

ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): କ୍ୟାପିଟାଲ ହସ୍ପିଟାଲ ସମ୍ମୁଖରୁ ଏକ ଅଟୋର ଡ଼ିକି ଭାଙ୍ଗି ଚିକିତ୍ସିତ ହେବାକୁ ଆସିଥିବା ରୋଗୀଙ୍କ ପର୍ସ ଚୋରୀ। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଲୁଟେରାକୁ ଗିରଫ କରିବା ସହ ତାଠାରୁ ୨ ହଜାର ଟଙ୍କା, ପର୍ସ, ଆଧାରକାର୍ଡ, ଏଟିଏମ କାର୍ଡ, ଏକ ମୋବାଇଲ, ହେଲଥ୍ କାର୍ଡ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲା, ତାରିଣୀ ବସ୍ତିର ସାଗର ନାୟକ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଜଣେ ଅଟୋ ଚାଳକ। ସେ ଗତ ୧୫ ତାରିଖ ଅବା ଶୁକ୍ରବାର ଦିନ ଅପରାହ୍ନରେ ଅସୁସ୍ଥ ଯାତ୍ରୀଙ୍କୁ ଭଡାରେ ନେଇ କ୍ୟାପିଟାଲ ହସ୍ପିଟାଲକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ସୁଯୋଗ ଉଣ୍ଡି ଅଟୋର ଡିକି ଭାଙ୍ଗି ଭିତରେ ଥିବା ମନିପର୍ସ ଚୋରୀକରି ନେଇଯାଇଥିଲା। ଉକ୍ତ ମନିପର୍ସରେ ଅଭିଯୋଗକାରୀଙ୍କ ଆଧାର କାର୍ଡ, ଏଟିଏମ କାର୍ଡ, ଆରସି କାର୍ଡ, ହେଲଥ କାର୍ଡ, ଇ-ଶ୍ରମ କାର୍ଡ ଏବଂ ଟଙ୍କା ରହିଥିଲା। ଏହି ସମୟରେ ଅଭିଯୁକ୍ତ ଜଣକ ଅଭିଯୋଗକାରୀ ଆସିବା ଦେଖି ସେଠାରୁ ଖସି ପଳାଇଥିଲା। ପରେ ଅଭିଯୋଗକାରୀ ଅଟୋକୁ ଆସି ଦେଖିଲା ବେଳକୁ ତାଙ୍କ ଅଟୋ ଡ଼ିକି ଭାଙ୍ଗି ତାଙ୍କ ମନିପର୍ସ ଚୋରୀ ହୋଇଯାଇଛି। ଏନେଇ ସେ କ୍ୟାପିଟାଲ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଲୁଟେରାକୁ ତାରିଣୀ ବସ୍ତିରୁ ଗିରଫ କରିବା ସହ ତାଠାରୁ ଚୋରି ମନିପର୍ସ ଓ ପର୍ସ ଭିତରେ ଥିବା ସମସ୍ତ ଜିନିଷ ଜବତ କରାଯାଇଛି।

### ଚାଲିଥିଲା ମଦ କାରବାର-ଚଢ଼ଉ କଲା ପୁଲିସ

#### ଜଣେ ଗିରଫ ; ୩୦୦ ଲିଟର ଦେଶୀମଦ ଓ ସାମଗ୍ରୀ ଜବତ

ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ସାଲିଆସାହିର ଶକ୍ତି ବିହାରର ଏକ ଘରେ ଦେଶୀମଦ ରନ୍ଧା ଚାଲିଥିବା ଖବର ପାଇ ଅଚାନକ ଚଢ଼ଉ କରି ଭାଟିକୁ ଭାଙ୍ଗିଲା ମୈତ୍ରୀବିହାର ଥାନା ପୁଲିସ। ଘରୁ ୩୦୦ ଲିଟର ଦେଶୀମଦ ସହ ମଦ ତିଆରି ସାମଗ୍ରୀକୁ ଜବତ କରାଯାଇଛି। ତାହାସହ ମଦ ତିଆରି କରୁଥିବା ବେପାରୀକୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲା, ଶକ୍ତି ବିହାର ସାଲିଆସାହିର ଶ୍ରୀକାନ୍ତ ସିଂହ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଆଜି ସକାଳୁ ସକାଳୁ ସାଲିଆସାହି ଶକ୍ତି ବିହାରର ଏକ ଘରେ ଦେଶୀମଦ ତିଆରି ଚାଲିଥିବା ନେଇ ମୈତ୍ରୀବିହାର ଥାନାର ସ୍ପେଶାଲ ଟିମ ବିଶ୍ୱସ୍ତ ସୁତ୍ରରୁ ଜାଣିବାକୁ ପାଇଥିଲା। ପରେ ଟିମ ଅଚାନକ ବସ୍ତିରେ ଚଢ଼ଉ କରି ଅଭିଯୁକ୍ତକୁ ଗିରଫ କରିବା ସହ ଘର ଭିତରୁ ୩୦୦ ଲିଟର ମଦ ଓ ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଏହି ସମୟରେ ଆଖପାଖରେ ଚୋରାରେ ଚାଲିଥିବା ଅନ୍ୟ ବେପାରୀ ମାନେ ୩ଟି ଘରକୁ ତାଲା ପକାଇ ଫେରାର ହୋଇଯାଇଥିଲେ। ଫଳରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ମଦ ଓ ମଦ ତିଆରି ସାମଗ୍ରୀକୁ ଜବତ କରିଛି।

## ଓଡ଼ିଶା ହକି ଦଳର ଐତିହାସିକ ବିଜୟ

# ଶୁଭେଚ୍ଛା ଜଣାଇଲେ ମୋହନ



ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): ଜାତୀୟ ସିନିୟର ପୁରୁଷ ହକିରେ ହରିଆଣା ଟିମ୍ ଉପରେ ବିଜୟ ହାସଲ କରି ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶା ହକି ଟିମ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ଏକ୍ସରେ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶା ହକି ଟିମ୍ ବୃହତ ମାଇଲଖୁଣ୍ଟ ହାସଲ କରିଛି। ଏହାଦ୍ୱାରା ଓଡ଼ିଶା ଜାତୀୟସ୍ତରରେ ଗୌରବାନ୍ୱିତ ହୋଇପାରିଛି। ଆଗାମୀ ଦିନରେ ଓଡ଼ିଶା ଟିମ୍ ଆହୁରି ରେକର୍ଡ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପୋଷଣ କରିଛନ୍ତି। ୧୪ତମ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚମ୍ପିୟାନସିପ୍ ରେ ଓଡ଼ିଶା ହକି ଦଳ ଆଜି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଚେନ୍ନାଇର ମେୟର ରାଧାକ୍ରିଷ୍ଣନନ୍ ହକି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ଆଜିର ମ୍ୟାଚ୍ ରେ ଟିମ୍ ହରିୟାଣାକୁ ପରାସ୍ତ କରି ଟିମ୍ ଓଡ଼ିଶା ଏହି ଐତିହାସିକ ବିଜୟ ହାସଲ କରିଛି। ଆଜି କଳିଙ୍ଗ ଷ୍ଟାଡିୟମ୍ ରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ପୋଲିସ ସେବାର ଶିକ୍ଷାନବିସ, ହାଇ ପରଫରମାନ୍ସ ସେଣ୍ଟର ଓ କ୍ରୀଡ଼ା ଛାତ୍ରବାସର କ୍ରୀଡ଼ାବିତ୍ ମାନେ ଆଭାସୀ ମାଧ୍ୟମରେ ଆଜି ଓଡ଼ିଶା ଓ ହରିୟାଣା ମଧ୍ୟରେ ହେଉଥିବା ଫାଇନାଲ ମ୍ୟାଚ୍ ଦେଖିଥିଲେ। ଓଡ଼ିଶା ଟିମ୍ ର ଏହି ଐତିହାସିକ ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଟିମ୍ ର କ୍ୟାପଟେନ୍ ଦୀପ୍ସନ୍ ତିର୍କୀଙ୍କୁ ଟିମ୍ ଓଡ଼ିଶାର ବିଜୟ ପାଇଁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଲୁଟ୍ ହୋଇଥିଲା ହାଇଦ୍ରାବାଦରୁ

# ଖତଗଦାରୁ ମିଳିଲା ବିଡ଼ା ବିଡ଼ା ଟଙ୍କା



ବାଲେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ): ଖତ ଗଦାରୁ ବାହାରିଲା ବିଡ଼ା ବିଡ଼ା ଟଙ୍କା। ହାଇଦ୍ରାବାଦରୁ ଚୋରି କରି ବାଲେଶ୍ୱର ଜିଲ୍ଲା କମର୍ଦ୍ଦାରେ ଟଙ୍କା ଲୁଚାଇଥିଲେ ଅଭିଯୁକ୍ତ। ପୁଲିସ୍ ଖୋଜାଖୋଜି କରି ଖତଗଦା ସମେତ ଘରୁ ବାହାର କରିଛି ୧୪ ଲକ୍ଷ ଟଙ୍କା। ଏପରି ଏକ ଅଭାବନୀୟ ଘଟଣା ଶନିବାର ସକାଳେ କମର୍ଦ୍ଦା ଥାନା ବଡ଼ମନ୍ଦାରୁଣୀ ଗାଁରେ ଘଟିଛି। ଗାଁର ରବୀନ୍ଦ୍ର ବେହେରାଙ୍କ ଘରେ ଚଢ଼ାଉ କରି ପୁଲିସ୍ ବିପୁଳ ଟଙ୍କା ଜବତ କରିବା ସହିତ ରବୀନ୍ଦ୍ର ଓ ତାଙ୍କ ମା' ବାସନ୍ତୀ ବେହେରାଙ୍କୁ ଅଟକ ରଖିଛି। ହାଇଦ୍ରାବାଦସ୍ଥିତ ଆଗ୍ରୋ ଇଣ୍ଡଷ୍ଟ୍ରିଜ ନାମକ ଏକ କମ୍ପାନିରେ ଗୋପାଳ ବେହେରା କିଛି ବର୍ଷ ହେବ କାମ କରୁଥିଲେ। ଇତିମଧ୍ୟରେ ସେ କମ୍ପାନୀ ଲକର୍‌ର ସିକ୍ରେଟ କୋଡ ଜାଣି ଯାଇଥିଲେ। ଉକ୍ତ ଲକରରେ ୨୦ ଲକ୍ଷରୁ ଅଧିକ ଟଙ୍କା ଥିବା ବେଳେ ୧୦ ତାରିଖରେ ଗୋପାଳ ଲକରରୁ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଟଙ୍କା ବ୍ୟାଗ ଧରି ସେ ହାଇଦ୍ରାବାଦରେ ରହୁଥିବା ନିଜ ଶଳା ରବୀନ୍ଦ୍ରଙ୍କ ପାଖରେ ବ୍ୟାଗ୍ ରଖି ଫେରାର ହୋଇ ଯାଇଥିଲେ।

୧୦ ରାତିରେ ରବୀନ୍ଦ୍ର ଟ୍ରେନ୍ ଯୋଗେ ଆସିଥିବା ବେଳେ ୧୧ ସକାଳେ ଜଳେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ସେଠାକୁ ସେ ନିଜ ବାପା ମା' ଉମାକାନ୍ତ ବେହେରା ଓ ବାସନ୍ତୀ ବେହେରାଙ୍କୁ ଡାକି ଟଙ୍କା ବ୍ୟାଗ ଦେଇ ହାଇଦ୍ରାବାଦ ଫେରି ଯାଇଥିଲେ। ହାଇଦ୍ରାବାଦ ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଓ କଲ୍ ଡିଟେଲ୍ସ ଆଧାରରେ ରବୀନ୍ଦ୍ରଙ୍କ ନିକଟରେ ପହଞ୍ଚିଥିଲା। ତାଙ୍କୁ ଅଟକ ରଖି ପଚରାଉଚରା କରିବାରୁ ସେ ଟଙ୍କା ବ୍ୟାଗ ନିଜ ଗାଁକୁ ପଠାଇ ଦେଇଥିବା କହିଥିଲେ। ଆଜି ସକାଳେ ହାଇଦ୍ରାବାଦ ପୁଲିସ୍ ଗୋପାଳଙ୍କ ଗାଁରେ ପହଞ୍ଚିଥିଲା। ଖବର ପାଇ ଉମାକାନ୍ତ ଫେରାର ହୋଇ ଯାଇଥିଲେ।

## କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ





ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ୧୦ମ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଅଭିନେତ୍ରୀ ତଥା ଲେଖିକା ସୋହା ଅଲ୍ଲୀ ଖାଁ, ଲେଖିକା ପ୍ରୀତି ସେନୋୟ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଚେୟାରପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ଯୋଗଦେଇ ଥିବା ବେଳେ ଆଭାସୀରେ ବିଶିଷ୍ଟ ଶିଶୁ ସାହିତ୍ୟିକ ରସ୍କିନ୍ ବଣ୍ଡ ଓ ଅଭିନେତା ବିକ୍ରାନ୍ତ ମାସେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପଦ୍ମଶ୍ରୀ ରସ୍କିନ୍ ବଣ୍ଡ ନିଜ ବାର୍ତ୍ତାରେ ପୁସ୍ତକ ପାଠ ଉପରେ ଗୁରୁତ୍ୱାରୋପ କରି କହିଲେ, କେବଳ ବହି ହିଁ ଛାତ୍ରଛାତ୍ରୀଙ୍କ ସାରା ଜୀବନ ବନ୍ଧୁ ହୋଇ ରହିବ। ପୁସ୍ତକ ପଠନ ପ୍ରତି ଶିଶୁମାନଙ୍କ ଆଗ୍ରହ ବଢ଼ାଇବା ଦିଗରେ ଏଭଳି ସାହିତ୍ୟ ମହୋତ୍ସବ ବେଶ ଗୁରୁତ୍ୱ ରହିଛି ବୋଲି ଶ୍ରୀ ବଣ୍ଡ କହିଥିଲେ । ଏଭଳି ଶିଶୁ ସାହିତ୍ୟ ମହୋତ୍ସବରେ ପ୍ରଥମ ଥର ଲାଗି ଯୋଗଦେଇଥିବା ସୋହା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଶିଶୁମାନେ ଦେଶର ଭବିଷ୍ୟତ । ସେମାନେ ଏବେ ପାଠ ପଢ଼ା ପ୍ରତି ଧ୍ୟାନ ଦେବା ଉଚିତ । କିନ୍ତୁ ଦେଖାଯାଉଛି ଅଧିକାଂଶ ପିଲା ଏବେ ଅଧିକ ସମୟ ମୋବାଇଲ୍ ଦେଖିବାରେ ବ୍ୟସ୍ତ ରହୁଛନ୍ତି । ସେମାନେ ଦିନକୁ ୧୫ ମିନିଟ୍ ଯେ କୌଣସି ପୁସ୍ତକ ପାଠ କଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ । ଏହା ଦ୍ୱାରା ସେମାନଙ୍କ ନିଜର ବିକାଶ ହେବା ସହ ଦେଶର ବିକାଶ ହେବ ବୋଲି ସୋହା କହିଥିଲେ । ଅନ୍ୟତମ ଅତିଥି ତଥା ଲେଖିକା ପ୍ରୀତି କହିଲେ, ପିଲାମାନେ ଯେତେ ଅଧିକରୁ ଅଧିକ ବହି ପଢ଼ିବ ତୁମର ଜ୍ଞାନ ସେତେ ଅଧିକ ବଢ଼ିବ ।

## ଜନଜାତିଙ୍କୁ ଶୋଷଣ କରିବା ପାଇଁ ସର୍ବଦା ଷଡଯନ୍ତ୍ର ରଚିଛି ବିଜେଡି

ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ବିଜେପି ସରକାର ସବୁବେଳେ ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି, ଭାଷା ଓ ଜୀବିକାର ଉନ୍ନତି ପାଇଁ ବଦ୍ଧପରିକର। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ ବିଜେପି ସରକାରରେ ପ୍ରଥମ ଥର ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଗଠନ ହୋଇଥିଲା ଏବଂ ଓଡିଆ ପୁଅ ଶ୍ରୀ ଜୁଏଲ୍ ଓରାମଙ୍କୁ ଉକ୍ତ ମନ୍ତ୍ରାଳୟର ଦାୟୀତ୍ୱ ପ୍ରଦାନ କରିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାରରେ ମଧ୍ୟ ଶ୍ରୀ ଜୁଏଲ ଓରାମଙ୍କୁ ସମାନ ଦାୟୀତ୍ୱ ମିଳିଛି। ଓଡ଼ିଆ ଝିଅ ଦୌପଦୀ ମୁର୍ମୁ ରାଷ୍ଟ୍ରପତି ହୋଇଛନ୍ତି। ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବା ପରେ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱ କେନ୍ଦ୍ର ସରକାର ଜନଜାତି ବର୍ଗର ସାମୁହିକ ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି। ଓଡ଼ିଶା ଭଳି ଜନଜାତିବହୁଳ ରାଜ୍ୟକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି ମୋଦିଜୀ। ଅପରପକ୍ଷେ ଆଦିବାସୀଙ୍କ ବିକାଶକୁ ନେଇ ରାଜନୀତି କରୁଥିବା ବିଜେଡି ସରକାର ଗତ ୨୪ ବର୍ଷର ଶାସନରେ ଜନଜାତିଙ୍କୁ କେବଳ ପ୍ରତାରଣା ଦେଇଛି ବୋଲି ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ବିଧାୟିକା ଶ୍ରୀମତି କୁସୁମ୍ ଟେଟେ କହିଛନ୍ତି।

## ପିକକ୍ ଶିଶୁମେଳାର ତୃତୀୟ ସନ୍ଧ୍ୟା

### ଆଧୁନିକ ନୃତ୍ୟ ଓ ଲୋକ ନୃତ୍ୟରେ ମନ୍ତ୍ରମୁଗ୍ଧ ଦର୍ଶକମଣ୍ଡଳୀ

ଭୁବନେଶ୍ୱର,୧୬।୧୧(ସଂଚାର ବ୍ୟୁରୋ): ପିପୁଲସ୍ କଲଚରାଲ ସେଣ୍ଟର (ପିକକ୍) ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ସାତଦିନ ବ୍ୟାପୀ ଶିଶୁମେଳାର ଏହା ଥିଲା ତୃତୀୟ ସନ୍ଧ୍ୟା। ଚଳ ଚଞ୍ଚଳ ହୋଇ ଉଠିଥିଲା ଏକାମ୍ର ହାଟର ପ୍ରାଙ୍ଗଣ କାରଣ ଅଜିଥିଲା ପିଲାମାନଙ୍କ ମଧ୍ୟରେ ଆଧୁନିକ ନୃତ୍ୟର ପ୍ରତିଯୋଗୀତା । କୁନି କୁନି ପିଲାମାନଙ୍କର ନୃତ୍ୟରେ କମ୍ପି ଉଠିଥିଲା ଏକାମ୍ର ହାଟର ପ୍ରାଙ୍ଗଣ ଓ ଦର୍ଶକ ମାନେ ଏହାକୁ ମନ୍ତ୍ର ମୁଗ୍ଧ ହୋଇ ଉପଭୋଗ କରିଥିଲେ । ଏଥିରେ ମୁଖ୍ୟ ବିଚାରକଭାବେଅନ୍ନପୂର୍ଣ୍ଣା ମହାନ୍ତି,ରେଖା ସାହୁ, ଲିଲିପ୍ସା ମହାପାତ୍ର ଓଦିଲ୍ଲୀପ କୁମାର ଜିପ୍ରମୁଖଯୋଗ ଦେଇଥିଲେ। ଆଜି ମଧ୍ୟ ଅନୁଷ୍ଠିତ ହୋଇଥିଲା ପିଲାମାନଙ୍କ ଲୋକ ନୃତ୍ୟ ଉତ୍ସବ । ଚଢେଇବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବାରିଜଙ୍ଗର ପ୍ରତିଭା ଅଡୋଲୋସେଣ୍ଟ ଗ୍ରୃପ,ଧମିଲୋ ଗାଁର କିଶୋରକିଶୋରୀ ଗ୍ରୃପ, କେଟିଟି ଡ୍ୟାନ୍ସ ଗ୍ରୃପ, ଦିବ୍ୟଜ୍ୟୋତି ଡ୍ୟାନ୍ସ ଗ୍ରୃପ, ବିସିସି ଡ୍ୟାନ୍ସ ଏକାଡେମୀ,ନୃତ୍ୟାନଶୀ,ଗାଇଡାନ୍ସ ପବ୍ଲିକ ସ୍କୁଲ,ଗଣ୍ଡମୁଣ୍ଡା ଉଚ୍ଚ ବିଦ୍ୟାଳୟର ପିଲାମାନଙ୍କର ଚିତ୍ତାକର୍ଷକ ଲୋକ ନୃତ୍ୟ ଦର୍ଶକ ମାନଙ୍କର ମନ ମୋହି ନେଇଥିଲା ।



# ଛାଡ଼ଖାଇରେ ପିଆଜ,ରସୁଣ ଦର ଶୁଣି ଲୋକଙ୍କୁ ମାଡୁଛି ଡର



ଭୁବନେଶ୍ୱର, ୧୬।୧୧: ଛାଡଖାଇରେ ମାଛ, ମାଂସ ଦର ଚିନ୍ତାକୁ ବଳିଯାଇଛି ପିଆଜ ରସୁଣର ଦର। ବଜାରରେ ଏବେ ପିଆଜ କିଲୋ ୭୦ରୁ ୮୦ ଟଙ୍କାରେ ବିକ୍ରି ହେଉଥିବାବେଳେ ରସୁଣ କିଲୋ ୩୫୦ଟଙ୍କାକୁ ଟପିଯାଇଛି। ଛାଡଖାଇ ବଜାରରେ ଏହା ଆହୁରି ବଢ଼ିବ ବୋଲି ବ୍ୟବସାୟୀମାନେ ଆଶଙ୍କା କରୁଛନ୍ତି। ଛାଡଖାଇରେ ସାଧାରଣତଃ ମାଛ, ମାଂସର ଦର ଉଚ୍ଚା ରହିଥାଏ। ଲୋକେ ଦରବୃଦ୍ଧିକୁ ନେଇ ଚିନ୍ତାରେ ରହିବା ସହିତ ବେପାରୀଙ୍କ ସହିତ ମୁଲଚାଲ କରିଥାନ୍ତି। ହେଲେ ଚଳିତବର୍ଷ ମାଛ, ମାଂସ ଦର ଅପେକ୍ଷା ଖାଉଟିଙ୍କୁ ପିଆଜ, ରସୁଣ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବାଧୁଛି। କାର୍ତ୍ତିକ ମାସରେ ଅଧିକାଂଶ ଲୋକେ ପିଆଜ ରସୁଣ ଛାଡିଥିବାବେଳେ କାର୍ତ୍ତିକ ପରର ଦରବୃଦ୍ଧି ସେମାନଙ୍କୁ ବାଧିଲାଣି। ବଜାରରେ ଏବେ ପିଆଜର ଖୁଚୁରା ମୂଲ୍ୟ ୭୦ ଟଙ୍କାକୁ ଟପିଗଲାଣି। ପିଆଜ ଆମଦାନୀ କେନ୍ଦ୍ର ମହାରାଷ୍ଟ୍ରର ନାସିକରେ ପିଆଜ ଦରବୃଦ୍ଧିର ପ୍ରଭାବ ଓଡ଼ିଶା ବଜାରରେ ପଡ଼ିଛି। ସେଠାରେ ପିଆଜ ଦର କିଲୋପ୍ରତି ୪୦ରୁ୪୫ଟଙ୍କା ହୋଇଥିବାରୁ ଗାଡିଭଡାକୁ ମିଶାଇ ଓଡ଼ିଶା ବଜାରରେ ଦର ୭୦ ଟଙ୍କା ଟପିଲାଣି। ପିଆଜ ଆମଦାନୀ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଯଦି ଏହା ଜାରିରୁହେ ତେବେ ଛାଡଖାଇ ବଜାରରେ ପିଆଜ କିଲୋ ୮୦ ଟଙ୍କା ଛୁଇଁବ ବୋଲି ବ୍ୟବସାୟୀମାନେ ମତ ଦେଉଛନ୍ତି। ଉଲ୍ଲେଖନୀୟ ଯେ ଓଡ଼ିଶାରେ ବାର୍ଷିକ ପିଆଜ ଚାହିଦା ପ୍ରାୟ ୪ଲକ୍ଷ ମେଟ୍ରିକ ଟନ୍ ଥିବାବେଳେ ପ୍ରାୟତଃ ସମପରିମାଣର ପିଆଜ ଓଡ଼ିଶାରେ ଫଳୁଛି। ତେବେ ଠିକଣା ରକ୍ଷଣା ବେକ୍ଷଣ ଅଭାବରୁ ଓଡ଼ିଶା ବର୍ଷସାରା ପିଆଜ ପାଇଁ ନାସିକ ଉପରେ ନିର୍ଭରଶୀଳ ହେଉଥିବାବେଳେ ସେଠାକାର ବ୍ୟବସାୟୀମାନେ ଓଡ଼ିଶା ବଜାରର ଦର ନିର୍ଦ୍ଧାରଣ କରୁଛନ୍ତି। ପିଆଜ ଭଳି ଓଡ଼ିଶା ବଜାରରେ ରସୁଣର ଦର ମଧ୍ୟ ହୁ ହୁ ହୋଇ ବଢ଼ି କିଲୋପିଛା ୩୫୦ ଟଙ୍କାକୁ ଟପିଗଲାଣି। ଆମଦାନୀ କମ୍ ଥିବାରୁ ଦର ବୃଦ୍ଧି ଘଟୁଥିବା ବ୍ୟବସାୟୀମାନେ କହୁଥିବାବେଳେ ଆଗାମୀ ଦିନରେ ଏହା ୪୦୦ ଟଙ୍କା ଛୁଇଁବ ବୋଲି ମତ ଦେଉଛନ୍ତି। ଏହାର ପ୍ରଭାବରେ ହୋଟେଲରେ ଏବେ ଖାଦ୍ୟ ସାମଗ୍ରୀର ଦର ବଢ଼ିବାରେ ଲାଗିଛି। ଛାଡଖାଇରେ ଆମିଷ ଖାଦ୍ୟ ପ୍ରସ୍ତୁତ ପାଇଁ ପିଆଜ ଓ ରସୁଣ ନିହାତି ଆବଶ୍ୟକ ଥିବାରୁ ଏହି ଦୁଇ ସାମଗ୍ରୀର ଦରବୃଦ୍ଧି ଏବେ ଗାଁ ଗହଳରେ ଛାଡଖାଇକୁ ଫିକା କରିବ ବୋଲି ମତ ପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ଭକ୍ତି ସିଦ୍ଧାନ୍ତ-ଏ ଜଗତେ ତୁମକୁ ନପାଇ ଯେତେ
ଯାହା ପାଇଲେ ବି ସେଥିରେ ମୁଁ ତିଳେ ବି ସନ୍ତୁଷ୍ଟ
ନୁହେଁ, ଏ ମୋ ପାଇଁ ତାହାର କିଛି ବି ମୂଲ୍ୟ ନାହିଁ।
ଏହା ହିଁ ଭକ୍ତି ସିଦ୍ଧାନ୍ତର ସର୍ବଶ୍ରେଷ୍ଠ ଉପଲବ୍ଧି।

SANCHAR
ସଂଚାର




# ନେତୃତ୍ୱହୀନ ରାଜ୍ୟ କଂଗ୍ରେସ

ଗତ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ କଂଗ୍ରେସ ଓଡ଼ିଶାରେ ଶୋଚନୀୟ ଭାବେ ପରାଜିତ ହେବା ପରେ ଦଳରେ ବ୍ୟାପକ ପରିବର୍ତ୍ତନ ସୁନିଶ୍ଚିତ ଥିଲା। ଅବଶ୍ୟ ନିର୍ବାଚନରେ ପରାଜୟ ପରେ ପିସିସି ସଭାପତି ଶରତ ପଟ୍ଟନାୟକ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇନଥିଲେ। କିନ୍ତୁ ପିସିସି ନେତୃତ୍ୱ ପରିବର୍ତ୍ତନ ସୁନିଶ୍ଚିତ ଥିଲା। ତେବେ ଏତେ ଶୀଘ୍ର ପରିବର୍ତ୍ତନ ହେବ ବୋଲି ଆଶା ନଥିଲା। ପୂର୍ବରୁ ଯେତେଥର କଂଗ୍ରେସ ନିର୍ବାଚନ ହାରିଛି ଦଳର ନେତୃତ୍ୱ ପରିବର୍ତ୍ତନ ହୋଇଛି ସତ, ମାତ୍ର ଏଥିରେ ଅନେକ ବିଳମ୍ବ ହୋଇଛି। ଏଥର କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦେଢ଼ମାସରେ ପରିବର୍ତ୍ତନ ହେଲା। ପିସିସି, ଡିସିସି ସମେତ ସମସ୍ତ କମିଟିକୁ ଏଆଇସିସି ସଭାପତିଙ୍କ ଅନୁମୋଦନ କ୍ରମେ ଭାଙ୍ଗି ଦିଆଯାଇଛି। ରାଜ୍ୟ କଂଗ୍ରେସର ପରିଚାଳନା ନିମନ୍ତେ ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଛି। ଏଥିରେ ସବୁ ବରିଷ୍ଠ ନେତାଙ୍କୁ ନିଆଯାଇଛି। କିନ୍ତୁ ଏହା ଏକ ଅର୍ଥହୀନ କମିଟି। କାରଣ ଷ୍ଟିୟରିଂ କମିଟିର କିଛି କ୍ଷମତା ନାହିଁ। ଜଣେ ସଭାପତି ଯେପରି ଦଳ ପାଇଁ ନିଷ୍ପତ୍ତି ନିଅନ୍ତି, ୨୦ଜଣ ମିଳିତ ଭାବେ ସେପରି ଦୃଢ଼ ନିଷ୍ପତ୍ତି ନେବା ସମ୍ଭ ନୁହେଁ। ତେବେ ଖୁବ ଶୀଘ୍ର ନୂଆ ସଭାପତି ଚୟନ ଏବଂ ବିଭିନ୍ନ ସଙ୍ଗଠନର ପୁନର୍ଗଠନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହା ଏକ ପାରମ୍ପରିକ ପ୍ରକ୍ରିୟା। କିନ୍ତୁ ଏହଦ୍ୱାରା କ'ଣ ଲାଭ ହେବ ତାହା ବଡ଼ ପ୍ରଶ୍ନ। ନିର୍ବାଚନର ଯଥେଷ୍ଟ ପୂର୍ବରୁ ପୂର୍ବତନ ସାଂସଦ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେ ପୂର୍ବରୁ ମଧ୍ୟ ପିସିସି ସଭାପତି ଥିଲେ ଏବଂ ତାଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନରେ ପରାଜିତ ହୋଇଥିଲା। କିନ୍ତୁ ତାଙ୍କୁ ପୁନର୍ବାର ସଭାପତି କରାଗଲା। ଆଶା କରାଯାଉଥିଲା ଯେ, ସେ ଆଉ ଟିକେ ପରିପକ୍ୱ ଏବଂ ଅଭିଜ୍ଞ ହୋଇଥିବାରୁ ଏଥର ତାଙ୍କ ନେତୃତ୍ୱରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ତା ଛଡ଼ା ସେ ଜଣେ ନିର୍ବିବାଦୀୟ ଏବଂ ସ୍ୱଚ୍ଛ ଭାବମୂର୍ତ୍ତୀ ସମ୍ପନ୍ନ ନେତା। ପଶ୍ଚିମ ଓଡ଼ିଶାରେ କଂଗ୍ରେସ ପୁନର୍ବାର ଟ୍ରାକକୁ ଫେରିବାକୁ ପ୍ରୟାସ କରୁଛି। ତେଣୁ ତାଙ୍କ ପୁନର୍ବାର ପିସିସି ନେତୃତ୍ୱ ହସ୍ତାନ୍ତରିତ କରାଯାଇଥିଲା। କିନ୍ତୁ ତାଙ୍କୁ ଦଳରେ କେହି ସହଯୋଗ କଲେ ନାହିଁ। ଦଳର ବରିଷ୍ଠ ନେତାମାନେ ତାଙ୍କୁ ମଇଦାନରେ ଏକୁଟିଆ ଲଢ଼ିବାକୁ ଛାଡ଼ିଦେଲେ। ତେଣୁ ସ୍ୱାଭାବିକ ଭାବେ ସେ ପରାଜିତ ହେଲେ। ଅବଶ୍ୟ କଂଗ୍ରେସର ପରାଜୟ ନିମନ୍ତେ କେବଳ ପିସିସି ସଭାପତିଙ୍କୁ ଦାୟୀ କରାଯିବା ଅନୁଚିତ। ବରଂ ଗୋଟିଏ ବାକ୍ୟରେ କହିଲେ ସେ ନିର୍ବାଚନୀ ପରାଜୟ ନିମନ୍ତେ ଆଦୌ ଦାୟୀ ନୁହଁନ୍ତି। କଂଗ୍ରେସ ଏକ ଜାତୀୟ ଦଳ। ଏହାର ଜାତୀୟ ନେତାଙ୍କୁ ଦେଖି ଲୋକେ ଭୋଟ ଦିଅନ୍ତି। କଂଗ୍ରେସର ସର୍ବୋଚ୍ଚ ନେତା ତଥା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ଥିଲେ ଦଳର ଷ୍ଟାର ପ୍ରଚାରକ। କିନ୍ତୁ ନିର୍ବାଚନରେ ଓଡ଼ିଶାବାସୀ ତାଙ୍କୁ ଗ୍ରହଣ କଲେ ନାହିଁ। ଅନେକ ରାଜ୍ୟରେ କଂଗ୍ରେସ ଏହି କାରଣରୁ ହାରିଲା। ଦଳର ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ କେବଳ ଜଣେ ସଖୀ କଣ୍ଢେଇ ସଭାପତି। ତାଙ୍କର ନିଜସ୍ୱ ନିଷ୍ପତ୍ତି ନେବାର କ୍ଷମତା ବା ସାମର୍ଥ୍ୟ ନାହିଁ। ରହୁଲ, ପ୍ରିୟଙ୍କା, ସୋନିଆଙ୍କ ବିନା ଅନୁମୋଦନରେ ସେ ଗୋଟିଏ ଶବ୍ଦ ଉଚ୍ଚାରଣ କରିପାରିବେ ନାହିଁ। ନିର୍ବାଚନରେ ସମ୍ଭାବ୍ୟ ପରାଜୟ ନିମନ୍ତେ ତାଙ୍କୁ ଦାୟୀ କରିବା ଲାଗି ଏଆଇସିସି ସଭାପତି କରାଯାଇଥିଲା। ସେ କେବଳ ବଳିର ବୋଦା ଥିଲେ। ଯଦି କଂଗ୍ରେସ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିଥାଆନ୍ତା ତେବେ ଖାର୍ଗେ ପ୍ରଧାନମନ୍ତ୍ରୀ ହୋଇନଥାନ୍ତେ।ରାହୁଲ ହିଁ ପ୍ରଧାନମନ୍ତ୍ରୀ ହୋଇଥାଆନ୍ତେ। ତେଣୁ ଓଡ଼ିଶାରେ କଂଗ୍ରେସର ପରାଜୟ ନିମନ୍ତେ ଶରତ ପଟ୍ଟନାୟକଙ୍କୁ ଦାୟୀ କରିବା ଅନୁଚିତ। ତେବେ ନିର୍ବାଚନ ପରେ ଦଳର ନେତୃତ୍ୱ ପରିବର୍ତ୍ତନ ଏବଂ ସାଙ୍ଗଠନିକ ପୁନର୍ବିନ୍ୟାସ ଜରୁରୀ। ଏବେ ଦଳର ଯୁବନେତା ମାନଙ୍କୁ ନେଇ କଂଗ୍ରେସର ନବକଳେବର ହେବ ବୋଲି ଆଶା କରାଯାଇପାରେ। ସେହି ପୁରୁଣା ନେତାମାନଙ୍କୁ ପୁଣି ଆଗରେ ରଖିଲେ କଂଗ୍ରେସର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏବେ କଂଗ୍ରେସ ବିଧାୟକ ଦଳର ନେତା ଭାବେ ରାମଚନ୍ଦ୍ର କାଡାମଙ୍କୁ ଚୟନ କରାଯାଇଛି। ସେ ଜଣେ ଅଭିଜ୍ଞ ବିଧାୟକ। ତାଙ୍କୁ ସିଏଲପି ନେତା କରି କଂଗ୍ରେସ ଆଦିବାସୀ କାର୍ଡ ଖେଳିବାକୁ ପ୍ରୟାସ କରିଛି। ଏହା କେତେଦୂର ସଫଳ ହେବ ତାହା କୁହାଯାଇପାରିବ ନାହିଁ। ସେ ବିଧାନସଭାରେ ଦଳର ନେତୃତ୍ୱ ନେବାରେ ସଫଳ ହେବା ପରି ମନେ ହେଉନି। ତାଙ୍କ ପରିବର୍ତ୍ତେ ଆଉ କେହି ବିଧାନସଭାରେ କଂଗ୍ରେସର ନେତୃତ୍ୱ ନେବା ଉଚିତ।

# ବିଶ୍ୱ ସଂକଟମୟ ସ୍ଥିତିରେ ଗଣମାଧ୍ୟମର ଭୂମିକା

**ପ୍ରଦୀପ ସେନାପତି**

ସୁସ୍ଥ ଗଣତନ୍ତ୍ର ପାଇଁ ସୁସ୍ଥ ଗଣ ମାଧ୍ୟମର ଆବଶ୍ୟକତା ଅପରିହାର୍ଯ୍ୟ। ଗଣମାଧ୍ୟମ ସମାଜ ଓ ଗଣତନ୍ତ୍ର ପାଇଁ ଗୋଟିଏ ସ୍ୱଚ୍ଛ, ନିର୍ମଳ ଦର୍ପଣ ଭଳି କାମ କରିବା ଧର୍ମ, କର୍ତ୍ତବ୍ୟ, ଉଚିତ ମଧ୍ୟ। ଗାଁରୁ ସହର, ଚାଷୀ ମୂଳିଆଠାରୁ ବଡ଼ ଅଧିକାରୀ, ଜନ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ସମସ୍ତଙ୍କ ଦ୍ୱାରା ଗଣମାଧ୍ୟମ ଆଦୃତ। ସମୟର ପରିବର୍ତ୍ତନ ଧାରା ସହିତ ତାଳଦେଇ ଗଣମାଧ୍ୟମରେ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ନେଇ କାର୍ଯ୍ୟଧାରା, ରୂପମଧ୍ୟ ବଦଳୁଛି।ଏହି କ୍ରମରେ ଆଜିର ଦିନରେ 'କୃତିମ ବୁଦ୍ଧିମତା' (ଆର୍ଟିଫିସିଆଲ ଇଣ୍ଟେଲିଜେନେସ୍)ର ପ୍ରୟୋଗ ହେଉଛି। ତେବେ ଏହାର ସକାରାତ୍ମକ ଦିଗ ଆମ ସମାଜ ପାଇଁ ବେଶ୍ ଉପଯୋଗୀ ଓ ଗ୍ରହଣୀୟ ହୋଇପାରିଛି ମାତ୍ର ଏହାର ଦୂରୁପଯୋଗ ସର୍ବଦା ବର୍ଜନୀୟ ଅଟେ।

ସାମ୍ବାଦିକତା ଏକ ବୃତ୍ତି ନୁହେଁ, ଏହା ଏକ ମିଶନ। ଦେଶ ସ୍ୱାଧୀନ ହେବାର ୭୭ ବର୍ଷପରେ ଏବେ ଗଣମାଧ୍ୟମ ବା ସମ୍ବାଦପତ୍ର ଉପରେ ସମୀକ୍ଷା କରିବାର ଆବଶ୍ୟକତା ଅନୁଭୂତ ହେଉଛି। ସ୍ୱାଧୀନତା ଲାଭ ପୂର୍ବରୁ ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ଦୃଢଶକ୍ତି, ସକ୍ରିୟ କରିବାକୁ ସମ୍ବାଦପତ୍ରକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଥିଲା। ସ୍ୱାଧୀନତା ପରେ ମଧ୍ୟ ସମ୍ବାଦପତ୍ରକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ମାନ୍ୟତା ଦିଆଯାଇଥିଲା। ଏହା କେବଳ ଏହି ମାନ୍ୟତା ଆମ ଦେଶ ପାଇଁ ପ୍ରଜୁର୍ଜ୍ୟ ନୁହେଁ, ସାରା ବିଶ୍ୱରେ ଏହି ମାନ୍ୟତାର ପରିଚୟର ଉଦାହରଣ ଦିଆଯାଇଛି। ମାତ୍ର ଦୁଃଖର କଥା, ସମ୍ବାଦପତ୍ର ବା ମୁଦ୍ରଣ ଗଣମାଧ୍ୟମ ଏବେ ସଙ୍କଟରେ, ଦୟନୀୟ ଅବସ୍ଥା ବୋଲି କୁହା ଗଲାଣି।ସେହିପରି, ସାମ୍ବାଦିକତା କରୁଥିବା ବ୍ୟକ୍ତି ବିଶେଷମାନଙ୍କର ଦୁଃଖ ଆଉ ଉଦାସିନତା କହିଲେ ନସରେ। ଏହା ମୋର ଅନୁଭବିର ଚିନ୍ତା ପ୍ରକଟ ବୋଲି କୁହାଯାଇପାରେ। ସମ୍ବାଦପତ୍ରର ଇତିହାସ ବେଶ୍ ଉଜ୍ଜ୍ୱଳ ବୋଲି ମନେ ହୋଇଥାଏ। ଅଷ୍ଟାଦଶ ଶତାବ୍ଦୀରେ ପ୍ରଥମ ଭାରତୀୟ ସମ୍ବାଦପତ୍ର ଭାବେ ବେଙ୍ଗଲ ଗେଜେଟ ବା କାଲକେଟା ଜେନେରାଲ ଆଡ୍‌ଭାଟାଇଜର ଇଂରାଜୀ ଭାଷାରେ ତତ୍କାଳୀନ କଲିକତା ଓ ଏବେର କଲକାତା ମହାନଗରରୁ ପ୍ରକାଶ ପାଇଥିଲା। ଏହାପରେ ୧୭୮୯ ମସିହାରେ ବମ୍ବେ (ଏବେର ମୁମ୍ବାଇ)ରୁ ପ୍ରକାଶିତ ହୋଇଥିଲା 'ବମ୍ବେ ହେରାଲଡ୍' ଯାହା ପରବର୍ତ୍ତୀ ବର୍ଷ 'ବମ୍ବେ କୋରିଆ' ଭାବେ ପ୍ରକାଶ ଲାଭ କରିଥିଲା ଓ ପରେ ଇଂରାଜୀ ଭାଷାର ସମ୍ବାଦଦପତ୍ର' ଟାଇମ୍‌ସ ଅଫ ଇଣ୍ଡିଆ' ରେ ୧୮୬୧ରେ ଏହାର ମିଶ୍ରଣ ଘଟିଥିଲା।

ଭାରତରେ ବଙ୍ଗଳା ଭାଷାରେ ପ୍ରଥମ ଆଞ୍ଚଳିକ ସମ୍ବାଦପତ୍ର ଭାବେ ୧୮୧୮ ମେ ୨୩ରେ ସମାଚାର ଦର୍ପଣ ପ୍ରକାଶ ପାଇବାପରେ ହିନ୍ଦୀ ଭାଷାରେ ପ୍ରଥମ ସମ୍ବାଦପତ୍ର 'ସମାଚାର ସୁଧା ଦର୍ପଣ' ୧୮୫୪ରେ ପ୍ରକାଶ ପାଇଥିଲା ଓ ଏହା ପରେ କନ୍ନଡ଼, ମାଲାୟଲାମ, ତାମିଲ ପ୍ରଭୃତି ଭାଷାରେ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ଓ ପ୍ରକୃତରେ ପ୍ରଥମ ଓଡ଼ିଆ ସମ୍ବାଦପତ୍ର 'ଉତ୍କଳଦୀପିକା' ସାପ୍ତାହିକ ସମ୍ବାଦପତ୍ର ଭାବେ ୪ ଅଗଷ୍ଟ ୧୮୬୬ରେ ମୁଦ୍ରିତ ହୋଇ ଲୋକପ୍ରିୟତା ଅର୍ଜନ କରିଥିଲା। ଗୌରୀଶଙ୍କର ରାୟ ଏହାର ସମ୍ପାଦକ ଥିଲେ। ପରେ ପରେ 'ସମାଜ', 'ଦୈନିକ ଆଶା', 'ପ୍ରଜାତନ୍ତ୍ର' ଓ ଅନ୍ୟାନ୍ୟ ସମ୍ବାଦପତ୍ର ଆଦୃତ ହୋଇଥିଲା। ଏବେ ଏକ ବିଂଶ ଶତାବ୍ଦୀରେ 'ସମାଜ' ଏକଶତ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ସମ୍ବାଦପତ୍ର ଭାବେ ଓଡ଼ିଆ ପାଠକଙ୍କ ପ୍ରତିନିଧିତ୍ୱ କରି ଆସୁଥିବା ବେଳେ ଅନ୍ୟାନ୍ୟ ଦୈନିକ ସମ୍ବାଦପତ୍ର ଭାବେ ସମ୍ବାଦ, ଧରିତ୍ରୀ, ପ୍ରମେୟ, ପ୍ରଗତିବାଦୀ, ସମ୍ବାଦକଳିକା, ଆଜିକାଲି, ସୂର୍ଯ୍ୟପ୍ରଭା, ସମୟ, ଓଡ଼ିଶା ଭାସ୍କର, ସଞ୍ଚାର, ଜନମତ ପରିକ୍ରମା, ଦିନଲିପି, ପର୍ଯ୍ୟବେକ୍ଷକ, ନିର୍ଭୟ, ନିର୍ଭୟ ସୂଚନା, ଇପିଏ



ଉଇକ୍ଲି, ମାତୃଭାଷା, ସକାଳ ଓ ପ୍ରଜାତନ୍ତ୍ର ମଧ୍ୟ ନିଜ ନିଜର ସ୍ଥିତି ବଜାୟ ରଖିପାରିଛନ୍ତି। ଆହୁରି ଅନେକ ଦୈନିକ ଓଡ଼ିଆ ସମ୍ବାଦପତ୍ର, ସାପ୍ତାହିକ ଖବରକାଗଜ ଅଛି ଯାହାର ନାମ ସବୁକୁ ଆଲୋଚନା କରାଯାଇ ପାରନ୍ତା ଏବଂମୋର ସ୍ୱଳ୍ପ ଲେଖନୀରେ ସେସବୁକୁ ବର୍ଣ୍ଣନା କରିବା ସମ୍ଭବପର ନୁହେଁ।

ସାପ୍ତାହିକ ସମ୍ବାଦପତ୍ର ଭାବେ 'ରାଷ୍ଟ୍ରଦୀପ' ଓ ମାସିକ ଓଡ଼ିଆ ପତ୍ରିକା ଭାବେ ଶୈଳବାଳା ମିଶ୍ରଙ୍କ ସଂଯୋଜନାରେ 'ସମାରୋହ', ନିରଞ୍ଜନ ରଥଙ୍କ ସମ୍ପାଦନାରେ ଗୋପବନ୍ଧୁଙ୍କ "ସତ୍ୟବାଦୀ" ଭର୍ତ୍ତୃହରି ମହତାବଙ୍କ ସମ୍ପାଦନରେ 'ଝଙ୍କାର', ଜୟାଶିଷ ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା', ସୁପ୍ରଭା ରାୟଙ୍କ ସମ୍ପାଦନାରେ ମାସିକ ଗଳ୍ପ ପତ୍ରିକା 'କଥାକଳିକା', ଇତି ସମାନ୍ତଙ୍କ ସମ୍ପାଦନରେ 'କାଦମ୍ବିନୀ' ସୁଜାତା ପଟ୍ଟନାୟକଙ୍କ ସମ୍ପାଦନାରେ 'ପୌରୁଷ' ପ୍ରଭୃତି ପ୍ରକାଶ ପାଇ ଚାଲିଛି। ତେବେ, ଏସବୁ ପତ୍ରିକା ପାଠକ, ପାଠୀକାମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି।

ବିଶ୍ୱ କରୋନା ମହାମାରୀ ପରେ କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ସମ୍ବାଦପତ୍ର ଓ ପତ୍ରପତ୍ରିକାର ପ୍ରକାଶନ ଏବଂ ବିତରଣ କ୍ଷେତ୍ରରେ ସଙ୍କଟ ଦେଖାଯାଇଥିଲା। ମାତ୍ର ଏବେ ସେପରି ଅବସ୍ଥା ନାହିଁ। ଏବେ ମୁଦ୍ରଣ ଗଣମାଧ୍ୟମ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି ବିଭିନ୍ନ ଘରୋଇ ଟିଭି ଚାନେଲ। ଏବେ ସେହିସବୁ ଘରୋଇ ଓ ସରକାରୀ ଟିଭି ଚାନେଲ ବା ତଡ଼ିତ ଗଣମାଧ୍ୟମକୁ ପଛରେ ପକାଇ ପାରିଛି ବିଭିନ୍ନ ସାମାଜିକ ଗଣମାଧ୍ୟମ। ଏବେ ମୋବାଇଲର ପ୍ରଚଳନ ବହୁ ସଂଖ୍ୟାରେ ହେବାରୁ ମୋବାଇଲ ଯୋଗେ ବିଭିନ୍ନ ଆମୋଦପ୍ରମୋଦ ବ୍ୟବସ୍ଥା ସମେତ ଖବର ତଥା ଅନ୍ୟାନ୍ୟ ସୂଚନା ଏବେ ସାମାଜିକ ଗଣମାଧ୍ୟମ ଜରିଆରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିଛି। 'ହ୍ୱାଟ୍‌ସ ଆପ' ପରେ ସବୁଠାରୁ ବେଶୀ ଆଦୃତ ସାମାଜିକ ଗଣମାଧ୍ୟମ ହେଉଛି 'ଫେସ୍ ବୁକ୍'। ସାରା ବିଶ୍ୱରେ ଏମ୍.ଓ.ଏମ୍ ନିୟୁତ ବ୍ୟକ୍ତି ଚଳିତ ବର୍ଷ (୨୦୨୩) ରେ ଏହି "ଫେସ ବୁକ" ସହିତ ଯୋଡ଼ିହୋଇ ରହିଛନ୍ତି। ଏହା ପଛକୁ 'ଇନଷ୍ଟାଗ୍ରାମ' ବି ରହିଛି। ଅଳ୍ପ କେତେକ ଗ୍ରାହକ ଟୁଇଟରରେ ଥିଲେ ମଧ୍ୟ ଟୁଇଟର ଏତେଟା ପ୍ରଭାବଶାଳୀ ହୋଇପାରିନାହିଁ।

ଏବେ ମୁଦ୍ରଣ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ବା ରାଜ୍ୟ ସରକାର ତଥା ସମ୍ବାଦପତ୍ରର ମାଲିକମାନେ ଏଥିପ୍ରତି ସଚେତନ ହୋଇ ପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା।ଯେଉଁ ସମ୍ବାଦିକମାନେ ସାମ୍ବାଦିକ ସଂଘ ଗଠନ କରିଛନ୍ତି, ସେମାନେ ସାମ୍ବାଦିକ ବା ସମ୍ବାଦପତ୍ର କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଲାଗିଏବେ କୌଣସି ସକ୍ରିୟ ଭୂମିକାରେ ଥିବାପରି ମନେ ହେଉନାହିଁ। ଅବଶ୍ୟ ବିଭିନ୍ନ ସଭା ସମିତି ଧାରଣା ଆଲୋଚନା ଚକ୍ରରେ ସେମାନେ ବ୍ୟସ୍ତ ରହୁଛନ୍ତି।

ସମ୍ବାଦପତ୍ର ବା ଏହାର ସାମ୍ବାଦିକତା ସ୍ୱାଧୀନତା ମଧ୍ୟ ସଂକୁଚିତ ହୋଇଥିବା ପରି ମନେ ହେଉଛି। ସମ୍ବାଦପତ୍ରକୁ ନିୟନ୍ତ୍ରଣ କରିବାକୁ ୧୯୬୬ ମସିହା ନଭେମ୍ବର ୧୬ ତାରିଖରୁ ଭାରତ ସରକାର ପ୍ରେସ୍ କାଉନସିଲ ସଂସ୍ଥା ଆରମ୍ଭ କରିଥିଲେ। ତେଣୁ, ସେହି ଦିବସ ଅର୍ଥାତ୍ ନଭେମ୍ବର ୧୬କୁ ଆମେ ଓ ସରକାରୀ ସ୍ତରରେ ପ୍ରେସ୍ ଦିବସ ଭାବେ ପାଳନ କରି ଆସିଛୁ। ଆଜକୁ ଏହି ଦିବସ ୫୮ ତମ ଜାତୀୟ ପ୍ରେସ୍ ଦିବସ ଭାବେ ସର୍ବ ଭାରତୀୟ ସ୍ତରରେ ସ୍ୱିକୃତିପ୍ରାପ୍ତ ମାନ୍ୟତା ପାଇଛି। ଏହି ପରିପ୍ରେକ୍ଷୀରେ ଆଜିର ଏହି ୫୮ତମ ଜାତୀୟ ପ୍ରେସ୍ ଦିବସ ଅବସରରେ, ସମସ୍ତ ସମ୍ପାଦକ, ସାମ୍ବାଦିତ ବନ୍ଧୁମାନଙ୍କୁ ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ ପକ୍ଷରୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।


**ଇଣ୍ଡିଆନ ନିୟୁଜ ସାଇଟ ତଥା ଆନ୍ତର୍ଜାତୀୟ ସ୍ତମ୍ଭକାର**
**ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨**
**ମୋବାଇଲ୍: ୭୮୪୮୮୯୮୪୫୬**


# ଦରବୃଦ୍ଧି ନିରାକରଣ

**ଗୁରୁପ୍ରସାଦ ମହାନ୍ତି**

ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିଚାଲିଛି। ଆଳୁ ଓ ପିଆଜ ଦର ୧୫ ଦିନରେ ୨୦ରୁ ୫୦ ପ୍ରତିଶତ ବଢ଼ିଛି। ମାତ୍ର ଦୁଇ ସପ୍ତାହ ତଳେ ଓଡ଼ିଶା ବଜାରରେ ଆଳୁ କିଲୋ ୨୦ ଟଙ୍କା ଥିଲା। ଏବେ ଏହା ୩୦ ଟଙ୍କାକୁ ବୃଦ୍ଧି ପାଇଛି। ପିଆଜ ଦର ମଧ୍ୟ ପ୍ରାୟ ୨୦ ପ୍ରତିଶତ ବଢ଼ିଛି। ଅନିୟମିତ ପାଣିପାଗ ଏବଂ ଗତ ବର୍ଷ ସ୍ୱଳ୍ପ ବୃଷ୍ଟିପାତରୁ ଉତ୍ପାଦନ ହ୍ରାସ ପାଇଛି ଏବଂ ଏହା ଆଳୁ, ପିଆଜ ଦର ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏଥିରେ ସରକାରଙ୍କର ବିଶେଷ କିଛି କରିବାର ନାହିଁ। କେବଳ ଆଳୁ-ପିଆଜ ବା ଅନ୍ୟ ପନିପରିବା ନୁହେଁ, ଡାଲି ଦର ମଧ୍ୟ ଅନେକାଂଶରେ ବଢ଼ିଛି ଯାହା ସାଧାରଣ ଖାଉଟୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଗତ ବର୍ଷ ଡାଲି ଉତ୍ପାଦନ ହ୍ରାସରୁ ଏହି ସମସ୍ୟା ଉପୁଜିଛି। ଗତ ୫ ବର୍ଷ ହେବ ଭାରତରେ ଡାଲି ଦର ଅନେକ ସମୟରେ ଚଢ଼ା ରହୁଛି। କଦବା କେତେବେଳେ ଏହା କମିଲେ ମଧ୍ୟ ସେଭଳି ହ୍ରାସ ପାଉନି ଯାହା ପୂର୍ବରୁ ଥିଲା। ଭାରତରେ ଆବଶ୍ୟକତା ତୁଳନାରେ ଡାଲି ଉତ୍ପାଦନ ହେଉନି। ବିଶେଷ କରି ହରଡ଼ ଡାଲି ଉତ୍ପାଦନ ପର୍ଯ୍ୟାପ୍ତ ନୁହେଁ। ତେଣୁ ଏହାର ଦର ସବୁ ବେଳେ ଚଢ଼ା ରହୁଛି। ସେହିପରି ଚଣା, ମୁଗଡ଼ାଲି, ବିରିଡାଲିର ଦର ମଧ୍ୟ ତୁଳନାତ୍ମକ ଭାବେ ଅଧିକ ରହୁଛି। ଭାରତାର ଧନୀ, ଗରିବ ସବୁ ବର୍ଗର ଲୋକଙ୍କ ପାଇଁ ଡାଲି ଏକ ଦୈନନ୍ଦିନ ଏବଂ ଅପରିହାର୍ଯ୍ୟ ଖାଦ୍ୟ ସାମଗ୍ରୀ। କିନ୍ତୁ ୧୪୦ କୋଟି ଲୋକଙ୍କ ପାଇଁ ଏଠାରେ ଡାଲି ଉତ୍ପାଦନ ଯଥେଷ୍ଟ ନୁହେଁ। ଡାଲି ଉତ୍ପାଦନ ବୃଦ୍ଧି ଲାଗି ସରକାର ଅନେକ ଯୋଜନା କରୁଥିଲେ ମଧ୍ୟ ତାହାର ସୁଫଳ ମିଳୁନି। ଫଳରେ ଆମକୁ ବିଦେଶରୁ ଡାଲି ଆମଦାନୀ କରିବାକୁ ପଡୁଛି। ଡାଲି ଭଳି ଗହମ ଦର ମଧ୍ୟ ଚଢ଼ା ରହୁଛି। କିଛି ଅସାଧୁ ବ୍ୟବସାୟୀ ନିର୍ବାଚନ ବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ବେଆଇନ ମହଜୁଦ ରକି କୃତ୍ରିମ ଅଭାବ ଏବଂ ଦରବୃଦ୍ଧି କରୁଛନ୍ତି। ନିର୍ବାଚନ ବେଳେ ସରକାର ବା ପ୍ରଶାସନ ଏଥିରେ ବ୍ୟସ୍ତ ଥାଏ। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ଏଭଳି ଦରବୃଦ୍ଧି କରୁଛନ୍ତି। ଏହା ବିରୋଧରେ କଠୋର ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ତେବେ ନିର୍ବାଚନ ପୂର୍ବରୁ ଏଭଳି ଦରବୃଦ୍ଧିର ଆଉ ଏକ କାରଣ ହେଲା ବଜାରକୁ କଳାଧନର ପ୍ରବେଶ। ନିର୍ବାଚନ ବେଳେ ନେତା, ପୁଞ୍ଜିପତିମାନେ ସେମାନଙ୍କର ଗଚ୍ଛିତ କଳାଧନକୁ କ୍ଷମତା ଦଖଲ ନିମନ୍ତେ ବିନିଯୋଗ କରନ୍ତି। ନିର୍ବାଚନ ପ୍ରଚାରରେ ବିପୁଳ ଅର୍ଥ ବ୍ୟୟ ହୋଇଥାଏ। ଏହା ସହିତ ବିଭିନ୍ନ ସ୍ଥାନରେ ଭୋଜିଭାତର ଧୁମ ଉଠିଥାଏ। ଭୋଟମାନେ ମଧ୍ୟ ୫ ବର୍ଷରେ ଥରେ ଏହି ମଉକାର ସଦବ୍ୟବହାର ଲାଗି ଅପେକ୍ଷା କରିଥାଆନ୍ତି। ତେଣୁ ବଜାରରେ ବିଭିନ୍ନ ଖଦ୍ୟ ସାମଗ୍ରୀର ଚାହିଦା ଏବଂ ବିକ୍ରୀ ବଢ଼ିଯାଏ। କଳାଧନ ବା ମାଗଣାରେ ପାଇଥିବା ଅର୍ଥକୁ ଲୋକେ ଅକାତରରେ ଖର୍ଚ୍ଚ କରନ୍ତି। ଏହା ଦରବୃଦ୍ଧିର ଏକ ପ୍ରମୁଖ କାରଣ। ବଜାରରେ କଳାଧନ ପ୍ରବେଶ କଲେ ଦରବୃଦ୍ଧି ହେବା ଅର୍ଥନୀତିର ଏକ ସାଧାରଣ ସୂତ୍ର। ଆଳୁ, ପିଆର ଦର ବୃଦ୍ଧି ଲାଗି ଏହା ଏକ ପ୍ରମୁଖ କାରଣ। ଏହା ବ୍ୟତିତ ବ୍ୟବସାୟୀମାନେ ରାଜନୈତିକ ଦଳ ବା ପ୍ରାର୍ଥୀଙ୍କୁ ଚାନ୍ଦା ଦିଅନ୍ତି। ଏହାକୁ ଭରଣା କରିବା ଲାଗି ସେମାନେ ଦର ବଢ଼ାଇଥାଆନ୍ତି। ତେବେ ସାଧାରଣ ଲୋକେ ଏକଥା ବୁଝନ୍ତି ନାହିଁ। ଦରବୃଦ୍ଧି ବିରୋଧରେ ସେମାନେ ପ୍ରତିକ୍ରିୟା ପ୍ରକାଶ କରନ୍ତି ଏବଂ ଶାସକ ଦଳ ବିରୋଧରେ ଭୋଟ ଦିଅନ୍ତି। କେବଳ ଓଡ଼ିଶା ନୁହେଁ, ସାରା ଦେଶରେ ଡାଲି, ତେଲ, ଗହମ ଜାତୀୟ ଶସ୍ୟ, ଆଳୁ ପିଆଜର ଦର ବୃଦ୍ଧି ଘଟିଛି। ଏହା କ୍ଷମତାସୀନ ଏନଡିଏ ବା ବିଜେପି ବିରୋଧରେ ଯିବା ସ୍ୱାଭାବିକ। ଯଦି କେନ୍ଦ୍ର ସରକାର ଦରବୃଦ୍ଧି ନିୟନ୍ତ୍ରଣରେ ତତ୍କାଳ ସଫଳ ନହୁଅନ୍ତି ତେବେ ଗୋଟିଏ ଦିନରେ ଜନମତ ବଦଳିଯିବା ଅସମ୍ଭବ ନୁହେଁ। ଅତୀତରେ ଏଭଳି ଘଟିଥିବାର ଅନେକ ନଜିର ରହିଛି। ସେହିପରି ସୁନା ଏବଂ ରୂପା ଦର ମଧ୍ୟ ଏବେ ଆକାଶଛୁଆଁ ହୋଇଛି। ଏବେ ବିବାହ ସିଜନ ଚାଲିଛି। ସୁନା-ରୂପାର ଦରବୃଦ୍ଧି ମଧ୍ୟ ଶାସକ ବିରୋଧରେ ଯାଇପାରେ।


**ବାପୁଜୀନଗର, ଭୁବନେଶ୍ୱର**


# ଚକ୍ରବ୍ୟୂହରେ ଚତୁର୍ଥ ସ୍ତମ୍ଭ

**ସୁବାଷ କୁମାର ତାରଣିଆଁ**

ଗଣତନ୍ତ୍ରକୁ ସୁଦୃଢ ଓ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଗଣମାଧ୍ୟମ। ଆଉ ଗଣମାଧ୍ୟମକୁ ସଠିକ୍ ଭାବରେ ପରିଚାଳନା କରିବାରେ ସାମ୍ବାଦିକମାନେ ଜାଗ୍ରତ ପ୍ରହରୀ ଭଳି ଉଭା ହୋଇଥାନ୍ତି। ଯେଉଁ ଦେଶରେ ଗଣତନ୍ତ୍ରର ସ୍ୱର ଯେତେ ପ୍ରଖର, ସେ ଦେଶ ସେତେ ଉନ୍ନତ ଓ ଦୁର୍ନୀତିମୁକ୍ତ। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ମୂଳୋତ୍ପାଟନ କରିବାରେ ଗଣତନ୍ତ୍ର ପ୍ରମୁଖ ଅସ୍ତ୍ର ଭାବେ କାର୍ଯ୍ୟ କରିଥାଏ। ସେଥିପାଇଁ ଗଣମାଧ୍ୟମକୁ ଚତୁର୍ଥସ୍ତମ୍ଭର ମାନ୍ୟତା ମିଳିଛି। ଗଣମାଧ୍ୟମ କେବଳ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ, ବରଂ ଦେଶ ବିଦେଶରେ ଘଟୁଥିବା ଘଟଣାବଳୀକୁ ନେଇ ସାଧାରଣ ଜନତାଙ୍କ ନିକଟରେ ଖବର ପହଞ୍ଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ଦ୍ୱାରା ହିଁ ଗଣମାଧ୍ୟମ ଉପରେ ବିଶ୍ୱାସନୀୟତା ବଢ଼ିଥାଏ। କଲମ ମୁନରେ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବା, ଗଣତନ୍ତ୍ରର ମୂଲ୍ୟବୋଧକୁ ସମ୍ମାନର ସହ ବଞ୍ଚାଇ ରଖିବା ଓ ସାଧାରଣ ଜନତାଙ୍କ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଗଣମାଧ୍ୟମର ମୂଳ ଲକ୍ଷ୍ୟ। ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ସମାଜବାଦୀ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ମାନ୍ୟତା ପାଇଥିଲା ଏବଂ ଗଣତନ୍ତ୍ର ରାଷ୍ଟ୍ରରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମକୁ ନେଇ ଚାରୋଟି ସ୍ତମ୍ଭ କାର୍ଯ୍ୟକାରୀ ହୋଇଥିଲା। ଦେଶର ସାମଗ୍ରିକ ବିକାଶ ଦିଗରେ ଗଣମାଧ୍ୟମର ଭୂମିକା ରହିଛି। ସେହିପରି ଗଣତନ୍ତ୍ରକୁ ସୁପରିଚାଳନା କରିବା ଦିଗରେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ସଂଗଠିତ ହେଉଥିବା ଘଟଣାବଳୀ ସମ୍ପର୍କରେ ସଠିକ୍ ତଥ୍ୟ ଉପସ୍ଥାପନ କରିବା ଗଣମାଧ୍ୟମର କର୍ତ୍ତବ୍ୟ। ସେହି ଦୃଷ୍ଟିରୁ ଚାରିସ୍ତମ୍ଭ ମଧ୍ୟରୁ ଗଣମାଧ୍ୟମକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସମାଜର ପରଦା ପଛରେ ଲୁଚି ରହିଥିବା ଅବହେଳିତ, ନିଷ୍ପେସିତ ପ୍ରତିଭାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାରେ ମଧ୍ୟ ଗଣମାଧ୍ୟମର ଯଥେଷ୍ଟ ଅବଦାନ ରହିଛି। ଗଣମାଧ୍ୟମକୁ ସଠିକ୍ ଭାବେ ପରିଚାଳନା କରିବାକୁ ହେଲେ ସାମ୍ବାଦିକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦିନରାତି, ଶୀତ କାକର, ଖରା, ବର୍ଷା ଓ ଭୋକ ଉପାସକୁ ଖାତିର ନକରି ବର୍ଷକ ୩୬୫ ଦିନ ନିଜର ଦାୟିତ୍ୱ ସମ୍ପାଦନ କରୁଥିବା ଗଣମାଧ୍ୟମ ଓ ସାମ୍ବାଦିକ ସର୍ବଦା ସମାଜରେ ସୁନାମ କମାଇ ଥାଆନ୍ତି।

୨୦୦୩ ମସିହାରେ ଚାଇନା ଦେଶରେ ଏକ ଭୟଙ୍କର ରୋଗ ମହାମାରୀର ରୂପ ନେଇଛି ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ଖବର ଛାପି ଜଣେ ବ୍ୟକ୍ତି ସରକାରଙ୍କ ଦ୍ୱାରା ଗିରଫ ହେବା ଏବଂ ପରବର୍ତ୍ତୀ ସମୟରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଖବର ବିଭିନ୍ନ ଖବରକାଗଜରେ ପ୍ରକାଶନ କରି ମୁଖ୍ୟ ଶିରୋନମା ପାଲଟିଥିଲେ ଜଣେ ସାମ୍ବାଦିକ। ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାମ୍ବାଦିକ ଜଣକ ରୋଶର ଶିକାର ହୋଇଥିଲେ ଏବଂ ଜେଲ୍ ମଧ୍ୟ ଯାଇଥିଲେ। ତତ୍କାଳୀନ ସମୟରେ ଚାଇନାରେ ଖବରକାଗଜଗୁଡ଼ିକର ମାଲିକ ଥିଲେ ଖୋଦ୍ ଶାସକ ଦଳ। ହେଲେ ସାମ୍ବାଦିକ ଜଣକ ଏସବୁକୁ ଭ୍ରୂକ୍ଷେପ ନକରି ବା ଶାସକ ଦଳକୁ ଭୟ ନକରି ନିଜର ଚିରାଚରିତ ଭାବେ ନିରପେକ୍ଷ ଖବର ପରିବେଷଣ କରିଚାଲିଥିଲେ। ସରକାରଙ୍କ ନାଲିଆଖି ଓ ଜେଲ୍‌ର ଭୟ ସାମ୍ବାଦିକ ଜଣଙ୍କୁ ପ୍ରଭାବିତ କରିନଥିଲା।




ଦେଶ ସ୍ୱାଧୀନତାପ୍ରାପ୍ତିର ୧୯ ବର୍ଷ ପରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ ଓ ସଫଳ କରିବା ଉଦ୍ଦେଶ୍ୟରେ ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ଭାରତରେ ପ୍ରେସ୍ କାଉନ୍‌ସିଲ୍ ଗଠନ କରାଯାଇ କାର୍ଯ୍ୟ ଆରମ୍ଭ କରିଥିଲା ଓ ସମ୍ବାଦବାହୀ ଗଣମାଧ୍ୟମକୁ ସାମଗ୍ରିକ ଭାବେ ପ୍ରେସ୍ ବୋଲି କୁହାଗଲା। ଏକ ନିର୍ଭୀକ, ନିରପେକ୍ଷ, ମୁକ୍ତ ଓ ଦାୟିତ୍ୱଶୀଳ ପ୍ରେସ୍‌ର ପ୍ରତୀକ ଭାବରେ ଏହି ଦିନଟିକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଉଛି। ପ୍ରେସ୍ କାଉନ୍‌ସିଲ୍ ଏକ ନୈତିକ ପ୍ରହରୀ। ଦୁଇଟି ମୁଖ୍ୟ ଉଦ୍ଦେଶ୍ୟରେ ଏହା ଗଠିତ ହୋଇଥିଲା। ପ୍ରଥମ ସମ୍ବାଦବାହୀ ଗଣମାଧ୍ୟମର ମାନ, ସମ୍ମାନ, ପରମ୍ପରା, ମୂଲ୍ୟବୋଧକୁ ବଜାୟ ରଖିବା ସହ ଏହାର ମୌଳିକ ଅଧିକାର, କର୍ତ୍ତବ୍ୟ ଏବଂ ଗୁରୁଦାୟିତ୍ୱ ସମ୍ପନ୍ନ ଅଟେ। ଦ୍ୱିତୀୟଟି ଏହାକୁ ଚାପ ଓ ପ୍ରଭାବରୁ ମୁକ୍ତ ରଖିବା ମୌଳିକ କର୍ତ୍ତବ୍ୟ। କାହାକୁ ଭ୍ରୂକ୍ଷେପ ନକରି ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱ ଭାବରେ ସଠିକ୍ କଲମ ପରିଚାଳନା କରିବାରେ ଅବହେଳା ନ କରିବା ଏହାର ପ୍ରାଥମିକତା ଅଟେ। ଗଣମାଧ୍ୟମ ହେଉଛି ସମ୍ବିଧାନର ହର୍ତ୍ତା, କର୍ତ୍ତା, ଦଇବ ବିଧାତା, ତାହା ପୁଣି ରକ୍ଷାକବଚ।

ଅଣୀ ଠାରୁ ମସିର ବଳ ବେଶି ଉକ୍ତିକୁ ପ୍ରତିପାଦନ କରି ଉକ୍ତ ସାମ୍ବାଦିକ ଜଣକ ଆଗକୁ ଆଗକୁ ମାଡ଼ି ଚାଲିଥିଲେ। ଚାଇନାରେ ଚାଲୁଥିବା ଏକଛତ୍ରବାଦ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସାମ୍ବାଦିକତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ ଉକ୍ତ ସାମ୍ବାଦିକ ଜଣକ। ନିଜର ନିଷ୍ପାପର ଉଦ୍ୟମ ଯୋଗୁଁ ପରବର୍ତ୍ତୀ ସମୟରେ ସାମ୍ବାଦିକ ଜଣକ ୨୫ ହଜାର ଡଲାର ପୁରସ୍କାର ପାଇଥିଲେ। ସେହିବର୍ଷ ଠାରୁ ସେଠାରେ ଜଣେ ନିର୍ଭୀକ ଓ ସଚ୍ଚୋଟ ସାମ୍ବାଦିକଙ୍କୁ ପୁରସ୍କାର ବାବଦରେ ଏହି ଅର୍ଥରାଶି ପ୍ରଦାନ କରାଯାଇ ଆସୁଅଛି।

ଦେଶ ସ୍ୱାଧୀନତାପ୍ରାପ୍ତିର ୧୯ ବର୍ଷ ପରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ ଓ ସଫଳ କରିବା ଉଦ୍ଦେଶ୍ୟରେ ୧୯୬୬ ମସିହା ନଭେମ୍ବର ୧୬ ତାରିଖରେ ଭାରତରେ ପ୍ରେସ୍ କାଉନ୍‌ସିଲ୍ ଗଠନ କରାଯାଇ କାର୍ଯ୍ୟ ଆରମ୍ଭ କରିଥିଲା ଓ ସମ୍ବାଦବାହୀ ଗଣମାଧ୍ୟମକୁ ସାମଗ୍ରିକ ଭାବେ ପ୍ରେସ୍ ବୋଲି କୁହାଗଲା। ଏକ ନିର୍ଭୀକ, ନିରପେକ୍ଷ, ମୁକ୍ତ ଓ ଦାୟିତ୍ୱଶୀଳ ପ୍ରେସ୍‌ର ପ୍ରତୀକ ଭାବରେ ଏହି ଦିନଟିକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଉଛି। ପ୍ରେସ୍ କାଉନ୍‌ସିଲ୍ ଏକ ନୈତିକ ପ୍ରହରୀ। ଦୁଇଟି ମୁଖ୍ୟ ଉଦ୍ଦେଶ୍ୟରେ ଏହା ଗଠିତ ହୋଇଥିଲା। ପ୍ରଥମ ସମ୍ବାଦବାହୀ ଗଣମାଧ୍ୟମର ମାନ, ସମ୍ମାନ, ପରମ୍ପରା, ମୂଲ୍ୟବୋଧକୁ ବଜାୟ ରଖିବା ସହ ଏହାର ମୌଳିକ ଅଧିକାର, କର୍ତ୍ତବ୍ୟ ଏବଂ ଗୁରୁଦାୟିତ୍ୱ ସମ୍ପନ୍ନ ଅଟେ। ଦ୍ୱିତୀୟଟି ଏହାକୁ ଚାପ ଓ ପ୍ରଭାବରୁ ମୁକ୍ତ ରଖିବା ମୌଳିକ କର୍ତ୍ତବ୍ୟ। କାହାକୁ ଭ୍ରୂକ୍ଷେପ ନକରି ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିତ୍ୱ ଭାବରେ ସଠିକ୍ କଲମ ପରିଚାଳନା କରିବାରେ ଅବହେଳା ନ କରିବା ଏହାର ପ୍ରାଥମିକତା ଅଟେ। ଗଣମାଧ୍ୟମ ହେଉଛି ସମ୍ବିଧାନର ହର୍ତ୍ତା, କର୍ତ୍ତା, ଦଇବ ବିଧାତା, ତାହା ପୁଣି ରକ୍ଷାକବଚ। ଦର୍ନୀତିରେ ସମ୍ପୃକ୍ତ ଥିବା ରାଜନେତା ଓ ପୋଲିସ୍ ପ୍ରଶାସନମାନଙ୍କ କଳା କାରନାମା ଖୋଲି ଦେବାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଯଥେଷ୍ଟ ଅବଦାନ ରହିଛି। ମହାମାରୀ କରୋନା ସମୟରେ ସାରା ବିଶ୍ୱରେ ଗଣମାଧ୍ୟମ ବିଶେଷକରି ସମ୍ବାଦପତ୍ର ପ୍ରକାଶନ ଓ ପ୍ରସାରଣ କ୍ଷେତ୍ରରେ ଘୋର ସଙ୍କଟ ସୃଷ୍ଟି ହୋଇଥିଲା। ସେ ସବୁ ସଙ୍କଟ ଧୀରେ ଧୀରେ ଦୂର ହେଉଥିବା ବେଳେ, ମୁଦ୍ରିତ ଗଣମାଧ୍ୟମ ସହିତ ପ୍ରତିଯୋଗିତାର ସମ୍ମୁଖୀନ ହୋଇଛନ୍ତି କିଛି ଘରୋଇ ଟିଭି ଓ ୱେବ୍ ଚାନେଲ। ଯେଉଁଥିପାଇଁ ପୁରୁଣା ତଥା ପ୍ରତିଷ୍ଠିତ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ମାଲିକ ଓ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାର ତଥା ସମ୍ବାଦପତ୍ରର ମାଲିକମାନେ ଏଥିପ୍ରତି ସଚେତନ ନହେଲେ, ଏହି ବିବାଦ ଆହୁରି ତୀବ୍ରତର ହେବ। ଯେଉଁ ସମ୍ବାଦିକମାନେ ସାମ୍ବାଦିକ ସଂଘ ଗଠନ କରିଛନ୍ତି, ସେମାନେ ସାମ୍ବାଦିକ ବା ସମ୍ବାଦପତ୍ର କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଲାଗି ସେଭଳି କୌଣସି ସକ୍ରିୟ ଭୂମିକା ନେଇଥିବା ମନେ ହେଉନାହିଁ।

ବର୍ତ୍ତମାନ ଗଣମାଧ୍ୟମ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତିକରୁଛି। ଯେଉଁ ଗଣମାଧ୍ୟମ ଦିନେ ସତ୍ୟ ଓ ନିର୍ଭୀକ ଖବର ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଉଥିଲା, ଆଜି ତାର କଣ୍ଠରୋଧ କରିଦିଆଯାଉଛି ଯାହା ଏକ ଉଦ୍‌ବେଗଜନକ ବିଷୟ। ଏହାର ସୁଯୋଗ ନେଇ ଛତୁ ଫୁଟିଲା ଭଳି ନୂଆ ନୂଆ ଖବର କାଗଜ ଓ ୱେବପୋର୍ଟାଲ ଗଜିଉଠୁଛି। ଏହିସବୁ ୱେବ୍‌ପୋର୍ଟାଲ, ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମ କିଛି ରାଜନୈତିକ ଓ ପ୍ରଭାବଶାଳୀ ପ୍ରଶାସନିକ ଅଧିକାରୀଙ୍କ ନିୟନ୍ତ୍ରଣରେ ରହୁଥିବାରୁ, ଏ ଗଣମାଧ୍ୟମ ଏ ଦଳର, ସେ ଗଣମାଧ୍ୟମ ସେ ଦଳର ବୋଲି କୁହାଯାଉଛି। ଏଥିରେ କାର୍ଯ୍ୟରତ ସାମ୍ବାଦିକମାନେ ଗଣମାଧ୍ୟମର ମୂଲ୍ୟବୋଧକୁ ଜଳାଞ୍ଜଳି ଦେଇ ବିଭିନ୍ନ ଅନୁଷ୍ଠାନ, ସାଧାରଣ ଜନତାଙ୍କୁ ଧମକାଇ ଟଙ୍କା ଆଦାୟ କରୁଥିବାର ଖବର ଏବେ ପ୍ରତିଦିନ ଦେଖିବାକୁ ମିଳୁଛି ଯାହା ଗଣମାଧ୍ୟମ ପ୍ରତି ଏକ ଶକ୍ତ ଆଘାତ। ଚତୁର୍ଥ ସ୍ତମ୍ଭର ମାନ୍ୟତା ପାଇଥିବା ଗଣମାଧ୍ୟମ ଏବେ ନିଜ ନିଜ ଭିତରେ କାଦୁଅ ଫିଙ୍ଗାଫିଙ୍ଗିରେ ଜଡ଼ିତ ରହୁଛନ୍ତି। ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କୁ ଦଳୀୟ ସାମ୍ବାଦିକ ବୋଲି କୁତ୍ସାରଟନା କରାଯାଉଛି ଯାହା ସାମ୍ବାଦିକମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଛି। ଜଣେ ସାମ୍ବାଦିକ କାଉ କଳା ବୋଲି କହୁଥିବା ବେଳେ ଅନ୍ୟଜଣେ ସାମ୍ବାଦିକ କାଉକୁ ଧଳା ବୋଲି ପ୍ରମାଣିତ କରିବାକୁ ତତ୍ପର ହୋଇପଡୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କିଛି ଅନାମଧେୟ ଓ ଅସାମାଜିକ ବ୍ୟକ୍ତି ନିଜର ସ୍ୱାର୍ଥ ହାସଲ ପାଇଁ ନିଜକୁ ସାମ୍ବାଦିକତାର ପରିଚୟ ଦେଇ ଗରିବ ଓ ସାଧାରଣ ଜନତାଙ୍କୁ ବ୍ଲାକ ମେଲିଂ କରି ଅର୍ଥ ଉପାର୍ଜନ କରୁଛନ୍ତି ଯାହା ସାମ୍ବାଦିକ ଓ ଗଣମାଧ୍ୟମ ନାମରେ କଳଙ୍କ। ସେହିପରି ସମ୍ବାଦିକମାନଙ୍କ ମଧ୍ୟରେ ଏକତାର ଅଭାବ ଯୋଗୁଁ ସେମାନଙ୍କ ଉପରେ ଅକ୍ରମଣ ବୃଦ୍ଧିପାଇବାରେ ଲାଗିଛି। ଜଣେ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହେଲେ, ଗୋଟିଏ ଗୋଷ୍ଠୀ ଏହାକୁ ବିରୋଧ କରୁଥିବା ବେଳେ ଅନ୍ୟ ଗୋଟିଏ ଗୋଷ୍ଠୀ ଏହାକୁ ସମର୍ଥନ କରୁଛନ୍ତି। ଯେଉଁଥି ପାଇଁ ଗଣମାଧ୍ୟମ ଆଜି ଗଣତାନ୍ତ୍ରିକ ଶାସନ କଳର ବ୍ୟବସ୍ଥା ମଧ୍ୟରେ ପେଶି ହୋଇଯାଇଛି। ଦେଶ ସ୍ୱାଧୀନ ହେଲା, ଅଥଚ ପରାଧୀନତାର ଆଢୁଆଳରେ, ସ୍ଥିତି ମଧ୍ୟରେ ଛନ୍ଦିହୋଇ ରହିଗଲା ଗଣମାଧ୍ୟମ, ଯାହା ନିଶ୍ଚିତରୂପେ ଏହା ଅଶୁଭ ସଙ୍କେତ ଅଟେ। ଗଣମାଧ୍ୟମକୁ ଅଣନିଶ୍ୱାସୀ କରି ରଖାଯାଇଛି, କଣ୍ଠରୋଧ କରାଯାଉଛି। କହିବାକୁ ଗଲେ, ଗଣମାଧ୍ୟମ ତାର ସ୍ୱାଧୀନତା ହରାଇ ବସିଛି।

ଗଣମାଧ୍ୟମକୁ ଆହୁରି ଦୃଢ଼ତାର ସହିତ ଶକ୍ତିଶାଳୀ କରିବାକୁ ହେଲେ ସାମ୍ବାଦିକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପଡ଼ିବ। ସାମ୍ବାଦିକ ବୃତ୍ତି ପ୍ରତି ସାମାନ୍ୟତମ ଜ୍ଞାନ ନଥାଇ, ସାମ୍ବାଦିକତାର ପରିଚୟ ଦେଇ ସାଧାରଣ ଜନତାଙ୍କୁ ଠକୁଥିବା ନକଲି ସାମ୍ବାଦିକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ। କଥାରେ ଅଛି ଗୋଟିଏ ହାତରେ ପାଞ୍ଚୋଟି ଆଙ୍ଗୁଳି କେହି ନୁହେଁ କାହା ଭଳି, ପାଞ୍ଚଜଣ ଯାକ ଏକାଠି ହୋଇଲେ ପରବତ ଦେବେ ଟାଳି। ତେଣୁ ସମୟ ଆସିଛି ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ସାମ୍ବାଦିକମାନଙ୍କୁ ଏକାଠି ହେବାକୁ ପଡ଼ିବ। ଗଣମାଧ୍ୟମର କଣ୍ଠରୋଧ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ଜଣେ ସାମ୍ବାଦିକଙ୍କୁ ଆକ୍ରମଣ ହେଲେ ସଭିଏଁ ଏକତ୍ରିତ ଭାବେ ପ୍ରତିରୋଧ କରିବାକୁ ପଡ଼ିବ। ସାମ୍ବାଦିକ ସୁରକ୍ଷା ଆଇନ୍ କାର୍ଯ୍ୟକାରୀ ହେବା ନିହାତି ଜରୁରୀ, ଏଥିପ୍ରତି ସରକାର ଦୃଷ୍ଟି ଦେବା ଦରକାର। ପ୍ରତ୍ୟେକ ସାମ୍ବାଦିକ ଓ ଗଣମାଧ୍ୟମଗୁଡ଼ିକ ନିର୍ଭୀକ ଓ ନିରପେକ୍ଷ ଭାବେ କାର୍ଯ୍ୟ କରିବା ସହିତ ଦଳମତରୁ ଊର୍ଦ୍ଧ୍ୱରେ ରହି କୌଣସି ପ୍ରଶାସନିକ ଅଧିକାରୀଙ୍କ ଚାପର ବଶବର୍ତ୍ତୀ ନହୋଇ ସମାଜରେ ସକରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଆଗେଇ ଆସିବାକୁ ପଡ଼ିବ। ତେବେ ଯାଇ ଏକ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମ ନିଜର ମୂଲ୍ୟବୋଧକୁ ବଜାୟ ରଖିପାରିବ।


**କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର**
**ମୋବାଇଲ୍: ୮୩୨୮୮୪୦୨୧୪**

# ଅକାଳି ଦଳ ସଭାପତି ପଦରୁ ସୁଖବୀରଙ୍କ ଇସ୍ତଫା



**ଚଣ୍ଡିଗଡ଼, ୧୬।୧୧:** ଶିରୋମଣି ଅକାଳି ଦଳର ସଭାପତି ପଦରୁ ସୁଖବୀର ସିଂହ ବାଦଲ ଇସ୍ତଫା ଦେଇଛନ୍ତି। ଶନିବାର ସୁଖବୀର ତାଙ୍କ ଇସ୍ତଫା ପତ୍ର ଦଳର କାର୍ଯ୍ୟକାରୀ କମିଟିକୁ ପଠାଇ ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ଭିତରେ ଦଳର ନେତା ଏବଂ କର୍ମୀମାନେ ତାଙ୍କୁ ଯେପରି ସହଯୋଗ କରିଛନ୍ତି ଏବଂ ତାଙ୍କ ଉପରେ ଆସ୍ଥା ଏବଂ ଭରସା ପ୍ରକଟ କରିଛନ୍ତି ସେଥିଲାଗି ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଖୁବ ଶୀଘ୍ର ଦଳର ନୂତନ ସଭାପତି ଚୟନ ଏବଂ ସାଙ୍ଗଠନିକ ପୁନର୍ଗଠନ କରାଯିବ ବୋଲି ସେ କହିଛନ୍ତି। ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ଅକାଳି ଦଳର ପରାଜୟ ପରେ ଦଳରେ ନେତୃତ୍ୱ ପରିବର୍ତ୍ତନ ଏବଂ ସାଙ୍ଗଠନିକ ପୁନର୍ଗଠନ ନିମନ୍ତେ ଦାବି ଉଠିଥିଲା। ବାଦଲ ପରିବାରର ନେତୃତ୍ୱକୁ ଅନେକ ବିରୋଧ କରିଥିଲେ। ଏହା ପରେ ସୁଖବୀର ଦଳର କୋର କମିଟିକୁ ଭାଙ୍ଗି ଦେଇଥିଲେ। ସୁକବୀରଙ୍କ ଇସ୍ତଫା ସମ୍ପର୍କରେ ସୂଚନା ପ୍ରଦାନ କରି ଶିରୋମଣି ଅକାଳି ଦଳର ମୁଖପାତ୍ର ଦଲଜିତ ଚିମା କହିଛନ୍ତି ଯେ, ଖୁବ ଶୀଘ୍ର ଦଳର କୋର କମିଟିର ପୁନର୍ଗଠନ କରାଯିବ। ଦଳର ନୂତନ ସଭାପତି ଚୟନ ପ୍ରକ୍ରିୟା ମଧ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ସେ ଏକ୍ସ ମାଧ୍ୟମରେ କହିଛନ୍ତି। ଶନିବାର ଏଠାରେ ଦଳର କାର୍ଯ୍ୟକାରୀ କମିଟି ବୈଠକରେ ଏ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ବୈଠକରେ ସୁକବୀର ତାଙ୍କ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ପଞ୍ଜାବ ବିଧାନସଭାର ୪ଟି ଆସନ ନିମନ୍ତେ ହେବାକୁ ଯାଉଥିବା ଉପନିର୍ବାଚନ ସମ୍ପର୍କରେ ମଧ୍ୟ ବୈଠକରେ ଚର୍ଚ୍ଚା କରାଯାଇଥିଲା।

## ଟ୍ରେନ୍ ଆଗରେ ରିଲ୍ସ କଲେ ରୁଜୁ ହେବ ମାମଲା



**ନୂଆଦିଲ୍ଲୀ, ୧୬।୧୧:** ଆଜିକାଲି ସମସ୍ତଙ୍କୁ ଘାରିଛି ରିଲ୍ସ ନିଶା। ପିଲାଠୁ ଆରମ୍ଭ କରି ବୁଢ଼ା ସମସ୍ତେ ରିଲ୍ସ ମାୟାରେ ପାଗଳ । ତେବେ ଏହି ରିଲ୍ସ ବେଳେ ବେଳେ ସାଜିଛୁ ଘାତକ। ଏଥିପାଇଁ ଅକାଳରେ ଚାଲିଯାଉଛି ଜୀବନ। କେତେବେଳେ ସୁଉଚ୍ଚ ବିଲ୍ଡିଂରୁ ଝୁଲିବାକୁ ପଛାଉ ନାହାନ୍ତି ତ କେତେବେଳେ ଚଳନ୍ତା ଟ୍ରେନ୍ ଆଗରେ ଛିଡ଼ା ହୋଇ କରୁଛନ୍ତି ରିଲ୍ସ। ମାତ୍ର ଚଳନ୍ତା ଟ୍ରେନ୍ ସମ୍ମୁଖରେ ବା ଟ୍ରାକ୍ ଉପରେ ରିଲ୍ସ କରିବା ଏବେ ମହଙ୍ଗା ପଡ଼ିବ। ଏପରି କରୁଥିବା ଲୋକଙ୍କ ବିରୋଧରେ ରୁଜୁ ହେବ ମାମଲା। ଏନେଇ କେନ୍ଦ୍ର ସରକାର ଶକ୍ତ ଆଭିମୁଖ୍ୟ ଆପଣାଇଥିବା ବେଳେ ରେଲୱେ ବୋର୍ଡ ବିଜ୍ଞପ୍ତି ଜାରି କରିଛି। ଭାଇରାଲ ହେବା ମୋହରେ କେତେବେଳେ ଟ୍ରାକ୍ ଉପରେ ଯୁବ ପିଢ଼ି ଶୋଇ ପଡ଼ି ରିଲ୍ କରୁଛନ୍ତି ତ କେତେବେଳେ ଚଳନ୍ତା ଟ୍ରେନ୍ ଆଗରେ ଶୁଟ୍ କରୁଛନ୍ତି ଭିଡିଓ । ଫଳରେ ଅକାଳରେ ଚାଲି ଯାଉଛି ବହୁ ଜୀବନ । ଏଥିସହ ବହୁ ରେଳ ଯାତ୍ରୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହେଉଥିବା ବେଳେ ରେଳ ବିଭାଗର ବି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ହେଲେ ଏହାକୁ ଆଉ ବରଦାସ୍ତ କରାଯିବନି । ଏଥିନେଇ ଜିରୋ ଟଲରାନ୍ସ ନୀତି ଆପଣାଇଛନ୍ତି ସରକାର। ଏପରି କଲେ ରୁଜୁ ହେବ ମାମଲା ଓ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠା। ଏନେଇ ରେଲୱେ ପକ୍ଷରୁ ସବୁ ଜୋନ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷିତ ରେଳ ପରିଚାଳନାରେ ତ୍ରୁଟି ଘଟାଇଲେ ଏଣିକି କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ରେଳ ବିଭାଗ ଚେତାବନୀ ଦେଇଛି।

## ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଞ୍ଚ ଦିନିଆ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ୧୬।୧୧:** ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଞ୍ଚ ଦିନିଆ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ଆମନ୍ତ୍ରଣ କ୍ରମେ ମୋଦୀଙ୍କର ଏହା ପ୍ରଥମ ନାଇଜେରିଆ ଗସ୍ତ। ଏହି ଗସ୍ତକୁ ନେଇ ମୋଦୀ କହିଛନ୍ତି ଯେ ଆମର ରଣନୀତିକ ସହଭାଗିତା ଯାହାକି ଗଣତନ୍ତ୍ର ଓ ବହୁଳବାଦର ପାରସ୍ପରିକ ବିଶ୍ୱାସ ଆଧାରିତ ତାକୁ ସୁଦୃଢ଼ କରିବା ପାଇଁ ମୋର ଗସ୍ତ ଏକ ସୁଯୋଗ। ସେହିପରି ମୋଦୀ ବ୍ରାଜିଲରେ ୧୯ ତମ ଜି-୨୦ ଶିଖର ସମ୍ମିଳନୀରେ ଟ୍ରୋଇକା ସଦସ୍ୟ ଭାବେ ଯୋଗ ଦେବେ। ଏନେଇ ମୋଦୀ କହିଛନ୍ତି ଯେ ଗତ ବର୍ଷ ଭାରତ ସଫଳତାର ସହ ଅଧ୍ୟକ୍ଷତା କରିବା କରି ଜି-୨୦କୁ ଜନସାଧାରଣଙ୍କ ଜି-୨୦ ଭାବେ ଶୀର୍ଷକୁ ନେଇଥିଲା ଏବଂ ଗ୍ଲୋବାଲ ସାଉଥର ଅଗ୍ରାଧିକାରକୁ କାର୍ଯ୍ୟସୂଚୀରେ ସାମିଲ କରିପାରିଥିଲା। ଚଳିତ ବର୍ଷ ବ୍ରାଜିଲ ଏହେ ପରମ୍ପରାକୁ ଆଗକୁ ନେବ। 'ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ' ଦୃଷ୍ଟିକୋଣ ଅନୁଯାୟୀ ଫଳପ୍ରଦ ଆଲୋଚନାକୁ ମୁଁ ଅପେକ୍ଷା କରି ରହିଛି। ଅନ୍ୟାନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କରେ ଭାବ ବିନିମୟ କରିବାକୁ ମଧ୍ୟ ଏହି ସୁଯୋଗର ମୁଁ ସଦ୍‌ବ୍ୟବହାର କରିବି। ସେହିପରି ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲ୍ଲୀଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ଗୁୟାନା ଗସ୍ତ ମଧ୍ୟ କରିବେ। ବିଗତ ୫୦ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗୁୟାନା ଗସ୍ତ ହେବ। ଏହି ଗସ୍ତ ନେଇ ମୋଦୀ କହିଛନ୍ତି ଯେ ଐତିହ୍ୟ, ସଂସ୍କୃତି ଓ ନୈତିକତା ଆଧାରରେ ଆମର ସ୍ୱତନ୍ତ୍ର ସମ୍ପର୍କକୁ ରଣନୀତିକ ଦିଗକୁ ନେବାକୁ ଆମେ ଭାବ ବିନିମୟ କରିବୁ। ଭାରତର ଏକ ପୁରାତନ ସମୁଦାୟ ଯେଉଁମାନେ କି ୧୮୫ ବର୍ଷ ପୂର୍ବେ ଗୁୟାନା ଚାଲି ଯାଇଥିଲେ ସେମାନଙ୍କୁ ମୁଁ ସମ୍ମାନ ଜଣାଇବି ଏବଂ ଲୋକତନ୍ତ୍ରର ସାଥୀ ଭାବେ ସଂସଦରେ ମୁଁ ଉଦବୋଧନ ଦେବି।

## ସାନଭାଇକୁ ହରାଇଲେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ

**ହାଇଦ୍ରାବାଦ, ୧୬।୧୧:** ଦୀର୍ଘ ଦିନ ଧରି ଅସୁସ୍ଥ ରହିବା ପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସାନଭାଇ ରାମମୂର୍ତ୍ତି ନାଇଡୁଙ୍କର ଶନିବାର ହାଇଦ୍ରାବାଦରେ ଦେହାନ୍ତ ହୋଇଛି। ହୃଦୟ ଏବଂ ଶ୍ୱାସକ୍ରିୟାରେ ସମସ୍ୟା ହେତୁ ତାଙ୍କୁ ତିନି ଦିନ ପୂର୍ବରୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ସେ ଭେଣ୍ଟିଲେଟରରେ ଥିଲା। ୧୯୯୪ରୁ ୧୯୯୯ପର୍ଯ୍ୟନ୍ତ ଚନ୍ଦ୍ରଗିରି ନିର୍ବାଚନମଣ୍ଡଳୀରୁ ରାମମୂର୍ତ୍ତି ନାଇଡୁ ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ବିଧାୟକ ଥିଲେ। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଦଳକୁ ତୃଣମୂଳ ସ୍ତରର ମଜବୁତ କରିବାରେ ସେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଏଆଇଜି ହସ୍ପିଟାଲର ସୂତ୍ର ଅନୁଯାୟୀ, ଆଜି ଦିନ ୧୨:୪୫ରେ ହୃଦଘାତରେ ତାଙ୍କର ଦେହାନ୍ତ ଘଟିଛି। ବିଭିନ୍ନ ଦଳର ନେତା ରାମମୂର୍ତ୍ତିଙ୍କ ଦେହାନ୍ତକୁ ନେଇ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଭାଇଙ୍କ ଦେହାନ୍ତ ଖବର ପାଇ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ, ପୂର୍ବତନ ରାଜ୍ୟସଭା ସଦସ୍ୟ କନକମେଦଲା ରବିନ୍ଦ୍ରକୁମାର ଏବଂ ଆନ୍ଧ୍ରପ୍ରଦେଶର ଟିଡିପି ସରକାରରେ ମନ୍ତ୍ରୀ ନାରାୟଣ ରାମମୂର୍ତ୍ତି ଗଭୀର ସମବେଦନା ଜଣାଇଛନ୍ତି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ସମବେଦନା ଜଣାଇ କହିଛନ୍ତି, 'ରାମମୂର୍ତ୍ତି ନାଇଡୁଙ୍କ ଦେହାନ୍ତ ହେବା ଦୁଃଖଦାୟକ। ମୁଁ ତାଙ୍କ ପବିତ୍ର ଆତ୍ମାର ଶାନ୍ତି ଏବଂ ତାଙ୍କ ପରିବାରକୁ ସାହସ ଦେବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି |

# ମଣିପୁର ହିଂସା: ଅପହୃତ ତିନି ମହିଳା ଓ ୩ ଶିଶୁଙ୍କ ଶବ ଉଦ୍ଧାର

**ଇମ୍ଫାଲ,୧୬।୧୧:** ମଣିପୁରରେ ସନ୍ଦିଗ୍ଧ କୁକି ଉଗ୍ରବାଦୀଙ୍କ ଦ୍ୱାରା ଅପହୃତ ତିନି ମହିଳା ଓ ୩ ଶିଶୁଙ୍କ ଶବ ଅପହରଣର ୫ ଦିନ ପରେ ମିଳିଛି। ଶୁକ୍ରବାର ରାତିରେ ଜିରିବାଗ ଜିଲ୍ଲା ସୀମାକୁ ଲାଗିଥିବା ଆସାମର ସିଲଚରରେ ଜଣେ ମହିଳା ଓ ୨ ଶିଶୁଙ୍କ ଶବ ମିଳିଥିଲା। କୁକି ଉଗ୍ରବାଦୀଙ୍କ ଦ୍ୱାରା ଅପହୃତ ୬ଜଣଙ୍କ ମଧ୍ୟରୁ ଏହି ୩ଜଣ ବୋଲି ପରେ ଜଣାପଡ଼ିଥିଲା। ସେହିପରି ଆଜି ସକାଳେ ଆଉ ୨ ଜଣ ମହିଳା ଏବଂ ଗୋଟିଏ ଶିଶୁର ଶବ ମିଳିଛି। ଏହା ସହିତ କୁକି ଉଗ୍ରବାଦୀଙ୍କ ଦ୍ୱାରା ସମସ୍ତ ଅପହୃତଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଯାଇଛି। ମୃତ ୩ ଶିଶୁଙ୍କ ମଧ୍ୟରେ ଗୋଟିଏ ୮ ମାସର ଶିଶୁ ମଧ୍ୟ ରହିଛି। ଏମାନେ ସମସ୍ତେ ମୈତେଇ ସମ୍ପ୍ରଦାୟର। ଗତ ଦୁଇ ବର୍ଷ ହେବ ମଣିପୁରରେ କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଏବଂ ହିଂସା ଯୋଗୁ ୩ଶହରୁ ଅଧିକ ଜୀବନ ଗଲାଣି। ସମସ୍ୟାର ସମାଧାନ ପାଇଁ ଅନେକ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ତିନିଦିନ ତଳେ ସୁରକ୍ଷା ବାହିନୀର



ଗୁଳି ମାଡ଼ରେ ୧୧ଜଣ କୁକି ଉଗ୍ରବାଦୀ ନିହତ ହେବା ପରେ ରାଜ୍ୟରେ ପୁଣି ଉତ୍ତେଜନା ବୃଦ୍ଧି ପାଇଛି। ଏହି ହତ୍ୟା ପ୍ରତିବାଦରେ କୁକି ସମ୍ପ୍ରଦାୟ ପକ୍ଷରୁ ୧୨ ଘଣ୍ଟିଆ ମଣିପୁର ବନ୍ଦ ପାଳନ କରାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟର ୫ଟି ଜିଲ୍ଲାରେ ପୁନର୍ବାର ଆଫସ୍‌ପା ଆଇନ ଲାଗୁ କରାଯିବା ସହ ରାତ୍ରିକାଳୀନ କର୍ଫ୍ୟୁ ଜାରୀ କରାଯାଇଛି।

ମଣିପୁରରେ ଶାନ୍ତି ବଜାୟ ରଖିବା ଏବଂ ହିଂସାକାଣ୍ଡକୁ ରୋକିବା ନିମନ୍ତେ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ସୁରକ୍ଷା ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ନିରୀହ ଲୋକଙ୍କ ଧନଜୀବନର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା। ଏଥିଲାଗି ହିଂସାସୃଷ୍ଟିକାରୀଙ୍କ ବିରୋଧରେ କଠୋରରୁ କଠୋରତମ ପଦକ୍ଷେପ ନେବାକୁ ଗୃହ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ମନ୍ତ୍ରଣାଳୟ ପକ୍ଷରୁ ସାଧାରଣ ଲୋକଙ୍କୁ ଶାନ୍ତି ବଜାୟ ରଖିବା ନିମନ୍ତେ ନିବେଦନ କରାଯିବା ସହିତ ହିଂସା ସୃଷ୍ଟିକାରୀଙ୍କୁ ନିର୍ମମଭାବେ ଦମନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରାଜ୍ୟର ଅତି ସମ୍ବେଦନଶୀଳ ଘଟଣାର ତଦନ୍ତ ଦାୟିତ୍ୱ ଏନଆଇଏକୁ ହସ୍ତାନ୍ତରିତ କରାଯାଇଛି।

## ରାହୁଲଙ୍କ ବ୍ୟାଗ୍ ଯାଞ୍ଚ କଲା ନିର୍ବାଚନ ଆୟୋଗ

**ମୁମ୍ବାଇ, ୧୬।୧୧:** ନିର୍ବାଚନ ଆୟୋଗ ଅଧିକାରୀମାନେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ କରିଛନ୍ତି। ମହାରାଷ୍ଟ୍ରର ଅମରାବତୀରେ ନିର୍ବାଚନୀ ପ୍ରଚାରକୁ ଯିବା ସମୟରେ ରାହୁଲ ଗାନ୍ଧିଙ୍କ ବ୍ୟାଗରେ ଖାନତଲାସୀ କରିଛନ୍ତି। ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ହେଲିକପ୍ଟର ଏବଂ ଏଥିରେ ଥିବା ବ୍ୟାଗଗୁଡ଼ିକର ଯାଞ୍ଚ କରାଯାଇ ଥିବାବେଳେ ଆଜି ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ କରିଛନ୍ତି ନିର୍ବାଚନ ଆୟୋଗ।



ସୂଚନା ଅନୁସାରେ, ଅମରାବତୀରେ ରାହୁଲ ଗାନ୍ଧିଙ୍କ ହେଲିକପ୍ଟର ଅବତରଣ କରିବା ବେଳେ ନିର୍ବାଚନ ଆୟୋଗର କିଛି ଅଧିକାରୀ ସେଠାକୁ ଯାଇ ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ। ଏହି ସମୟରେ ରାହୁଲ ଗାନ୍ଧି ମଧ୍ୟ ସେହି ସ୍ଥାନରେ ଉପସ୍ଥିତ ଥିଲେ। କିନ୍ତୁ କିଛି ସମୟ ପରେ ସେ ସେଠାରୁ ଚାଲି ଯାଇଥିଲେ। ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ ହେଉଥିଲେ ମଧ୍ୟ ସେ ସେଠାରୁ ଚାଲିଯାଇ ଦଳୀୟ କର୍ମକର୍ତ୍ତାଙ୍କ ସହ ବାର୍ତ୍ତାଳାପ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ପ୍ରଚାର ସମୟରେ ରାଜନେତାମାନେ ଯେପରି ଭୋଟରଙ୍କୁ ଟଙ୍କା କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଦେଇ ପ୍ରଲୋଭିତ ନ କରନ୍ତି, ସେଥିପାଇଁ ଏପରି ଯାଞ୍ଚ ଆରମ୍ଭ କରିଛି ନିର୍ବାଚନ ଆୟୋଗ। ନିକଟରେ ନିର୍ବାଚନ ଅଧିକାରୀମାନେ ଶିବସେନା (ୟୁବିଟି)ର ମୁଖ୍ୟ ଉଦ୍ଧବ ଠାକରେଙ୍କ ହେଲିକପ୍ଟର ଓ ବ୍ୟାଗକୁ ଯାଞ୍ଚ କରିଥିଲେ। ଏହାର ଭିଡିଓ ଉଦ୍ଧବ ରେକର୍ଡ କରିବା ସହ କ'ଣ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବ୍ୟାଗକୁ ଯାଞ୍ଚ କରୁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ନିର୍ବାଚନ ହେବାକୁ ଥିବା ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରକୁ ଗସ୍ତ କରୁଥିବା ନେତାମାନଙ୍କ ବ୍ୟାଗ୍ ଯାଞ୍ଚ କରୁଛି ନିର୍ବାଚନ ଆୟୋଗ। ଗତକାଲି ଅମିତ ଶାହ, ଏହା ପୂର୍ବରୁ ଦେବେନ୍ଦ୍ର ଫଡନାଭିସ, ଏକନାଥ ସିନ୍ଦେ, ଅଜିତ ପାୱାର ଏବଂ ଅନ୍ୟମାନଙ୍କ ହେଲିକେପ୍ଟର ଏବଂ ବ୍ୟାଗ୍ ମଧ୍ୟ ଯାଞ୍ଚ କରାଯାଇଛି।

## ହତ୍ୟା ଉଦ୍ୟମରୁ ବର୍ତ୍ତିଲେ ଟିଏମ୍‌ସି ନେତା

**କୋଲକାତା, ୧୬।୧୧:** ଆକ୍ରମଣକାରୀଙ୍କ ବନ୍ଧୁକରେ ତ୍ରୁଟି ଉପୁଜିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି ତୃଣମୂଳ କଂଗ୍ରେସର ଜଣେ କାଉନସିଲର। ଘର ବାହାରେ ବସି କଥା ହେଉ ଥିବାବେଳେ ଜଣେ ଦୁର୍ବୃତ୍ତ ଆସି ତାଙ୍କୁ ଗୁଳିମାଡ଼ କରିଥିଲେ। ମାତ୍ର ବନ୍ଧୁକରେ ତ୍ରୁଟି ଥିବାରୁ ଗୁଳି ଫୁଟିନଥିଲା। ଫଳରେ ସେ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ପରବର୍ତ୍ତୀ ସମୟରେ ଦୁର୍ବୃତ୍ତଙ୍କୁ କାବୁ କରିବାରେ ମଧ୍ୟ ସଫଳ ହୋଇଛନ୍ତି କାଉନସିଲର। ଏହି ଘଟଣାର ପୂରା ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି।

ଭିଡିଓ ଅନୁସାରେ, ତୃଣମୂଳ କଂଗ୍ରେସର କାଉନସିଲର ସୁଶାନ୍ତ ଘୋଷ ତାଙ୍କ ଘର ଆଗରେ ଚେୟାର୍ ପକାଇ ବସିଥିଲେ। ତାଙ୍କ ସହ ଅନ୍ୟ ଜଣେ ପୁରୁଷ ଓ ମହିଳା ମଧ୍ୟ ବସି ଗପସପ ହେଉଥିଲେ। ଏହି ସମୟରେ ଦୁଇ ଜଣ ଯୁବକ ଗୋଟିଏ ସ୍କୁଟିରେ ଆସିଥିଲେ। ଜଣେ ସ୍କୁଟି ଉପରେ ବସି ଥିବାବେଳେ ଅନ୍ୟ ଜଣେ ଘୋଷଙ୍କ ନିକଟକୁ ଯାଇଥିଲେ। କିଛି ବାଟ ଯିବା ପରେ ହଠାତ୍ ପକେଟରୁ ବନ୍ଧୁକ ବାହାର କରି ଘୋଷଙ୍କ ଉପରକୁ ଗୁଳି କରିବାକୁ ଉଦ୍ୟମ କରିଥିଲେ। ମାତ୍ର ବନ୍ଧୁକରେ ତ୍ରୁଟି ଥିବାରୁ ଗୁଳି ଫୁଟିନଥିଲା। ଦୁର୍ବୃତ୍ତ ଜଣକ ଏହା ଜାଣିପାରି ଖସିଯିବାକୁ ଚେଷ୍ଟା କରିଥିଲେ। ମାତ୍ର କାଉନସିଲର ଘୋଷ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିବାକୁ ଚେଷ୍ଟା କରିଥିଲେ। ଫଳରେ ସ୍କୁଟିରେ ବସିଥିବା ଯୁବକ ଚାଲିଯିବାରୁ ଗୁଳି କରିବାକୁ ଉଦ୍ୟମ କରୁଥିବା ଦୁର୍ବୃତ୍ତ ତଳେ ପଡ଼ି ଯାଇଥିଲେ। ଏହାପରେ ସେ ପୁଣି ଦୌଡ଼ି ଖସିଯିବାକୁ ଚେଷ୍ଟା କରିଥିଲେ ମଧ୍ୟ କାଉନସିଲର ଘୋଷ ଏବଂ ତୃଣମୂଳ କଂଗ୍ରେସର ଅନ୍ୟ ସହଯୋଗୀ ମିଶି ତାଙ୍କୁ କାବୁ କରି ପୁଲିସରେ ଜିମା ଦେଇଛନ୍ତି।

ପୁଲିସ ତାଙ୍କୁ ଗିରଫ କରି ତଦନ୍ତ କରୁଛି। ପଚରାଉଚରା ବେଳେ ସେ ଘୋଷଙ୍କୁ ହତ୍ୟା କରିବା ପାଇଁ ମହମ୍ମଦ ଇକବଲ ନାମକ ଜଣେ ବ୍ୟକ୍ତିଙ୍କଠାରୁ ଟଙ୍କା ନେଇଥିବା ସ୍ୱୀକାର କରିଛି। ତେବେ ମହମ୍ମଦ ଇକବଲ କିଏ ଏବଂ ସେ କାହିଁକି ଘୋଷଙ୍କୁ ମାରିବାକୁ ସୁପାରି ଦେଇଥିଲେ, ତାର ତଦନ୍ତ କରୁଛି ପୁଲିସ। ଅନ୍ୟପଟେ, ଖସି ଯାଇଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଖୋଜୁଛି।

### ଦେହ ବ୍ୟବସାୟ କରୁଥିବା ସନ୍ଦେହ

## ଘରୁ ଘୋଷାଡ଼ି ମାଆ-ଝିଅଙ୍କୁ ପିଟିଲେ ପଡୋଶୀ

**ବେଙ୍ଗାଲୁରୁ, ୧୬।୧୧:** ବେଶ୍ୟାବୃତ୍ତି କରୁଥିବା ଅଭିଯୋଗରେ ମାଆ-ଝିଅଙ୍କୁ ପଡୋଶୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। କର୍ଣ୍ଣାଟକର ବେଲାଗାଭିରେ ଘଟିଛି ଏହି ଘଟଣା। ପଡୋଶୀ ସେମାନଙ୍କ ଘରେ ପଶି ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ମହିଳାଙ୍କ ବୟସ ୬୦ ହୋଇ ଥିବାବେଳେ ତାଙ୍କ ଝିଅଙ୍କ ବୟସ ୨୯ ବର୍ଷ। ତାଙ୍କ ଘରକୁ ନିୟମିତ ଭାବେ ଅପରିଚିତ ଲୋକେ ଆସୁଥିବାରୁ ସେମାନେ ବେଶ୍ୟାବୃତ୍ତି ରାକେଟ୍ ଚଲାଉଥିବା ସନ୍ଦେହ କରିଥିଲେ ପଡ଼ୋଶୀ। ଏହି ସନ୍ଦେହରେ ପଡୋଶୀମାନେ ସେମାନଙ୍କୁ ବାରମ୍ବାର ନିର୍ଯାତନା ଦେବା ସହ ଘରେ ପଶି ଆକ୍ରମଣ କରିଥିଲେ। ଏପରିକି ଘର ଭିତରୁ ଘୋଷାଡ଼ି ଆଣି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମାଆ ଓ ଝିଅ ସ୍ଥାନୀୟ ପୁଲିସ ବିରୁଦ୍ଧରେ ମଧ୍ୟ ଅଭିଯୋଗ ଆଣିଛନ୍ତି। ବାରମ୍ବାର ଏପରି ହେବା ସତ୍ତ୍ୱେ ପୁଲିସ ସେମାନଙ୍କ ଅଭିଯୋଗ ରଖିନଥିଲା, ଏପରିକି ସୁରକ୍ଷା ଯୋଗାଇ ଦେବାକୁ ଅରାଜି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ମାମଲା ସିଟି ପୁଲିସ କମିଶନରଙ୍କ ନିକଟରେ ପହଞ୍ଚିବା ପରେ ସର୍ବସମ୍ମୁଖକୁ ଆସିଛି। ପୁଲିସ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଭାରତୀୟ ନ୍ୟାୟ ସଂହିତାର ଏକାଧିକ ଦଫା କ୍ରମେ ଅଭିଯୁକ୍ତଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି।

## ବୈଜୟନ୍ତଙ୍କୁ କୃତଜ୍ଞତା ଜଣାଇଲେ କେନ୍ଦ୍ର ମନ୍ତ୍ରୀ ହର୍ଷଦୀପ ମାଲହୋତ୍ରା

**ନୂଆଦିଲ୍ଲୀ, ୧୬।୧୧:** ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ହର୍ଷଦୀପ ମଲହୋତ୍ରା। ତାଙ୍କୁ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ପରିଚାଳନା କମିଟିର ସଂଯୋଜକ ଦାୟିତ୍ୱ ମିଳିବାକୁ ନେଇ ସେ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏକ ଏକ୍ସ ପୋଷ୍ଟ ଯୋଗେ ସେ ସାଂସଦ ପଣ୍ଡାଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଏକ୍ସ ପୋଷ୍ଟରେ ମଲହୋତ୍ରା କହିଛନ୍ତି, "ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମୋତେ ନିର୍ବାଚନ ପରିଚାଳନା ସଂଯୋଜକ ରୂପରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ



ଦେଇଥିବାରୁ ମୁଁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ, ଦିଲ୍ଲୀ ନିର୍ବାଚନ ପ୍ରଭାରୀ ସାଂସଦ ବୈଜୟନ୍ତ ପଣ୍ଡା, ସହପ୍ରଭାରୀ ସାଂସଦ ଅତୁଲ ଗର୍ଗ, ରାଷ୍ଟ୍ରୀୟ ସଚିବ ତଥା ଦିଲ୍ଲୀ ନିର୍ବାଚନ ସହପ୍ରଭାରୀ ଅଳକା ସିଂହ ଗୁର୍ଜାର, ଦିଲ୍ଲୀର ବିଜେପି ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବ ଏବଂ ଦିଲ୍ଲୀ ସଂଗଠନ ମନ୍ତ୍ରୀ ପବନ ରାଣାଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି।" ପ୍ରକାଶ ଥାଉକି, ଆସନ୍ତା ବର୍ଷ ଦିଲ୍ଲୀ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଫେବୃଆରୀରେ ନିର୍ବାଚନ ହେବା ନେଇ ଅନୁମାନ କରାଯାଉଛି। ଏହା ପୂର୍ବରୁ ଗତକାଲି ବିଜେପି ପକ୍ଷରୁ ନିର୍ବାଚନ ପରିଚାଳନା କମିଟି ଘୋଷଣା କରାଯାଇଛି। ଏଥିରେ ହର୍ଷଦୀପ ମଲହୋତ୍ରାଙ୍କୁ ସଂଯୋଜକ ଦାୟିତ୍ୱ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ସେ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଦିଲ୍ଲୀ ନିର୍ବାଚନ ପ୍ରଭାରୀ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଦୁର୍ଘଟଣାରେ ନବ ବିବାହିତଙ୍କ ସମେତ ଚାଲିଗଲା ୭ ଜୀବନ

**ଲକ୍ଷ୍ନୌ, ୧୬।୧୧:** କୁହୁଡ଼ି ହେଲା କାଳ। ଘଟିଲା ଭୀଷଣ ସଡ଼କ ଦୁର୍ଘଟଣା। ଅକାଳରେ ଚାଲିଗଲା ୭ ଜୀବନ । ମୃତକଙ୍କ ମଧ୍ୟରେ ବରକନ୍ୟା ଥିବା ଜଣାଯାଇଛି। ଫଳରେ ଜୀବନର ନୂତନ ଅଧ୍ୟାୟ ଆରମ୍ଭ ପୂର୍ବରୁ ଦୁର୍ଘଟଣାରେ ସେମାନଙ୍କ ଜୀବନ ଦୀପ ଲିଭି ଯାଇଛି। ଏପରି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଉତ୍ତରପ୍ରଦେଶର ବିଜନୌରରେ ଆଜି ସକାଳେ ଘଟିଛି। ଏହି ଦୁର୍ଘଟଣାରେ ଅଟୋ ଚାଳକଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇ ଯାଇଛି। ସେଥିରେ ଗୋଟିଏ ପରିବାରର ୬ ଜଣ ଅଛନ୍ତି। ପୂରା ପରିବାର ଝାଡ଼ଖଣ୍ଡରୁ ନିଜ ପୁଅ ବିବାହ ସାରି କନିଆ ଧରି ଫେରୁଥିଲେ। ପ୍ରଥମେ ସେମାନେ ଝାଡ଼ଖଣ୍ଡରୁ ଟ୍ରେନ୍ ଯୋଗେ ମୁରାଦାବାଦରେ ପହଞ୍ଚିଥିଲେ। ଏହାପରେ ଏକ ଅଟୋ ଯୋଗେ ଷ୍ଟେଶନରୁ ସେମାନେ ନିଜ ଗାଁ ତିବଡ଼ୀ ଫେରୁଥିଲେ। ଅଟୋଟି ଡେରାଡୁନ- ନୈନିତାଲ ଜାତୀୟ ରାଜପଥରେ ଯାଉଥିବା ବେଳେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ପିଟିଥିଲା। ଫଳରେ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଅଟୋ ଚାଳକଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ମଧ୍ୟରେ ୪ ପୁରୁଷ, ୨ ମହିଳା ଓ ଜଣେ ନାବାଳିକା ଅଛନ୍ତି। ଏହି ଦୁର୍ଘଟଣା ଘଟାଇଥିବା କାର୍ ଚାଳକଙ୍କ ସମେତ ଦୁଇ ଜଣ ଆହତ ହୋଇଥିବା ବେଳେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅଭିନେତ୍ରୀ ଦିଶା ପଟାନୀଙ୍କ ବାପା ୨୫ ଲକ୍ଷ ହରାଇଲେ

**ମୁମ୍ବାଇ, ୧୬।୧୧:** ଠକେଇର ଶିକାର ହୋଇଛନ୍ତି ଅଭିନେତ୍ରୀ ଦିଶା ପଟାନୀଙ୍କ ବାପା ତଥା ଅବସରପ୍ରାପ୍ତ ଡିଏସ୍‌ପି ଜଗଦୀଶ ସିଂହ ପଟାନୀ। ସରକାରଙ୍କ କୌଣସି କମିଶନରେ ଅଧ୍ୟକ୍ଷ, ଉପାଧ୍ୟକ୍ଷ ବା ସେହିଭଳି କୌଣସି ବଡ଼ ପଦବୀରେ ନିଯୁକ୍ତି କରାଇ ଦେବାର ପ୍ରତିଶ୍ରୁତି ଦେଇ ୫ ଜଣ ବ୍ୟକ୍ତି ତାଙ୍କଠାରୁ ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଗତକାଲି ସନ୍ଧ୍ୟାରେ ଏନେଇ ଉତ୍ତର ପ୍ରଦେଶର ବରେଲୀର କୋତୱାଲୀ ଥାନାରେ ମାମଲା ରୁଜୁ ହୋଇଛି। ବରେଲୀର ସିଭିଲ ଲାଇନ୍‌ସ ଅଞ୍ଚଳରେ ରହୁଥିବା ଦିଶା ପଟାନୀଙ୍କ ବାପା ଜଗଦୀଶ ସିଂହ ପଟାନୀ କହିଛନ୍ତି ଯେ ଅଭିଯୁକ୍ତ ଶିବେନ୍ଦ୍ର ପ୍ରତାପ ସିଂହଙ୍କୁ ସେ ବ୍ୟକ୍ତିଗତ ଭାବେ ଜାଣିଛନ୍ତି। ଶିବେନ୍ଦ୍ର ତାଙ୍କୁ ଅନ୍ୟ ଅଭିଯୁକ୍ତ ଦିବାକର



**ବଡ଼ ସରକାରୀ ପଦପଦବୀର ଆଶା ଦେଖାଇ ଠକିନେଲେ**

ଗର୍ଗ ଓ ଆଚାର୍ଯ୍ୟ ଜୟପ୍ରକାଶଙ୍କ ସହିତ ପରିଚିତ କରାଇଥିଲେ। ଅଭିଯୁକ୍ତମାନେ କହିଥିଲେ ଯେ ସେମାନଙ୍କ ରାଜନୀତିକ ସଂପର୍କ ଖୁବ୍ ବଢ଼ିଆ। ସେମାନେ ତାଙ୍କୁ (ଜଗଦୀଶ ସିଂହ ପଟାନୀଙ୍କୁ) ସରକାରଙ୍କ କୌଣସି କମିଶନର ଅଧ୍ୟକ୍ଷ, ଉପାଧ୍ୟକ୍ଷ ବା ସେମିତି କିଛି ବଡ଼ ପଦବୀରେ ନିଯୁକ୍ତ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଭିଯୁକ୍ତମାନେ ଜଗଦୀଶ ସିଂହ ପଟାନୀଙ୍କ ବିଶ୍ୱାସ ଜିତିବା ପରେ ତାଙ୍କଠାରୁ ୨୫ ଲକ୍ଷ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ୫ ଲକ୍ଷ ଟଙ୍କା ସେମାନେ ନଗଦ ନେଇଥିଲେ। ବାକି ୨୦ ଲକ୍ଷ ଟଙ୍କା ସେ ତିନିଟି ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। କିନ୍ତୁ ଟଙ୍କା ନେବାର ୩ ମାସ ବିତିଯିବା ସତ୍ତ୍ୱେ ଅଭିଯୁକ୍ତମାନେ ଜଗଦୀଶ ସିଂହ ପଟାନୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ ହୋଇ ନଥିଲା।

### ଅଗ୍ନିକାଣ୍ଡରେ ୧୦ ଶିଶୁଙ୍କ ମୃତ୍ୟୁ ଘଟଣା

# ଡାକ୍ତରଖାନା ବାହାରେ ଅଭିଭାବକଙ୍କ ଧାରଣା

**ଲକ୍ଷ୍ନୌ, ୧୬।୧୧:** ନିଆଁ ଲାଗି ୧୦ ନବଜାତକଙ୍କ ମୃତ୍ୟୁ ପରେ ଉତ୍ତରପ୍ରଦେଶ ଝାନ୍ସି ହସ୍ପିଟାଲରେ ଅସନ୍ତୋଷ। ଅଗ୍ନିକାଣ୍ଡରେ ଆହତ ହୋଇଥିବା ପିଲାମାନଙ୍କୁ ଭେଟିବାକୁ ଅନୁମତି ନ ମିଳିବାରୁ ସେମାନଙ୍କ ବାପାମାଆ

### କ୍ଷତିପୂରଣ ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଏବଂ ପରିବାରବର୍ଗ ହସ୍ପିଟାଲ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ହସ୍ପିଟାଲ ଫାଟକ ସମ୍ମୁଖରେ ଧାରଣାରେ ବସିବା ସହ ରାସ୍ତାରୋକ କରିଛନ୍ତି। ପିଲାମାନଙ୍କୁ ଭେଟିବାକୁ ଅନୁମତି ଦେବା ଦାବିରେ ସେମାନେ ଏହି ପ୍ରତିବାଦ କରିଛନ୍ତି। ସେପଟେ ଶିଶୁମାନଙ୍କ ପରିଚୟକୁ ନେଇ ଯେପରି କୌଣସି ଦ୍ୱନ୍ଦ୍ୱ ନ ଉପୁଜେ ସେଥିପାଇଁ ଅଭିଭାବକଙ୍କୁ ଭେଟିବାକୁ ଅନୁମତି ଦିଆଯାଉ ନଥିବା ଡାକ୍ତରଖାନା ସୂତ୍ରରୁ ପ୍ରକାଶ ପାଇଛି। ପ୍ରାଶ ଥାଉକି, ଗତକାଲି ରାତି ପ୍ରାୟ ୧୧ଟା ସମୟରେ ମହାରାଣୀ ଲକ୍ଷ୍ମୀବାଇ ମେଡିକାଲ କଲେଜର ନବଜାତ କେୟାର୍ ୟୁନିଟରେ ଅଗ୍ନିକାଣ୍ଡ ଘଟିଥିଲା। ସର୍ଟସର୍କିଟରେ ନିଆଁ ଲାଗି ପୂରା ମହଲାକୁ ବ୍ୟାପି ଯାଇଥିଲା। ଫଳରେ ୧୦ ନବଜାତ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ମୃତକ ମାନେ ୨-୮ ଦିନ ମଧ୍ୟରେ ଜନ୍ମ ହୋଇଥିଲେ। ୪୪ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇ ଥିବାବେଳେ ୧୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ୧୦ ଜଣଙ୍କ



ମଧ୍ୟରୁ ୭ ଜଣଙ୍କ ପରିଚୟ ମିଳିପାରିଛି। ଅନ୍ୟମାନଙ୍କ ପରିଚୟ ପାଇଁ ଡିଏନଏ ପରୀକ୍ଷା କରାଯିବ। ଏହି ଘଟଣାକୁ ଅତି ଗୁରୁତର ସହ ନେଇଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିଛନ୍ତି। ଏଥିସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ଝାନସୀ ମେଡିକାଲରେ ଘଟିଥିବା ଅଗ୍ନିକାଣ୍ଡ ଯୋଗୁ ମୃତ ଶିଶୁଙ୍କ ପରିବାର ପାଇଁ ୫ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ। ଏଥିସହ ଗୁରୁତରଙ୍କ ପରିବାର ନିମନ୍ତେ ୫୦ ହଜାର ଟଙ୍କା ଲେଖାଏ ଘୋଷଣା କରିଛନ୍ତି। ଏନେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଘଟଣାର ତ୍ରିସ୍ତରୀୟ ଯାଞ୍ଚ କରାଯିବ। ପ୍ରଥମ ଯାଞ୍ଚ ସ୍ୱାସ୍ଥ୍ୟ ବିଭାଗ କରିବ। ଦ୍ୱିତୀୟ ଯାଞ୍ଚ ପୁଲିସ୍ ପ୍ରଶାସନ ଓ ଅଗ୍ନିଶମ ବିଭାଗ କରିବେ। ଏହାପରେ ମାଜିଷ୍ଟ୍ରେଟ ଶେଷ ଯାଞ୍ଚ କରିବେ। ଯେଉଁମାନଙ୍କ ଦାୟିତ୍ୱହୀନତା ନିମନ୍ତେ ଏପରି ଘଟଣା ଘଟିଥିବା ପ୍ରମାଣିତ ହେବ ସେମାନଙ୍କୁ ଚିହ୍ନଟ କରି କଡ଼ା ଶାସ୍ତି ଦିଆଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବି ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ ଶିଶୁଙ୍କ ପରିବାର ପ୍ରତି ସେ ଗଭୀର ସମବେଦନା ଜଣାଇବା ସହ ଗୁରୁତର ଶିଶୁଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପନ୍ତ ସବୁଠୁ ଦାମୀ ଖେଳାଳି




ନୂଆଦିଲ୍ଲୀ, ୧୬।୧୧: ଆଗାମି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ପାଇଁ ଖେଳାଳି ନିଲାମି ନଭେ୨୪ ଓ ୨୫ରେ ସାଉଦି ଆରବର ଜେଦାହଠାରେ ହେବ। ଏଥିପାଇଁ ଶୁକ୍ରବାର ୫୭୪ ଜଣିଆ ଖେଳାଳି ତାଲିକା ପ୍ରକାଶ ପାଇଛି। ତନ୍ମଧ୍ୟରେ ୩୬୬ ଭାରତୀୟ ଖେଳାଳି ଅଛନ୍ତି। ଖେଳାଳିଙ୍କ ଟପ୍ ବେସ୍ ପ୍ରାଇସ୍ ୨ କୋଟି ଟଙ୍କା ରଖାଯାଇଛି। ଏଥିରେ ରିଷଭ ପନ୍ତ, ଶ୍ରେୟସ ଆୟର ଓ ଅର୍ଶଦୀପ ସିଂଙ୍କ ଚାହିଦା ରହିବ ବୋଲି ଆଶା କରାଯାଉଛି। ନିଲାମିରେ ଭାଗ ନେବାକୁଥିବା ସର୍ବକନିଷ୍ଠ ଖେଳାଳି ହେଲେ ଭାରତର ୧୯ ବର୍ଷ ବର୍ଷରୁ କମ୍ କ୍ରିକେଟର ବିହାରର ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ତାଙ୍କ ବେସ୍ ପ୍ରାଇସ୍ ୩୦ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମେ ୧୫୭୪ ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରିଥିଲା। ଶୁକ୍ରବାର ଏହୀ ସଂଖ୍ୟା ୫୭୪କୁ ହ୍ରାସ କରିଥିଲା। ଏଥିରେ ବିଦେଶୀ ଖେଳାଳିଙ୍କ ସଂଖ୍ୟା ୨୦୮ ରହିଛି। ବର୍ତ୍ତମାନର ସମସ୍ତ ଭାରତ ଖେଳାଳି ଟପ୍ ବେସ୍ ପ୍ରାଇସ୍ ବ୍ରାକେଟରେ ରହିଛନ୍ତି। ପନ୍ତ ସବୁଠାରୁ ଦାମି ଖେଳାଳି ହେବାକୁ ଯାଉଛନ୍ତି। ତାଙ୍କୁ ହୁଏତ ପଞ୍ଜାବ କିଙ୍ଗ୍ସ ଭଳି ଦଳ କ୍ରୟ କରିପାରେ, ଯାହା ପାଖରେ ଖେଳାଳି କ୍ରୟ ପାଇଁ ସର୍ବାଧିକ ୧୧୦.୫ କୋଟି ଟଙ୍କା ରହିଛି। ଅନ୍ୟ ଯେଉଁ ବଡ଼ ଖେଳାଳିମାନଙ୍କର ଚାହିଦା ରହିବ ସେମାନଙ୍କ ମଧ୍ୟରେ ଆଇପିଏଲ ବିଜୟୀ ଅଧିନାୟକ ଶ୍ରେୟସ ଆୟର, ଦକ୍ଷ ଅନ୍ତର୍ଜାତୀୟ ଟି୨୦ ବୋଲର ଅର୍ଶଦୀପ ସିଂ, କେ.ଏଲ୍ ରାହୁଲ, ମହମ୍ମଦ ଶାମି, ମହମ୍ମଦ ସିରାଜ, ଯୁଜବେନ୍ଦ୍ର ଚହଲ ଓ ଆଭେଶ ଖାନ୍। ଖବର ଅନୁସାରେ ୮୧ ଖେଳାଳି ଟପ୍ ବ୍ରାକେଟରେ ରହିଥିବା ବେଳେ ୨୭ଜଣ ୧.୫ କୋଟି କାଟେଗୋରିରେ ଅଛନ୍ତି। ସେହିପରି ୧୮ଜଣ ୧.୨୫ କୋଟି କାଟେଗୋରିରେ ରହିଥିବା ବେଳେ ୨୩ଜଣଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ରହିଛି। ଇଂଲଣ୍ଡର ଜୋସ ବଟଲର ଏବଂ ତାଙ୍କ ଦେଶର ହ୍ୟାରି ବ୍ରୁକ୍ ଓ ଜନି ବେୟାରଷ୍ଟୋଙ୍କ ନାମ ୧କୋଟି ଟଙ୍କା ବେସ୍ ପ୍ରାଇସ୍ ବ୍ରାକେଟରେ ସ୍ଥାନ ପାଇଛନ୍ତି। ସେହିପରି ଅବସର ନେଇଥିବା ଜେମ୍ସ ଆଣ୍ଡରସନଙ୍କ ବେସ୍ ପ୍ରାଇସ୍ ୧.୨୫ କୋଟି ଟଙ୍କା ରଖାଯାଇଛି। ନିଲାମିରେ ଭାରତରୁ ପ୍ରତିନିଧିତ୍ୱ କରିଥିବା ୪୮ ଏବଂ ନିଜ ଦେଶରୁ ଖେଳିଥିବା ୧୯୩ ବିଦେଶୀଙ୍କୁ ସାମିଲ କରାଯାଇଛି। ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ବାସ କରୁଥିବା ପୂର୍ବତନ ୧୯ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଧିନାୟକ ଉନ୍ମୁକ୍ତ ଚାନ୍ଦ ବର୍ତ୍ତମାନ ଜଣେ ସହଯୋଗୀ ସଦସ୍ୟ ରାଷ୍ଟ୍ର ଖେଳାଳି। ସେ ଏବଂ ସିମର ସୌରଭ ନେଥ୍ରାଭାଲ୍‌କର ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇ ନାହାନ୍ତି। ସେହିପରି ଏମ୍ଆଇ ଏମିରେଟ୍ସ ତରଫରୁ ଖେଳୁଥିବା ଇଯାଲୀର ଥୋମାସ ଡ୍ରାକା ମଧ୍ୟ ନିଲାମି ତାଲତିକାରୁ ବାଦ୍ ପଡ଼ିଛନ୍ତି।



# ରୋହିତଙ୍କ ରେକର୍ଡ ଭାଙ୍ଗିଦେଲେ ତିଳକ ବର୍ମା

**ସେଞ୍ଚୁରିୟନ୍,୧୬।୧୧:** ତିଳକ ବର୍ମା ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିସ୍ଫୋରକ ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଟି-୨୦ ସିରିଜର ଚତୁର୍ଥ ମ୍ୟାଚ୍‌ରେ ଟିମ ଇଣ୍ଡିଆ ପାଇଁ ବ୍ୟାଟିଂ କରି ତିଳକ ଶତକ ହାସଲ କରିଥିଲେ। ଏହି ଇନିଂସ ସମୟରେ ସେ ୬ଟି ଚୌକା ମାରିଥିଲେ। ତିଳକଙ୍କ ସହ ସଞ୍ଜୁ ସାମସନ ମଧ୍ୟ ଏକ ଶତକ ହାସଲ କରିଥିଲେ। ଏହି ମ୍ୟାଚରେ ତିଳକ ରୋହିତ ଶର୍ମାଙ୍କ ଏକ ସ୍ୱତନ୍ତ୍ର ରେକର୍ଡ ଭାଙ୍ଗିଛନ୍ତି। ଟିମ ଇଣ୍ଡିଆ ପାଇଁ ତିଳକ ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ୪୭ ବଲର ସମ୍ମୁଖୀନ ହୋଇ ସେ ଅପରାଜିତ ୧୨୦ ରନ ସ୍କୋର କରିଥିଲେ। ଏହି ଇନିଂସରେ ସେ ୧୦ ଛକା ଓ ୯ ଚୌକା ମାରିଥିଲେ। ତାଙ୍କ ସହ ସାମସନ ମଧ୍ୟ ଶତକ ହାସଲ କରିଥିଲେ। ସାମସନ ଅପରାଜିତ ୧୦୯ ରନ ସଂଗ୍ରହ କରିଥିଲେ। ଉଭୟ ଶତକର ସହାୟତାରେ ଭାରତ ୨୮୩ ରନ ସ୍କୋର କରିଥିଲା। ତିଳକ ରୋହିତଙ୍କ ଏକ ବିଶେଷ ରେକର୍ଡ ଭାଙ୍ଗିଥିଲେ। ଭାରତ ପାଇଁ ସବୁଠୁ ବଡ ଟି-୨୦ ସ୍କୋର କରିବାରେ ସେ ରୋହିତଙ୍କୁ ପଛରେ ପକାଇ ଦେଇଛନ୍ତି। ଏହି ମ୍ୟାଚରେ ତିଳକ ଅପରାଜିତ ୧୨୦ ରନ ସଂଗ୍ରହ କରିଛନ୍ତି। ରୋହିତଙ୍କ ସର୍ବାଧିକ ସ୍କୋର ହେଉଛି ୧୧୮ ରନ। ସେ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଏକ ଶତକ ହାସଲ କରିଥିଲେ। ଟିମ ଇଣ୍ଡିଆ ପାଇଁ ସର୍ବାଧିକ ଟି-୨୦ ସ୍କୋର କରିବାର ରେକର୍ଡ ଶୁଭମାନ ଗିଲଙ୍କ ନାମରେ ଅଛି। ୨୦୨୩ରେ ଗିଲ ଅପରାଜିତ ୧୨୬ ରନ ସ୍କୋର କରିଥିଲେ।

ତିଳକ ରୋହିତ ଏବଂ ସାମସନଙ୍କ ଏକ ସ୍ୱତନ୍ତ୍ର ରେକର୍ଡ ସହିତ ସମକକ୍ଷ ହୋଇଛି। ଅନ୍ତର୍ଜାତୀୟ ଟି-୨୦ ଇନିଂସରେ ସର୍ବାଧିକ ୬ଟି ଛକା ମାରିବା ଦୃଷ୍ଟିରୁ ତିଳକ ଉଭୟଙ୍କୁ ସମାନ କରିଛନ୍ତି। ରୋହିତ ଏବଂ ସାମସନ ପ୍ରତ୍ୟେକ ୧୦ଟି ଛକା ମାରିଛନ୍ତି। ତିଳକ ମଧ୍ୟ ଏହି କୀର୍ତ୍ତିମାନ କରିଛନ୍ତି। ଏହି ତାଲିକାରେ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ୨୦୨୩ରେ ଶ୍ରୀଲଙ୍କା ବିପକ୍ଷରେ ୯ଟି ଛକା ମାରିଥିଲେ।

# ରଣଜୀ ଟ୍ରଫି: ଓଡ଼ିଶାର ସଂଘର୍ଷପୂର୍ଣ୍ଣ ବିଜୟ



- ମହାରାଷ୍ଟ୍ରକୁ ୩ ୱିକେଟ୍‌ରେ ହରାଇଲା
- ଗୋବିନ୍ଦ ଶ୍ରେଷ୍ଠ ଖେଳାଳି

**ଭୁବନେଶ୍ୱର, ୧୬।୧୧:** ସୁମିତ ଶର୍ମାଙ୍କ ଦ୍ୱିତୀୟ ୫ ୱିକେଟ୍ ବଳରେ ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ପ୍ରଥମ ବିଜୟ ପାଇଛି। ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ଦଳ ୩ ୱିକେଟ୍‌ରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏଥିସହିତ ଲଗାତାର ପାଳି ପରାଜୟର ସାମ୍ନା କରି ସମାଲୋଚିତ ହୋଇଥିବା ଓଡ଼ିଶା ଖେଳାଳିମାନେ କେତେକାଂଶରେ କଟା ଘା'ରେ ମଲମ ଲଗାଇବାରେ ସଫଳ ହୋଇଛନ୍ତି। ଗୋବିନ୍ଦ ପୋଦ୍ଦାର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ବିଜୟରୁ ଓଡ଼ିଶାକୁ ୬ ପଏଣ୍ଟ ପାଇ ଟେବୁଲର ଷଷ୍ଠ ସ୍ଥାନକୁ ଉଠିଛି। ପ୍ରାୟ ଅଢ଼େଇ ମାସ ପରେ ଷଷ୍ଠ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଜାନୁଆରି ୨୩ରେ ସିଲଂରେ ମେଘାଳୟ ଓ ୩୦ ତାରିଖରୁ ଟାଙ୍ଗୀସ୍ଥିତ ଡ୍ରିମ୍ସ ପଡ଼ିଆରେ ସର୍ଭିସେସ୍ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳିବ। ତେଣୁ ଓଡ଼ିଶା ପାଖରେ ପ୍ଲେଟ୍ ଗ୍ରୁପ୍‌କୁ ଖସିବାର ଭୟ ଆଉ ନଥିଲା ବେଳେ ନକ୍‌ଆଉଟ୍ ଯିବା ସମ୍ଭାବନା ମଧ୍ୟ ନାହିଁ। ତିନି ଦିନ ମଧ୍ୟରେ ଶେଷ ହୋଇଥିବା ବାରବାଟୀ ରଣଜୀ ମ୍ୟାଚ୍‌କୁ ଜିତିବା ଘରୋଇ ଦଳ ପାଇଁ ଏତେ ସହଜ ହୋଇ ନଥିଲା। ଯଦିଓ ମହାରାଷ୍ଟ୍ର ଦ୍ୱିତୀୟ ପାଳିକୁ ୧୬୬ ରନ୍‌ରେ ଶେଷ ହୋଇଥିଲା, ତଥାପି ୧୨୯ ରନ୍‌ର ଲକ୍ଷ୍ୟକୁ ହାସଲ କରିବାକୁ ଓଡ଼ିଶା ୭ ଖେଳାଳିଙ୍କୁ ହରାଇଥିଲା। ତୃତୀୟ ଦିନରେ ୭୮/୩ରୁ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ମହାରାଷ୍ଟ୍ରର ଅଙ୍କିତ ବାୱ୍ନେ (୭) ଓ ସତ୍ୟଜିତ ବଚ୍ଛାଭ (୦)ଙ୍କୁ ଦିନର ପ୍ରଥମ ଓଭରର ତୃତୀୟ ଓ ଚତୁର୍ଥ ବଲ୍‌ରେ ଗୋବିନ୍ଦ ଆଉଟ୍ କରି ହ୍ୟାଟ୍ରିକ୍ ସୁଯୋଗ ସୃଷ୍ଟି କରିଥିଲେ। କିନ୍ତୁ ଏହା ସଫଳ ହୋଇ ନଥିଲା। ପରବର୍ତ୍ତୀ ୫ ୱିକେଟ୍‌କୁ ସୁମିତ୍ ଶର୍ମା (୫/୪୬) ଅକ୍ତିଆର କରିଥିଲେ। ପୂର୍ବରୁ ଜମ୍ମୁ କଶ୍ମୀର ବିପକ୍ଷରେ ଏହି ପଡ଼ିଆରେ ସେ ପଦାର୍ପଣ କରି ୫ ୱିକେଟ୍ ସଫଳତା ପାଇଥିଲେ।

ବିଜୟ ଲକ୍ଷ୍ୟକୁ ପିଛା କରି ପୁଣି ଥରେ ପ୍ରାରମ୍ଭିକ ଯୋଡ଼ି ବିଫଳ ହୋଇଥିଲା ବେଳେ ପ୍ରଥମ ପାଳିର ଶତକ ଅର୍ଜନକାରୀ ସ୍ୱସ୍ତିକ ସାମଲ ୯ ରନ୍‌ରେ ଆଉଟ୍ ହୋଇଥିଲେ। ଶାନ୍ତନୁ ମିଶ୍ର (୧୦)ଙ୍କ ସହ ସନ୍ଦୀପ ପଟ୍ଟନାୟକ (୩୬) ପାଖାପାଖି ଘଣ୍ଟାଏ ପର୍ଯ୍ୟନ୍ତ ପ୍ରତିପକ୍ଷ ବୋଲରଙ୍କ ସହ ଲଢ଼ିଥିଲେ ମଧ୍ୟ ଦୁଇ ଓଭର ବ୍ୟବଧାନରେ ଉଭୟ ଆଉଟ୍ ହୋଇଥିଲେ। ନିୟମିତ ବ୍ୟବଧାନରେ ୱିକେଟ୍ ଖସୁଥିବା ବେଳେ ଗୋଟିଏ ପଟରୁ ଗୋବିନ୍ଦ ଧୀରେଧୀରେ ରନ୍ ବାହାର କରି ଓଡ଼ିଶାକୁ ବିଜୟ ଆଡ଼କୁ ନେଇଥିଲେ। କିନ୍ତୁ ଅର୍ଦ୍ଧଶତକଠୁ ମାତ୍ର ୨ ରନ୍ ଓ ବିଜୟଠୁ ୫ ରନ୍ ଦୂରରେ ଥିବା ବେଳେ ଗୋଟିଏ ଓଭରରେ ଗୋବିନ୍ଦ (୪୮) ଓ ଆଶୀର୍ବାଦ ସ୍ୱାଇଁ (୧୮)ଙ୍କୁ ପ୍ରଶାନ୍ତ ସୋଲାଙ୍କି ଆଉଟ୍ କରି ଯୁଗଳ ଝଟ୍‌କା ଦେଇଥିଲେ। ପରବର୍ତ୍ତୀ ଓଭରରେ ସୂର୍ଯ୍ୟକାନ୍ତ ପ୍ରଧାନ ମଧ୍ୟ ପ୍ରଥମ ବଲ୍‌ରେ ପାଭିଲିଅନ୍ ଫେରିବାରୁ ମାତ୍ର ୫ ବଲ୍ ଭିତରେ ଓଡ଼ିଶା ୩ ୱିକେଟ୍ ହରାଇ ସାରିଥିଲା। ଶେଷରେ ରାଜେଶ ଧୂପର (୧*) ଓ ସୁମିତ ଶର୍ମା (୫*)ଙ୍କ ଯୋଡ଼ି ଓଡ଼ିଶାକୁ ପ୍ରଥମ ବିଜୟ ଭେଟି ଦେଇଥିଲେ। ସୂଚନାଯୋଗ୍ୟ, ଏହି ମ୍ୟାଚ୍‌ରେ ମହାରାଷ୍ଟ୍ର ପ୍ରଥମ ପାଳିରେ ୧୬୨ ରନ୍ କରିଥିଲା ବେଳେ ସ୍ୱସ୍ତିକ ସାମଲଙ୍କ ଶତକ ସହାୟତାରେ ଓଡ଼ିଶା ପାଳି ଅଗ୍ରଣୀ ନେବା ସହ ୨୦୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା।



# ମାର୍କ କିଙ୍ଗ ୫ ବର୍ଷ ବାସନ୍ଦ

ଶିଫିଲ୍ଡ, ୧୬।୧୧: ଇଂଲିଶ ସ୍ନୁକର ଖେଳାଳି ମାର୍କ କିଙ୍ଗ୍‌ଙ୍କୁ ଶୁକ୍ରବାର ୫ ବର୍ଷ ବାସନ୍ଦ କରାଯାଇଛି। ମ୍ୟାଚ ଫିକ୍ସିଂ କରିବା ଓ ଟୁର୍ନାମେଣ୍ଟର ଭିତିରି ତଥ୍ୟ ଯୋଗାଇ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୫୦ ବର୍ଷୀୟ କିଙ୍ଗ୍ ୨୦୦୩ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ୧୧ଶ ସ୍ଥାନ ହାସଲ କରିଥିଲେ। ଗତବର୍ଷ ଫେବୃଆରୀ ୧୩ରେ ଖେଳାଯାଇଥିବା ଓ୍ୱେଲ୍ସ ଓପନରେ ଜୋ ପେରୀଙ୍କ ବିପକ୍ଷ ଏକ ମ୍ୟାଚ ବେଳେ ସେ ବେଟିଂ ସିଣ୍ଡିକେଟ ସହ ଯୋଗାଯୋଗରେ ଥିଲେ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା। ଏହାର ଏକ ମାସରେ ସ୍ନୁକର ପରିଚାଳନା ପରିଷଦ କିଙ୍ଗ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱାଧୀନ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା। ତଦନ୍ତ ପରେ ଜଣାପଡ଼ିଥିଲା ଯେ, କିଙ୍ଗ ବେଟିଂ ଉଦ୍ଦେଶ୍ୟରେ ମ୍ୟାଚ ସମ୍ପର୍କରେ ଭିତିରି ତଥ୍ୟ ପ୍ରଦାନ କରିଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଏହି ଅଭିଯୋଗକୁ ସେତେବେଳେ ସେ ଖଣ୍ଡନ କରିଥିଲେ। କିଙ୍ଗଙ୍କ ବାସନ୍ଦ ଦଣ୍ଡ ୨୦୨୮ ମାର୍ଚ୍ଚ ୧୭ରେ ଶେଷ ହେବ। ତାଙ୍କୁ ଆହୁରି ମଧ୍ୟ ୬୮,୦୦୦ ପାଉଣ୍ଡ (୮୬,୦୦୦ ଡଲାର) ଜରିମାନା କରାଯାଇଛି। ମ୍ୟାଚ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହୋଇ ଚାଇନିଜ ଖେଳାଳି ଲିଆଙ୍ଗ ଓ୍ୱେନ୍‌ବୋ ଓ ଲି' ହାଙ୍ଗ୍‌ଙ୍କୁ ସ୍ନୁକରରୁ ଆଜୀବନ ବାସନ୍ଦ କରାଯାଇଛି।

# ପୁଣି ବାପା ହେଲେ ରୋହିତ ଶର୍ମା



**ମୁମ୍ବାଇ, ୧୬।୧୧:** ପୁଣି ଥରେ ବାପା ହେଲେ ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା । ଗତକାଲି ରୋହିତଙ୍କ ପତ୍ନୀ ରିତିକା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି । ପୂର୍ବରୁ ରୋହିତ ଶର୍ମାଙ୍କର ଏକ ଝିଅ ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ ପାଇଁ ରୋହିତ ଶର୍ମାଙ୍କୁ ବାଦ ଦେଇ ଟିମ୍ ଇଣ୍ଡିଆର କ୍ରିକେଟରମାନେ ଅଷ୍ଟ୍ରେଲିଆରେ ପହଞ୍ଚି ସାରିଲେଣି। କିନ୍ତୁ ରୋହିତ ଏପର୍ଯ୍ୟନ୍ତ ପହଞ୍ଚି ନଥିବା ଜଣାଯାଇଛି। ତେବେ ସେ ଖୁବ୍ ଶୀଘ୍ର ଆଗାମୀ ମ୍ୟାଚରେ ସାମିଲ ହେବେ ବୋଲି ଜଣାଯାଇଛି ।ରିତିକାଙ୍କ ପ୍ରେଗନେନ୍ସି ନେଇ ପୂର୍ବରୁ ଗଣମାଧ୍ୟମରେ କୌଣସି ସୂଚନା ମିଳି ନ ଥିବା ବେଳେ ଏନେଇ ଷ୍ଟାର କପଲ୍ ବି ନିଜ ସୋଶାଲ ମିଡିଆ ହ୍ୟାଣ୍ଡେଲରେ କୌଣସି ସୂଚନା ଦେଇ ନ ଥିଲେ। ରୋହିତ ଶର୍ମା ଅଷ୍ଟ୍ରେଲିଆ ଗସ୍ତରେ ସାମିଲ ନ ହେବାରୁ କ୍ରିକେଟ ଲିଜେଣ୍ଡ ସୁନୀଲ ଗାଭାସ୍କର ତାଙ୍କ ଆଲୋଚନା କରିଥିଲେ। ମାତ୍ର ଅଷ୍ଟ୍ରେଲିଆର ପୂର୍ବ କ୍ରିକେଟର ଏରାନ ପିଞ୍ଚ କିନ୍ତୁ ଗାଭାସ୍କରଙ୍କ ସହ ସହମତ ହୋଇ ନ ଥିଲେ। ସେ କହିଥିଲେ, ଯଦି ରୋହିତ ଶର୍ମାଙ୍କୁ ଘରେ ରହିବାକୁ ପଡୁଛି, ଅର୍ଥାତ ଘରେ ତାଙ୍କ ଆବଶ୍ୟକତା ରହିଛି। କାରଣ ତାଙ୍କ ପତ୍ନୀଙ୍କର ପ୍ରସବ ସମୟ ପାଖେଇ ଆସିଲାଣି। ଏହାପରେ ରିତିକା ଏରାନ ପିଞ୍ଚଙ୍କ ଇନଷ୍ଟା ପୋଷ୍ଟକୁ ଟ୍ୟାଗ କରି ସାଲୁଟ ଇମୋଜି ପୋଷ୍ଟ କରିଥିଲେ। ଏହାପରେ ବି ରୋହିତ ଶର୍ମାଙ୍କ ଘରକୁ ଖୁସି ଖବର ଆସୁଥିବା ଖବର ପ୍ରଚାରିତ ହୋଇଥିଲା ଓ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଥିଲା।

# ଜାତୀୟ ହକି: ପ୍ରଥମ ଥର ଫାଇନାଲ୍‌ରେ ଓଡ଼ିଶା




**ଭୁବନେଶ୍ୱର, ୧୬।୧୧:** ଓଡ଼ିଶା ପୁରୁଷ ହକି ଦଳ ପ୍ରଥମ ଥର ଲାଗି ଜାତୀୟ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ପହଞ୍ଚି ରାଜ୍ୟ ପାଇଁ ଗୌରବ ଆଣିଛି। ପୂର୍ବରୁ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ ୨୦୧୬ରେ କାଂସ୍ୟ ପଦକ ବିଜୟ ଥିଲା। ତାମିଲନାଡୁରେ ଚାଲିଥିବା ଏହି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଏହି ଦଳ ୪-୨ ଗୋଲ୍‌ରେ ମଣିପୁରକୁ ପରାସ୍ତ କରିଛି। ସପ୍ତମ ମିନିଟ୍‌ରେ ମଣିପୁରକୁ ମିଳିଥିବା ପେନାଲ୍ଟି ସୁଟ୍‌କୁ ଅଲିମ୍ପିଆନ୍ ନୀଳକାନ୍ତ ଶର୍ମା ଗୋଲ୍ ପରିଣତ କରି ଦଳକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ତ୍ରୟୋଦଶ ମିନିଟ୍‌ରେ ଓଡ଼ିଶା ଏହି ଗୋଲ୍‌ଟି ଶୁଝି ପ୍ରଥମ କ୍ୱାର୍ଟରକୁ ୧-୧ରେ ଶେଷ କରିଥିଲା। ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ନୀଲମ ସଂଜୀପ ଖେସ୍ (୧୩ ମିନିଟ୍) କୌଣସି ଭୁଲ୍ ନକରି ମଣିପୁର ଗୋଲ୍ ପୋଷ୍ଟକୁ ବଲ୍ ପଠାଇ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଶିଳାନନ୍ଦ ଲାକ୍ରା (୨୦ ମିନିଟ୍) ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାକୁ ଆଗୁଆ କରିଥିଲେ। ମଣିପୁରର ଗଣେନ୍ଦ୍ରଜିତ ନିଙ୍ଗୋମବାମ (୨୫ ମିନିଟ୍) ଏହି ଗୋଲ୍‌ଟି ଶୁଝି ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ୨-୨ରେ ଶେଷ ହୋଇଥିଲା। ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଚତୁର୍ଥ କ୍ୱାର୍ଟରରେ ଲଗାତାର ୨ଟି ଫିଲ୍ଡ ଗୋଲ୍ ଲଦି ଓଡ଼ିଶା ବିଜୟ ବାନା ଉଡ଼ାଇଥିଲା। ୫୨ତମ ମିନିଟ୍‌ରେ ପ୍ରସାଦ କୁଜୁର ଓ ସୁଦୀପ ଚିର୍ମାକୋ ଏହି ଦୁଇଟି ଗୋଲ୍ ଦେଇଥିଲେ। ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିବା ଶିଳାନନ୍ଦ ଲାକ୍ରା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଓଡ଼ିଶା ଶନିବାର ଫାଇନାଲ୍‌ରେ ୩ ଥରର ଫାଇନାଲିଷ୍ଟ ତଥା ୨ ଥରର ବିଜେତା ହରିୟାଣାକୁ ଭେଟିବ। ଗତ ଥରର ଉପବିଜେତା ହରିୟାଣା ସେମିଫାଇନାଲ୍‌ରେ ୩-୨ ଗୋଲ୍‌ରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡିକିରେ...

ସାରଥୀକୁ ଫେରାର ହେବାକୁ ପଡିଛି। ଯଦି ପ୍ରକୃତରେ ସେ କଳିଯୁଗର କଳକୀ ତେବେ ଫେରାର କାହିଁକି ହେଲା। ଏ କ୍ଷେତ୍ରରେ ଆମେ କୁନି ସାରଥୀ ବୋଲି କୁହାଯାଉଥିବା ପିଲା, ଯିଏ ଏବେ ସାବାଳକ ତାକୁ ଆମେ ଦୋଷ ଦେଉନୁ। ତା ବାପା ଯିଏ ନିଜେ ଜଣେ ଧର୍ମ ପ୍ରବଚକ ବୋଲାଉଛନ୍ତି ଆଉ ପୁଅକୁ ଏଭଳି ଭଗବାନଙ୍କ କଳକୀ ଅବତାର ବୋଲି ଚିତ୍ରିତ କରିଥିଲେ ତାଙ୍କୁ କିଏ କାହିଁକି ସୁରକ୍ଷା ଦେଉଛି।

ସବୁଠୁ କୌତୁହଳର ବିଷୟ ହେଉଛି, ଯେଉଁ ଭକ୍ତମାନେ ଏ ଶିଶୁକୁ ଭଗବାନ ବୋଲି ମାନୁଥିଲେ ସେମାନେ କେବେ ତାଙ୍କ ମୁହଁରୁ ପଦୁଟିଏ ଶୁଣିନାହାନ୍ତି। ଯିଏ ନିଜର ସମସ୍ୟା କୁହେ ସେ କୁଆଡେ ତାଙ୍କୁ ଅନେଇ ହସିଦିଏ, ଆସୁ ଭକ୍ତର ମନସ୍କାମନା ପୁରାଣ ହେଇଯାଏ । ଏକଥା କିଛି ଭକ୍ତ କୁହନ୍ତି । ଆଜିର ବିଜ୍ଞାନ ଯୁଗରେ ବି ପାଠଶାଠ ପଢୁଆ ଲୋକ ବି ଏମିତି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି। ଏପଟେ ଆଶ୍ରମର ଟ୍ରଷ୍ଟି ଗଣମାଧ୍ୟମକୁ ଆଶ୍ରମ ଭିତରକୁ ଯିବାକୁ ଅଜବ ସର୍ତ୍ତ ଲଗାଇଛନ୍ତି। ଯେଉଁମାନେ ଗତ ଛଅ ମାସ ଧରି ଆମିଷ ଖାଇନଥିଲେ, ମଦ, ପାନ ବିଡି କି ଗୁଟକା ସେବନ କରିନଥିବେ କିମ୍ବା କୌଣସି ପ୍ରକାର ଅର୍ଧମ କାମ କରିନଥିବେ କେବଳ ସେଇମାନେ ହିଁ ଆଶ୍ରମ ଭିତରକୁ ଯାଇପାରିବେ। କିନ୍ତୁ ଏକଥା କିଏ ନିଶ୍ଚୟ କରିବ ଏବଂ ଏହାର ସତ ଯାଣିବାକୁ କି ବିଜ୍ଞାନ ରହିଛି ସେନେଇ ସେ ନିରବ।

ଆଶ୍ରମର ଟ୍ରଷ୍ଟି କହୁଛନ୍ତି, ମାଳିକା ବଚନ ଅନୁଯାୟୀ ତାଙ୍କୁ କୁଆଡେ ସ୍ୱପ୍ନ ହୋଇଥିଲା। ଯାଜପୁର ଜିଲ୍ଲାରେ ଜନ୍ମିତ ଏହି ଶିଶୁ ଯିଏ କି ୧୨ ମାସ ମାଆ ଗର୍ଭରେ ଥିଲା ଆଉ ଭୁବନେଶ୍ୱରେ ତାର ଲାଳନପାଳନ ହେଉଛି ସେ କୁଆଡେ କଳିଯୁଗରେ ଭଗବାନଙ୍କ କଳକୀ ଅବତାର। ଏମିତି ବର୍ଣ୍ଣନା କରି ଗତି କିଛି ବର୍ଷ ଧରି ଖଣ୍ଡଗିରି ଅଞ୍ଚଳରେ ଲୋକଙ୍କ ମୁହଁରେ ଆଙ୍ଗୁଠି ଗେଞ୍ଜି ଭଣ୍ଡାଯାଉଥିଲା। ଅବଶ୍ୟ ପାଦରେ ତୁଳସୀ ଦିଆଯିବା ଘଟଣା ନେଇ ଆଶ୍ରମର ଟ୍ରଷ୍ଟି ଆଜି ମିଡିଆ ଆଗରେ ଭୁଲ ମାଗିଛନ୍ତି। ଏହାକୁ ନେଇ ଚାଲିଥିବା ବିବାଦକୁ ନେଇ କିନ୍ତୁ ସେ ମାନିବାକୁ ରାଜି ନୁହଁନ୍ତି।

ଏବେ ପ୍ରଶ୍ନ ଉଠୁଛି ଯେତେବେଳେ କଳିଯୁଗର ଏହି କଳକୀ ଭଗବାନଙ୍କୁ ନେଇ ପ୍ରଶ୍ନ ଉଠୁଛି ସେତେବେଳେ ନିଜେ ସେଇ କୁନି ସାରଥୀ ଓ ତା ବାପା କାହିଁକି ଗଣମାଧ୍ୟମର ଶଙ୍କା ଦୂର କରୁନାହାଁନ୍ତି। କାହିଁକି ସେ ସ୍ପଷ୍ଟୀକରଣ ଦେଉନାହାଁନ୍ତି। ବିବାଦ ଉଠିବା ପରେ ଦୁଇ ଦିନ ହେଲା ଆଶ୍ରମର ଟ୍ରଷ୍ଟି ଗଣମାଧ୍ୟମରେ ଗର୍ଜନ କରୁଥିବା ବେଳେ କୁଆଡେ ଲୁଚିଗଲେ କଳକୀ ଭଗବାନ ଓ ତାଙ୍କ ପରିବାର?

### ପୁଲିସ୍ ଗୃହ...

ଆଡଭାଇଜର(ଚାଟାର୍ଡ ଆକାଉଣ୍ଟାଣ୍ଟ) ହିସାବରେ ରହିଥିବା ଶ୍ରୀ ଗଗନ ସାହୁଙ୍କୁ ଚାକିରିରୁ ବାହାର କରିବା ନିର୍ଦ୍ଦେଶ ସହିତ ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ କର୍ପୋରେସନର ସି.ଏମ.ଡିଙ୍କ ପାଖକୁ ତା ୨୩।୧୦।୨୦୨୪ ରିଖରେ ଚିଠି ଆସିଥିଲା। ବରଗଡ ସାଂସଦ ପ୍ରଦୀପ ପୁରୋହିତ ଚିଠି ଲେଖି, ଶ୍ରୀ ପ୍ରଦିପ ପଣ୍ଡା ପ୍ରେଜେଣ୍ଟେସନ ମାଧ୍ୟମରେ କୋଟି କୋଟି ଟଙ୍କାର ଟେଣ୍ଡର ଦୁର୍ନିତି କରିଛନ୍ତି ଓ କରୁଛନ୍ତି ବୋଲି ଅଭିଯୋଗ କରିବା ସହିତ ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ଦେବା ସହିତ ଚାକିରିରୁ କାଢିବା ପାଇଁ ଅନୁରୋଧ କରିଥିଲେ। ଏହି ବାବଦରେ ଗୃହବିଭାଗ ମଧ୍ୟ କର୍ପୋରେସନକୁ ବିହିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ବିଗତ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଏଠାରେ ରହିଥିବା ସଂଜୀବ ପଣ୍ଡାଙ୍କ ସମୟରେ ଶ୍ରୀ ପ୍ରଦିପ ପଣ୍ଡାଙ୍କୁ ଟେକନିକାଲ ଆଡଭାଇଜର ଟୁ ସି.ଏମ.ଡି ହିସାବରେ ଏବଂ ଶ୍ରୀ ସ୍ମାରକ ରଞ୍ଜନ ମହାନ୍ତିଙ୍କୁ ପ୍ରଥମ ବର୍ଷ ଆଡଭାଇଜର (ଏଚ.ଆର) ଏବଂ ଦ୍ୱିତିୟ ବର୍ଷ ଡେପୁଟି ଜେନେରାଲ ମ୍ୟାନେଜର (ଆଡମିନିଷ୍ଟ୍ରେସନ) ଇନଚାର୍ଜ ହିସାବରେ ପୋଷ୍ଟିଙ୍ଗ ମିଳିଥିଲା। ତୃତୀୟ ବର୍ଷକୁ ଡ. ସନ୍ତୋଷ ବାଲା ସି.ଏମ.ଡି ରହିଥିବା ବେଳେ ସମସ୍ତ ନିୟମ କାନୁନକୁ ଫୁ କରି ତା'ଠାରୁ ଇନଚାର୍ଜ ହଠାଇ ତାକୁ ଡେପୁଟି ଜେନେରାଲ ମ୍ୟାନେଜର (ଆଡମିନିଷ୍ଟ୍ରେସନ) ହିସାବରେ ପୋଷ୍ଟିଙ୍ଗ କରିଥିଲେ। କିପରି ଏକଛତ୍ରବାଦ ଚଳାଇବାକୁ ପଡିବ, କର୍ମଚାରିମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିହେବ, ଯିଏ ମୁହଁ ଖୋଲିଲା ତାକୁ ଅକଥନିୟ ହଇରାଣ ହରକତ କରିବାକୁ ପଡିବ, ସେସବୁ ବିଷୟ ଶ୍ରୀ ସ୍ମାରକ ରଞ୍ଜନ ମହାନ୍ତି ଓ ଗଗନ ସାହୁ ନିର୍ଣ୍ଣୟ କରିଥାନ୍ତି। ପୋଲିସ ହାଉସିଙ୍ଗରେ ରେଗୁଲାର ଚାକିରିରେ ୨ ଜଣ ଚାଟାର୍ଡ ଆକାଉଣ୍ଟାଣ୍ଟ, ୩ ଜଣ ଆଇ.ସି.ଡବ୍ଲୁ.ଏ. ରହିଛନ୍ତି। ସମସ୍ତଙ୍କର ଅଭିଜ୍ଞତା ଅତିକମରେ ୫ ବର୍ଷରୁ ଅଧିକ ହେବ। ତେଣୁ ଗଗନ ସାହୁଙ୍କୁ ଆଡଭାଇଜର ହିସାବରେ ନରଖି ଏମାନଙ୍କ ଭିତରୁ କାହାଦ୍ୱାରା ମଧ୍ୟ ସେ କାମ 'ଇନହାଉସ' କରି ଦେଇହେବ। ଆବଶ୍ୟକ ହେଲେ ବାହାରୁ 'ଆଉଟସୋର୍ସିଙ୍ଗ' ମଧ୍ୟ କରିବାରେ କୌଣଷି ଅସୁବିଧା ହେବନାହିଁ ବୋଲି ଫାଇନାନ୍ସିଆଲ ଏକ୍ସପର୍ଟମାନେ ମତ ଦିଅନ୍ତି।

ମାନ୍ୟବର ଏମ.ପି ଶ୍ରୀଯୁକ୍ତ ପ୍ରଦିପ ପୁରୋହିତ ଦେଇଥିବା ଚିଠିର ଆଧାରରେ ୱାର୍କସ ଡିପାର୍ଟମେଣ୍ଟ ଏଠାରେ ଜଣେ ସୁପରିଟେଣ୍ଡିଙ୍ଗ ଇଂଜିନିୟର ପୋଷ୍ଟିଙ୍ଗ କରିଛନ୍ତି। କିନ୍ତୁ ଟେଣ୍ଡର ଦୁର୍ନିତି ବିଷୟରେ ପ୍ରଦିପ ପଣ୍ଡା, ଟି.ଏ ଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ଉପରେ ଅଧ୍ୟକ୍ଷ ମହୋଦୟ କୌଣଷି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ସେହିପରି ତିନିଜଣ ଆଡଭାଇଜରଙ୍କୁ ଚାକିରିରୁ ବାହାର କରିବା ନେଇ ସି.ଏମ. ଅଫିସରୁ ଆସିଥିବା ନିର୍ଦ୍ଦେଶ ଉପରେ କାର୍ଯ୍ୟାନୁଷ୍ଠାନ ନେବା ମଧ୍ୟ ବାକି ପଡିଛି।

ଏଠାରେ ଉଲ୍ଲେଖ କରାଯାଇପାରେ କି ଡ.ବାଲା ଗତ ୨୪।୧୦।୨୪ ରିଖ ରାତିରେ କର୍ପୋରେସନ ଛାଡି ଗଲାପରେ, ପ୍ରଦିପ ପଣ୍ଡା କର୍ମଚାରିମାନଙ୍କ ଆକ୍ରୋଶର ସମ୍ମୁଖିନ ହେବା ଭୟରେ ସେହିଦିନ ରାତାରାତି ଚାକିରି ଛାଡି ଉଭାନ ହୋଇଯାଇଛନ୍ତି। କର୍ମଚାରିମାନେ ବହୁତ ଉତ୍ସୁକତାର ସହିତ କେଉଁଦିନ ଅନ୍ୟ ଦୁଇଜଣଙ୍କ ସହିତ ବାହାରିବେ ଅପେକ୍ଷା କରି ବସିଛନ୍ତି। ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇ.ପି.ଏସ. ଏଠାରେ କାର୍ଯ୍ୟରେ ଯୋଗ ଦେଲା ପରେ ସବୁ ମାମଲା ଗୁଡିକର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଦଣ୍ଡ ଦେବା ସହିତ ନିର୍ଦ୍ଦୋଶରେ ହଇରାଣ-ହରକତ ହେଉଥିବା କର୍ମଚାରିମାନଙ୍କୁ ନ୍ୟାୟ ମିଳିବା ନେଇ ନୁତନ ଅଧ୍ୟକ୍ଷଙ୍କ ସହିତ ସରକାରଙ୍କ ନିକଟରେ ଦାବି କରାଯାଉଛି। ଏହାଛଡା ଆସିଷ୍ଟାଣ୍ଟ ମ୍ୟାନେଜର ନିଯୁକ୍ତି, ଟେଣ୍ଡର ଦୁର୍ନିତି ଭଳି ବଡବଡ ଦୁର୍ନିତି ଗୁଡିକର ଉପଯୁକ୍ତ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ କରିବା ଦିଗରେ ଆବଶକୀୟ ନିର୍ଦ୍ଦେଶ ଦେବାପାଇଁ କର୍ମଚାରିମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ପ୍ରତି ପଞ୍ଚାୟତରେ...

ଘିଅ ଯୋଗାଇ ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚିଠି କରିଥିଲେ। ତା'ପରେ ଓମ୍‌ଫେଡ୍ ଘିଅ ଯୋଗାଣ ଆରମ୍ଭ କରିଛି। ହୋଲ୍‌ସେଲ୍ ଦରରେ ଆମେ ଘିଅ ଯୋଗାଇଦେବୁ। ଶ୍ରୀମନ୍ଦିର ପାଇଁ ପ୍ରତିଦିନ ୪ ଟନ୍‌ରୁ ଅଧିକ ଘିଅର ଆବଶ୍ୟକତା ରହିଛି। ଓମ୍‌ଫେଡ୍‌ର କେବଳ ଅରିଲୋ ପ୍ଲାଣ୍ଟରେ ପ୍ରତିଦିନ ୮ ଟନ୍‌ରୁ ଅଧିକ ଘିଅ ଉତ୍ପାଦନ କରିବାର ବ୍ୟବସ୍ଥା ରହିଛି। ଏହାଛଡ଼ା ରାଜ୍ୟର ଅନ୍ୟ ପ୍ଲାଣ୍ଟରେ ମଧ୍ୟ ଘିଅ ଉତ୍ପାଦନ ହେଉଛି।

ସେ କହିଛନ୍ତି, ବିଭିନ୍ନ ମନ୍ଦିରରେ ଓମ୍‌ଫେଡ୍ ଘିଅ ବ୍ୟବହାର କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ଓମ୍‌ଫେଡ୍ ଏମ୍‌ଡି ଚିଠି ଲେଖିଛନ୍ତି। ସବୁ ମନ୍ଦିରକୁ ଘିଅ ଯୋଗାଇବା ପାଇଁ ଆମେ ପ୍ରସ୍ତୁତ ଅଛୁ। କ୍ଷୀର ଓ ଘିଅ ଉତ୍ପାଦନ ବଢ଼ାଇବା ପାଇଁ ସମ୍ବଲପୁର, ଗଞ୍ଜାମ, ବାଲେଶ୍ୱରରେ ଓମ୍‌ଫେଡ୍‌ର ନୂଆ ଡାଏରୀ ପ୍ଲାଣ୍ଟ ଖୋଲିବାକୁ ଯୋଜନା କରୁଛି। ସେଥିପାଇଁ ଡିପିଆର୍ ପ୍ରସ୍ତୁତ କରାଯାଉଛି। ପ୍ରତ୍ୟକ୍ଷ ଓ ପରୋକ୍ଷରେ ଓମ୍‌ଫେଡ୍ ସମସ୍ତଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଲୋକମାନେ ଆତ୍ମନିର୍ଭର ହୋଇପାରୁଛନ୍ତି। ଆଗାମୀ ଦିନରେ ନିଶ୍ଚିତ ଭାବରେ ଓମ୍‌ଫେଡ୍ ଆହୁରି ସଶକ୍ତ ଓ ସମୃଦ୍ଧ ହେବ। ସେହିପରି ଓମଫେଡ଼ର ବକେୟା କମୁଛି । ୨ କୋଟି ବକେୟା ଥିବା ବେଳେ ୮୨ ଲକ୍ଷ ଆଦାୟ ହୋଇଛି । ୭ ଦିନ ଭିତରେ ନ ଦେଲେ ଆକ୍ସନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ନୂଆ ପ୍ରଡକ୍ଟ ନେଇ ମନ୍ତ୍ରୀ କହିଛନ୍ତି, ଲୋକଙ୍କ ଆବଶ୍ୟକତାକୁ ଦେଖି ଓମ୍‌ଫେଡ୍‌ର ଟେଟ୍ରାପ୍ୟାକ୍, ପାଣି ପାଉଚ୍, ଆଇସକ୍ରିମ୍, ଚକୋଲେଟ୍ ଆଦି ତିଆରି କରିବ। ରାଜ୍ୟର ବିଭିନ୍ନ ପ୍ଲାଣ୍ଟରେ ଏହି ସବୁ ପ୍ରଡକ୍ଟ ତିଆରି କରାଯିବ।

### ଦ୍ୱିଗୁଣ ହେବ...

ରାଜ୍ୟରେ ପ୍ରାୟ ୬୦ବର୍ଷ ବ୍ୟବଧାନରେ ଚତୁର୍ଥ ସରକାରୀ ମେଡିକାଲ କଲେଜ ସ୍ଥାପନ ହୋଇପାରିଥିଲା। ଏବେ ୧୧ ସରକାରୀ ମେଡିକାଲ କଲେଜ ଖୋଲିଛି। ଏହା କେବଳ କେନ୍ଦ୍ରରେ ବିଜେପି ସରକାର କ୍ଷମତାକୁ ଆସିବା ପରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଆର୍ଥିକ ଅନୁପାତରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ସରକାରୀ ମେଡିକାଲ କଲେଜ ଖୋଲିବା ନିମନ୍ତେ ସ୍ୱତନ୍ତ୍ର ନୀତି ଆଣିବାରୁ ସମ୍ଭବପର ହୋଇପାରିଛି। ଆମେ କେନ୍ଦ୍ର ସରକାରଙ୍କ ଏହି ନୀତିକୁ ସମ୍ପୂର୍ଣ୍ଣ ଉପଯୋଗ କରି ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଯାଉଛୁ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି।

### ଭରତପୁର ...

କମିଶନ ଏହି ମାମଲାରେ ୫୦୦ରୁ ଅଧିକ ଦାଖଲ ହୋଇଥିବା ସତ୍ୟପାଠର ଯାଞ୍ଚ ପରେ ସାକ୍ଷ୍ୟ ଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୪ ତାରିଖ ରାତିରେ ଭରତପୁର ଥାନାରେ ସେନା ମେଜର ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ମେଜରଙ୍କ ସହ ତାଙ୍କ ବାନ୍ଧବୀ ରାତି ଗୋଟାଏ ବେଳେ ଅଭିଯୋଗ କରିବାକୁ ଯାଇଥିବା ବେଳେ ଆଇଆଇସି ଓ କର୍ମଚାରୀ ଦୁର୍ବ୍ୟବହାର କରିଥିଲେ। ଘଟଣାରେ ତତ୍କାଳୀନ ଆଇଆଇସି ଦୀନକୃଷ୍ଣ ମିଶ୍ର ଓ ୪ ଜଣ ପୁଲିସ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଜାରି ରଖିଛି । ଏହାସହ ଘଟଣାର ତ୍ୱରିତ ତଦନ୍ତ ପାଇଁ ତଦନ୍ତ କମିଶନ ମଧ୍ୟ ଗଠନ କରାଯାଇଛି।

### ଥଳକୂଳ...

ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିବା ପରେ କୁଆଡେ କମିଶନରଙ୍କୁ ଡିଜିପି ତାଗିଦ କରିଛନ୍ତି। ଡିଜିପିଙ୍କ ତାଗିଦ ପରେ କମିଶନରଙ୍କ ନିର୍ଦ୍ଦେଶ ମୁତାବକ ଭୁବନେଶ୍ୱର ଡିସିପି ଆଜି ପ୍ରେସମିଟ କରି ବିଗତ ୪୮ ଘଣ୍ଟା ଭିତରେ ସହରରେ ଧରା ହୋଇଥିବା ଅପରାଧୀଙ୍କ ବିଷୟରେ ସୂଚନା ଦେଇଛନ୍ତି। ଭୁବନେଶ୍ୱର ଡିସିପି ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଏନ୍‌ଫୋର୍ସମେଣ୍ଟ ଉପରେ ଡିସିପି କହିବା ଚର୍ଚ୍ଚାର ବିଷୟ ପାଲଟିଛି।

### ଉତ୍କର୍ଷ...

ସମ୍ପର୍କକୁ ମଜଭୁତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ଯାତ୍ରା ଯୋଗୁଁ ଓଡ଼ିଶାରେ ଟେକ୍ସଟାଇଲସ୍, କେମିକାଲ୍‌ସ, ଗ୍ରୀନ ଏନର୍ଜି, ଲଜିଷ୍ଟିକ୍ସ, ସିପ୍ ବିଲ୍ଡିଙ୍ଗ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଯାହା ଓଡ଼ିଶାରେ ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶ ବ୍ୟକ୍ତ କରିଥିଲେ।

### ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

# ଗଣମାଧ୍ୟମ ହେଉଛି ସମାଜର ଦର୍ପଣ




**ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଣମାଧ୍ୟମ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ଜରୁରୀ: ଜିଲ୍ଲାପାଳ**

**ଜଗତସିଂହପୁର, ୧୬।୧୧ (ସଂଚାର ବ୍ୟୁରୋ) :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତା ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଧାୟକ ଅମରେନ୍ଦ୍ର ଦାସ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ଦିବସର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ସେମାନେ କୌଣସି ଭାବରେ ପ୍ରଭାବିତ ନ ହୋଇ ସତ୍ୟ ର ଅନୁସନ୍ଧାନ ସଠିକ ଖବର ପହଞ୍ଚାଇବାକୁ ଉପଦେଶ ଦେଇଥିଲେ।

ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ.ସୋନାଲ ଚଳିତ ବର୍ଷର ବିଷୟବସ୍ତୁ "ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ" ସାମ୍ପ୍ରତିକ ନୂତନ ଡିଜିଟାଲ୍/ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ପରିବର୍ତ୍ତନଗୁଡିକ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର ।

କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ସମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ନିର୍ଭୀକତାର ସହ ସତ୍ୟର ସାରଥୀ ଭାବେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ।

ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ ଅର୍ଚ୍ଚନା ସିଂ, ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମ୍ବାଦିକତାର ଗାରିମାକୁ ବଜାୟ ରଖିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ସୁଭାଷ ଚନ୍ଦ୍ର ରାଉତ, ଜିଲ୍ଲାସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଚିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରିଥିଲେ।

# କଳିଙ୍ଗ ବାଲିଯାତ୍ରା -୨୦୨୪ର ତୃତୀୟ ସଂନ୍ଧ୍ୟା




**ପାରାଦୀପ, ୧୬।୧୧ (ସଂଚାର ବ୍ୟୁରୋ) :** ଆଜି କଳିଙ୍ଗ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପି.କେ ମହାପାତ୍ର, ମୁଖ୍ୟ କାରଖାନା ଅଧିକାରୀ, ଇଫକୋ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ବସନ୍ତ କୁମାର ବିଶ୍ୱାଳ, ଅଧ୍ୟକ୍ଷ, ପାରାଦୀପ ପୌର ପରିଷଦ ଏବଂ ତ୍ରିନାଥ ସାହୁ, ମୁଖ୍ୟ ସାଧାରଣ ପରିଚାଳକ ପ୍ରକଳ୍ପ, ଆଇ.ଓ.ସି.ଏଲ।

ଆଜିର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାବା ଲୋକନାଥ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା,ଦଧିବାବନଜୀଉ ସାଂସ୍କୃତିକ ସଂଗଠନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ସୁଭଦ୍ରା କ୍ଲାସିକାଲ ମ୍ୟୁଜିକ୍ ସ୍କୁଲ ଦ୍ୱାରା ସେମିକ୍ଲାସିକଲ୍ ଡାନ୍ସ, ନୃତ୍ୟଶ୍ରୀ କଳା ନିକେତନ ଟ୍ରଷ୍ଟ ଦ୍ୱାରା ଶିବ ତାଣ୍ଡବ, ବୁଧନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଡାଲଖାଇ ଗ୍ରୁପ, ବଲାଙ୍ଗୀର ଡାଲଖାଇ ଏବଂ ସୃଷ୍ଟିଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ସାଇକ୍ରିଷ୍ଟା କଳା ମଣ୍ଡପ, ଶ୍ରାବଣୀ କଳା ନିକେତନ ଏବଂ ପରମଜ୍ୟୋତି କଳାକ୍ଷେତ୍ର ଟ୍ରଷ୍ଟ ବିଭିନ୍ନ ପ୍ରକାର ଡାନ୍ସ ଓ ମଡର୍ଣ ଡାନ୍ସ ପରିବେଷଣ କରିଥିଲେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଇଣ୍ଡିଆ'ସ ଗଟ ଟାଲେଣ୍ଟ ର ଭାଗ ନେଇଥିବା ଫ୍ଲାଗସୋମାନିଆ । ଶେଷରେ ସ୍ୱୟଂପାଢ଼ୀ ଓ ଗ୍ରୁପର ମ୍ୟୁଜିକାଲ ବ୍ୟାଣ୍ଡ ର ସଙ୍ଗୀତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲା।

# ପ୍ରାଣନାଥ ଜୟନ୍ତୀ ଓ ସଙ୍ଗୀତ ସମ୍ମାନ ଉତ୍ସବ




**ଖୋର୍ଦ୍ଧା, ୧୬।୧୧ (ସଂଚାର ବ୍ୟୁରୋ) :** ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରାଣନାଥ ଜୟନ୍ତୀ ଓ ପ୍ରାଣନାଥ ସଙ୍ଗୀତ ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ହୋଇ ଭବିଷ୍ୟତରେ ନିଜକୁ ଜଣେ ସୁ ନାଗରିକ ରୂପେ ଗଢ଼ି ତୋଳି ଅକ୍ଳାନ୍ତ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଦୃଢ଼ମନା ହୋଇ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ରୂପେ ସମାଜରେ ନିଜର ଉଦାହରଣ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ନିଜ ଜୀବନର ଉଦାହରଣ ଦେଇ ଛାତ୍ର ସମାଜକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୀବନୀ ସମ୍ବନ୍ଧରେ ଆଲୋକପାତ କରି ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତର କର୍ଣ୍ଣଧାର ରୂପେ ଅଭିହିତ କରି ସମାଜର ବିକାଶରେ ନିଜକୁ ଉତ୍ସର୍ଗ କରିବାକୁ ଉପଦେଶ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଓ ବିଶିଷ୍ଟ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ଗୀତା ଦାସଙ୍କୁ "ପ୍ରାଣନାଥ ସଙ୍ଗୀତ ସମ୍ମାନ ୨୦୨୪"ରେ ସମ୍ମାନୀତ କରାଯାଇ ମାନପତ୍ର ଟ୍ରଫି ଓ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଶ୍ରୀମତୀ ଦାସ ନିଜର ସୁମଧୁର କଣ୍ଠ ସଙ୍ଗୀତ ମାଧ୍ୟମରେ ଦର୍ଶକଙ୍କୁ ବିମୋହିତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ବିନୋଦିନି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆନ୍ତଃ ମହାବିଦ୍ୟାଳୟ ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ଼.ପ୍ରଣବ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲା ବେଳେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ଏହି ଉତ୍ସବରେ ସଂଯୋଜନା ତଥା ପରିଚାଳନା କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ମହିଳା , ଅଧ୍ୟାପକ ଅଧ୍ୟାପିକା, ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ ।


# ପ୍ରଭୁଶ୍ରୀ ଇଂରାଜୀ ମିଡ଼ିଅମ୍ ବିଦ୍ୟାଳୟକୁ ସଫଳତା

**ପୁରୀ, ୧୬।୧୧ (ସଂଚାର ବ୍ୟୁରୋ) :** ପୁରୀର ପ୍ରଭୁଶ୍ରୀ ଇଂରାଜୀ ମିଡ଼ିଅମ୍ ବିଦ୍ୟାଳୟକୁ ସଫଳତା ମିଳିଛି । ମିଳିଥିବା ସୂଚନା ମୁତାବକ, ଭାରତ ସରକାରଙ୍କ ନିର୍ଦ୍ଦେଶ ଏବଂ ଇଣ୍ଡିଆନ ଇନଷ୍ଟଚ୍ୟୁଟ ଅଫ ଟେକ୍ନୋଲୋଜି ଭୁବନେଶ୍ୱର'ର ସଂଗଠିତ ଅନୁକୁଲ୍ୟରେ ଅନୁକରଣୀୟ ମିଳିତ ଜାତିସଂଘରେ ଅଂଶ ଗ୍ରହଣ ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ହିମାଂଶୁ ଭୂଷଣ ଦୂବେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶିକ୍ଷଣୀୟ ହେବା ସହିତ ବର୍ତ୍ତମାନର ସମୟରେ ଛାତ୍ରଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରେରକ ମଧ୍ୟ ହୋଇଥିଲେ।



ଏହି ସମାରୋହରେ ଓଡ଼ିଶାର ପ୍ରମୁଖ ଶିକ୍ଷା ଅନୁଷ୍ଠାନ ମାନଙ୍କରୁ ଅନେକ ପ୍ରତିଭାଶାଳୀ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇ ନିଜର ମନ୍ତବ୍ୟ ପ୍ରକାଶ କରିଥିଲେ। ସେଥି ମଧ୍ୟରୁ ପୁରୀ ମାଳତୀପାଟପୁର ସ୍ଥିତ ପ୍ରଭୁଶ୍ରୀ ଇଂରାଜୀ ମିଡ଼ିଅମ୍ ବିଦ୍ୟାଳୟର ଯୁକ୍ତ ଦୁଇ କଳା ଏବଂ ବିଜ୍ଞାନ ଛାତ୍ର ଛାତ୍ରୀ ମାନେ ଉଚ୍ଚ-କୋଟୀର ଅବଦାନ ପାଇଁ ବିଚାରପତି ଏବଂ ଆୟୋଜକ ମାନଙ୍କର ଅତୀବ ଶ୍ରଦ୍ଧାର ପାତ୍ର ବିବେଚିତ ହୋଇଥିଲେ। ଉଲ୍ଲେଖୀୟ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରେ ଷ୍ଟୁଡେଣ୍ଟ ଜିମଖାନା ଏବଂ ମେଟାଲଜି ବିଭାଗର ଅଧ୍ୟାପକ ଡକ୍ଟର କୋଦଣ୍ଡ ରାମ ମାର୍ଙ୍ଗପୁଡି ସାମାଜିକ ଓ ସାଂସ୍କୃତିକ ବିଭାଗର ମୁଖ୍ୟ ଉପଦେଷ୍ଟା ଡକ୍ଟର ଶୁଭ୍ରଦୀପ ମଲ୍ଲିକ କାର୍ଯ୍ୟକାରୀ ବିଭାଗର ମୁଖ୍ୟ ରୋହନ ରାଓ ନିଶାନ୍ତ ଦାଶ ଆଦିତ୍ୟ ରଥ ସୁହାନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଶାରଳାଙ୍କ ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ



**ନାଉଗାଁ, ୧୬।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାହାଟସ୍ଥିତ ମା'ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ମା'ଶାରଳା ଷୋଡଶ ଉପଚାର ପୂଜା ଓ ବିଶ୍ୱାଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ଶୁକ୍ରବାର ପରିଷଦ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇ ଝଙ୍କଡସ୍ଥିତ ମା'ଶାରଳାଙ୍କ ପୀଠରୁ ଆଜ୍ଞାମାଳା ଅଣାଯାଇଥିଲା। ଆଜ୍ଞାମାଳା ଅଣାଯିବା ପରେ ଶନିବାର କଳସ ଶୋଭାଯାତ୍ରା କରାଯାଇଥିଲା। ଉକ୍ତ ମହୋତ୍ସବକୁ ଶାଳିଜଙ୍ଗା ମହିମା ଆଶ୍ରମର ବାବା ଗଦାଧର ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ୧୦ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ପୂଜାରେ ପ୍ରତ୍ୟେକ ଦିନ ଯଥା ରୀତି ପୂର୍ବକ ପୂଜାର୍ଚ୍ଚନା କରାଯିବା ସହିତ ସଂଧ୍ୟାରେ ବରେଣ୍ୟ ସାଧୁସନ୍ଥଙ୍କ ଦ୍ୱାରା ଅଧ୍ୟାତ୍ମିକ ଧର୍ମସଭା ଅନୁଷ୍ଠିତ ହେବ। ସେହିପରି ପୂଜା ମଣ୍ଡପରେ ମା'ଶାରଳାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯିବା ସହ ବିଭିନ୍ନ ରଙ୍ଗବେରଙ୍ଗର ଫୁଲ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ମା'ଙ୍କର ଏହି ପୂଜାକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରେ ବହୁ ଶ୍ରଦ୍ଧାଳୁଙ୍କର ଭିଡ ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମକୁ ପରିଷଦର ସଭାପତି ପଦ୍ମଚରଣ ସାସମଲଙ୍କ ସମେତ ଅନ୍ୟ ସଦସ୍ୟ ବୃନ୍ଦ ପରିଚାଳନା କରୁଛନ୍ତି।

# ଚୌଦ୍ୱାରରେ ଜାତୀୟ ପ୍ରେସ ଦିବସ

**ଟାଙ୍ଗୀ-ଚୌଦ୍ୱାର, ୧୬।୧୧ (ସଂଚାର ବ୍ୟୁରୋ) :** ଚୌଦ୍ୱାର ଯାତ୍ରାପଡ଼ିଆସ୍ଥିତ ବିଦ୍ୟାର୍ଥୀ ଶିକ୍ଷାନିକେତନରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ସାମ୍ବାଦିକ ସଂଘ ଟାଙ୍ଗୀ-ଚୌଦ୍ୱାର ଶାଖା ଆନୁକୂଲ୍ୟରେ ଆୟୋଜିତ ତଥା ଟାଙ୍ଗୀ-ଚୌଦ୍ୱାର ଶାଖା ସଭାପତି ବିମଳ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବଦିକ ସଂଘର ରାଜ୍ୟ ଉପସଭାପତି ଡ.ରମଣୀ ରଞ୍ଜନ ଦାସ, ପୌରଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ଅତିଥି ଭାବେ କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।




ସାମ୍ବାଦିକ ପ୍ରକାଶ କୁମାର ନାୟକ, ଅଜିତ କୁମାର ସ୍ୱାଇଁ, ବବିତା ବେଉରା, ରଞ୍ଜନ କୁମାର ସ୍ୱାଇଁ, ମଳୟ କୁମାର ଷଡଙ୍ଗୀ, କାହ୍ନୁ ଚରଣ ବେହେରା, ପିୟୁଷ ପ୍ରିୟଦର୍ଶିନୀ, ମନୋଜ କୁମାର ବାରିକ, ମୀନା ଚୌଧୁରୀ, ଭାସ୍କର ପ୍ରଧାନ, ମଧୁସ୍ମିତା ତ୍ରିପାଠୀ ପ୍ରମୁଖ ପ୍ରେସ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା କରିଥିଲେ। ପବିତ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକର କଲମ ବନ୍ଦ ହେଲେ ଅଚଳ ହୋଇଯିବ ସରକାର

**ଉତ୍କଳ ସାମ୍ବାଦିକ ସଂଘ ଓ ମିଡିଆଫୋରମ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ**

**ବାଲିଆପାଳ, ୧୬।୧୧ (ସଂଚାର ବ୍ୟୁରୋ) :** ଦେଶରେ ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ସାମ୍ବାଦିକଟିଏ ଆଜି ଅଲୋଡା ପାଲଟିଛି। ସରକାରୀ ସ୍ତରରେ ଦୁର୍ନିତିକୁ ରୋକିବା ପାଇଁ ସାମ୍ବାଦିକର କଲମ ମାଧ୍ୟମ ପାଲଟିଛି। ମାଓପ୍ରବଣ ଅଞ୍ଚଳରେ ସାମ୍ବାଦିକ ଛାତିରେ ଗୁଳି ଖାଉଛି। ଅସହାୟ ଲୋକର ସ୍ୱର ପାଲଟିଛି ସାମ୍ବାଦିକ। ଯେଉଁ ଦିନ ସାମ୍ବାଦିକର କଲମ ମୁନବନ୍ଦ ହୋଇଯିବ ସେ ଦିନ ସରକାର ଅଚଳ ହୋଇଯିବ। ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ ସାଜି ସମାଜରେ ଘଟୁଥିବା ଦୁର୍ନିତୀ, ଅନ୍ୟାୟ, ଅନିତି, ଭ୍ରଷ୍ଟାଚାର ବିରୋଧରେ ତାଙ୍କର କଲମ ମୁନକୁ ଶସାଣିତକରି ଜନସାଧାରଣଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଉତ୍କଳ ସାମ୍ବାଦିକ ସଂଘ, ବାଲେଶ୍ୱର ଓ ମିଡିଆ ଫୋରମ ପକ୍ଷରୁ ଅନୁଷ୍ଠିତ ଜାତୀୟ ପ୍ରେସ ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନୀ ଜେନା ମତବ୍ୟକ୍ତ କରିଛନ୍ତି।




ମୁଖ୍ୟବକ୍ତା ଭାବରେ ଅଧ୍ୟାପକ କେଦାର ନାଥ ମହାନ୍ତି ସାମ୍ବାଦିକମାନେ ସେମାନଙ୍କ ଲେଖନୀ ମୁନରେ ଏବଂ ସେମାନଙ୍କ ଜୀବନଚର୍ଯ୍ୟାରେ ଚରିତ୍ର ସଂସ୍କାର ଏବଂ ଭାରତୀୟତା ପ୍ରତିଫଳିତ ହୁଏ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବରେ ସେଇଠୁ ଆରମ୍ଭ ଖବର କାଗଜର ସମ୍ପାଦକ ଶୁଭେନ୍ଦୁ ଦାସ ଯୋଗଦେଇ ନିରେପକ୍ଷ ସାମ୍ବାଦିକତା ଓ ସାମ୍ବାଦିକଙ୍କ ସୁରକ୍ଷା ଉପରେ ଗୁରୁତାଆରୋପ କରି ମତବ୍ୟକ୍ତ କରିଛନ୍ତି। ବ୍ଲକଛକସ୍ଥିତ ଶୁଭମ ଗେଷ୍ଟ ହାଉସ ପରିସରରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମିଡିଆ ଫୋରମର ସଭାପତି ତଥା ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱରର ସାଧାରଣ ସଂପାଦକ ପ୍ରତାପ କୁମାର ପାତ୍ର ପୌରହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ମିଡିଆ ଫୋରମର ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ ସଭାକାର୍ଯ୍ୟ ପ୍ରାରମ୍ଭରେ ମିଡିଆ ଫୋରମର ଉପଦେଷ୍ଟା ବ୍ୟୋମକେଶ ସାହୁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସଦସ୍ୟ ହାଡିବନ୍ଧୁ ରାଉତ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ତାରାକାନ୍ତ ଜେନା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକର ୧୩ ଜଣ ବରିଷ୍ଠ ସାମ୍ବାଦିକଙ୍କୁ ସ୍ୱର୍ଗତ ପ୍ରଣବ ସାହୁ ସ୍ମୃତି ପ୍ରତିଭା ସମ୍ମାନରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

ସେହିପରି ବାଲିଆପାଳ ବ୍ଲକର ଚଳିତ ବର୍ଷ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ୭ ଜଣ ଛାତ୍ରଛାତ୍ରୀଙ୍କୁ ମିଡିଆ ଫୋରମ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ବାଲିଆପାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଘାଯତୀନ ସ୍ମୃତିପରିଷଦକୁ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକର ବିଶିଷ୍ଟ ଚାଷୀ ମନ୍ମଥ ପାତ୍ରଙ୍କୁ ଶ୍ରେଷ୍ଠ ଚାଷୀ ସମ୍ମାନରେ ସମ୍ମାନୀତ କରଯାଇଥିବା ବେଳେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତୀକ୍ଷା ଦେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଆପାଳର ବିଶିଷ୍ଟ ସମାଜସେବୀ ସଞ୍ଜୟ କୁମାର ଦେଙ୍କୁ ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ମିଡିଆ ଫୋରମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ସାମ୍ବାଦିକ ଏବଂ ବାଲିଆପାଳ ବ୍ଲକର ବିଭିନ୍ନ ସଂଗଠନରୁ ଆମନ୍ତ୍ରିତ ହୋଇ ଆସିଥିବା ଅତିଥି ମାନଙ୍କ ଦ୍ୱାରା ସାଂପ୍ରତିକ ସମାଜରେ ସାମ୍ବାଦିକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମିଡିଆ ଫୋରମର ଉପଦେଷ୍ଟା ବ୍ୟୋମକେଶ ସାହୁ ସଂଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକରୁ ଉତ୍କଳ ସାମ୍ବାଦିକ ସଂଘର ୨୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇଥିବା ବେଳେ ମିଡିଆଫୋରମ ପକ୍ଷରୁ ସମସ୍ତଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଏନଏନଏସ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଏହି ଅବସରରେ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଗୀତିକାରକ ରମାନାଥ କର ଜଗନ୍ନାଥ ଭଜନ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଆପାଳ ଅଞ୍ଚଳର ବିଭିନ୍ନ ସଂଗଠନର ୫୦୦ରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଫୋରମର ସଂପାଦକ ଅଜିତ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ମିଡିଆ ଫୋରମର ବରିଷ୍ଠ ସଦସ୍ୟ କୋଷାଧ୍ୟକ୍ଷ ସାଗର ପଟ୍ଟନାୟକ, ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଂନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜନୈତିକ ଶତ୍ରୁତାରୁ ବାପଝିଅଙ୍କୁ ସଂଘବଦ୍ଧ ଆକ୍ରମଣ, ଭିଡିଓ ଭାଇରାଲ



**ଯାଜପୁର, ୧୬।୧୧ (ସଂଚାର ବ୍ୟୁରୋ) :** ପୂର୍ବ ରାଜନୈତିକ ଶତ୍ରୁତା ଏବଂ ଗ୍ରାମରେ ଏକ ଠାକୁର ଘର ନିର୍ମାଣ ଓ ଉଦ୍‌ଘାଟନକୁ କେନ୍ଦ୍ର କରି ଗୋଟିଏ ପରିବାରକୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଯାଜପୁର ସଦର ଥାନା ଉପର ବରୁହାଁ ପଞ୍ଚାୟତ କଚେରୀ ଗାଁରେ ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର କରି ପୂର୍ବରୁ ସମସ୍ୟା ରହିଥିଲା। ତେବେ ଗତକାଲି ଏହାର ଉଦ୍‌ଘାଟନ ଉତ୍ସବ ହୋଇଥିଲେ। କିନ୍ତୁ ରାଜନୈତିକ ସଂପୃକ୍ତିକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠିର ସଦସ୍ୟ ଓ ତାଙ୍କ ପରିବାର ଲୋକକୁ ୧୦ରୁ ୧୫ ଜଣ ବିରୋଧୀ ଗୋଷ୍ଠୀର ସଦସ୍ୟ ସଂଘବଦ୍ଧ ଆକ୍ରମଣ କରିଥିଲେ। ଯାହାକି ଭିଡିଓ ଏବେ ଭାଇରାଲ ହୋଇଛି। ଅନ୍ୟ ପଟେ ଏହି ଆକ୍ରମଣରେ ଉଦୟ ମଲ୍ଲିକ(୪୦) ଓ ତାଙ୍କ ଝିଅ ଦୀପାସା ମଲ୍ଲିକ(୧୫) ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛି। ଘଟଣାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରହିଛି।

## ଦହିବରା ଦୋକାନୀକୁ ବଟି ପାଇଁ ମାଡ ମାରି ଜଣେ ଗିରଫ

**ଅନୁଗୁଳ, ୧୬।୧୧ (ସଂଚାର ବ୍ୟୁରୋ) :** ଅନୁଗୁଳ ଟାଉନ୍ ଥାନା ଅଧୀନ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଜଣେ ଦହିବରା ବେପାରୀ ଦାଦାବଟି ନଦେବାରୁ ମାରଣାସ୍ତ୍ରରେ ଆକ୍ରମଣର ଶିକାର ହୋଇଥିଲେ । ସୂଚନା ଅନୁସାରେ, ରାଧାରମଣପଡ଼ାର ପବିତ୍ର ସାହୁଙ୍କ ପୁଅ ତ୍ରିନାଥ ସାହୁ ଆଜକୁ ଚାରିବର୍ଷ ହେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଦହିବରା ବେପାର କରନ୍ତି। ୧୧ ତାରିଖ ଦିନ ବାରଟା ବେଳେ ପ୍ରଗତିନଗର ଅଞ୍ଚଳର ସମୀର ଦାସ ନାମକ ଜଣେ ଯୁବକ ତ୍ରିନାଥଙ୍କୁ ଦାଦା ବଟି ମାଗିଥିଲେ। ତ୍ରିନାଥ ଦାଦାବଟି ଦେବାକୁ ବାରଣ କରିଥିଲେ। ଯାହା ଫଳରେ ପ୍ରଥମେ ତ୍ରିନାଥ ଏବଂ ସମୀରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସମୀର ଉତକ୍ଷିପ୍ତ ହୋଇ ନିକଟରେ ଥିବା ଏକ ଗୁପଚୁପ ଦୋକାନୀଙ୍କ ଠାରୁ ଧାରୁଆ ଛୁରୀ ଆଣି ତ୍ରିନାଥଙ୍କୁ ମାରିବା ପାଇଁ ଗୋଡ଼ାଇ ଥିଲେ। ଏପରିକି ତ୍ରିନାଥଙ୍କ ଦୋକାନ ସମୀର ଭାଙ୍ଗି ଦେଇଥିଲା । ତ୍ରିନାଥ ଭୟଭୀତ ହୋଇ ପୁଲିସକୁ ଯୋଗାଯୋଗ କରିଥିଲେ । ଟାଉନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ଏ ପଟେ ଘଟଣା ସ୍ଥଳରୁ ସମୀର ଫେରାର ହୋଇ ଯାଇଥିଲା। ଏ ନେଇ ତ୍ରିନାଥଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଘଟଣାର ତଦନ୍ତ କରି ସମୀରକୁ ଗିରଫ କରିଛି। ଅନୁଗୁଳ ଥାନା ଅଧିକାରୀ ଧୀରେଶ ଦାସଙ୍କ କହିବା କଥା ସମୀର ଦାଦାବଟି ପାଇଁ ପବିତ୍ରଙ୍କୁ ଧମକାଇବା ସହ ପବିତ୍ର ନିକଟରୁ ୪୦୦୦ ଟଙ୍କା ନେଇ ଯାଇଥିବା ସ୍ୱୀକାର କରିଛି। ତାକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ଦିବ୍ୟାଙ୍ଗ ମହିଳାଙ୍କ ହାତ ଗୋଡ ବାନ୍ଧି ହତ୍ୟା ଘଟଣାରେ ଯୁବକ ଗିରଫ

**ବାଲେଶ୍ୱର, ୧୬।୧୧ (ସଂଚାର ବ୍ୟୁରୋ) :** ସିନ୍ଧୁରୀ ଠାରେ ବୟସ୍କା ମହିଳା ସରସ୍ୱତୀ ମହାରଣାଙ୍କ ହତ୍ୟା ଘଟଣାର ଜଣେ ଯୁବକଙ୍କୁ ପୋଲିସ୍ ଗିରଫ କରିଛି। ଏ ନେଇ ଆଜି ସନ୍ଧ୍ୟା ୭ଟା ସମୟରେ ଜିଲ୍ଲା ପୋଲିସ କାର୍ଯ୍ୟାଳୟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ ଡି ପି ଓ ଡ.ଶଶାଙ୍କ ଶେଖର ବେଉରା ହତ୍ୟା ଘଟଣା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଗତ ୧୪ ତାରିଖ ସନ୍ଧ୍ୟାରେ ସିନ୍ଧୁରୀ ଠାରେ ଏକ ଭଗ୍ନ ଘର ମଧ୍ୟରେ ସରସ୍ୱତୀ ମହାରଣା ନାମକ ବୟସ୍କା ଦିବ୍ୟାଙ୍ଗ ମହିଳାଙ୍କୁ ହତ୍ୟା କରାଯାଇ ଥିବା ନେଇ ଇଶାଣିର ସୁଶାନ୍ତ ଶତପଥୀ ସଦର ଥାନାକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ସଦର ଥାନା ପୋଲିସ ପହଞ୍ଚିଥିଲେ। ମହିଳାଙ୍କ ହାତ ଗୋଡ ବନ୍ଧା ହୋଇଥିବା ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ଏ ସଂପର୍କରେ ପୋଲିସ ୪୫୯/୨୦୨୪ ମୂଳେ ମାମଲା ରୁଜୁ କରି ତଦନ୍ତ ଚଳାଇ ଥିଲା। ପୋଲିସ ତଦନ୍ତରେ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିଥିଲା।ଗିରଫ ଯୁବକ ହେଲେ ମୃତ ମହିଳାଙ୍କ ଜ୍ୱାଇଁର ସାନ ଭାଇ ତଥା ଗୋପାଳପୁର ଥାନା କଲ୍ୟାଣୀ ଅଞ୍ଚଳର ବାପୁନ୍ ଓରଫ ବିଶ୍ୱମ୍ବର ଜେନା।ଘଟଣା ଦିନ ବାପୁନ୍ ମହିଳାଙ୍କ ବାଡି ଘର ସଫା କରିବା ପାଇଁ ଆସିଥିଲେ। ମହିଳାଙ୍କ ଠାରୁ ଗୁଣ୍ଡି ମାଗି ଖାଇବା ବେଳେ ମହିଳାଙ୍କ ପାଖରେ ଟଙ୍କା ଥିବାର ଦେଖିବାକୁ ପାଇଥିଲା। କାମ ସାରି ଅଧିକ ଟଙ୍କା ମାଗିବାରୁ ମହିଳା ଟଙ୍କା ନଦେବାରୁ ଅଭିଯୁକ୍ତ ବାପୁନ୍ ବୟସ୍କା ମହିଳାଙ୍କ ଗୋଡ ହାତକୁ ବାନ୍ଧି ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ନେଇ ଏସଡିପିଓ ଶ୍ରୀ ବେଉରା ସୂଚନା ଦେଇଛନ୍ତି।



# ଯୁବଶକ୍ତି ଓ ସୃଜନଶୀଳତା ଭାରତକୁ ନୂଆ ଉଚ୍ଚତାକୁ ନେବ

- ଜାତୀୟ ଶିକ୍ଷା ନୀତି ଆମ ଯୁବପିଢ଼ିଙ୍କୁ ଭାରତୀୟ ମୂଲ୍ୟବୋଧ ସହ ଯୋଡ଼ିବ
- ବୋଡୋଲ୍ୟାଣ୍ଡ ମହୋତ୍ସବ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଅନ୍ୟତମ ପ୍ରତୀକ
- ବୋଡ଼ୋଲ୍ୟାଣ୍ଡ ଆମ ସଭ୍ୟତାର ଶକ୍ତି, ଅନନ୍ୟ ସଂସ୍କୃତି ଏବଂ ଜ୍ଞାନ ପରମ୍ପରାର ପ୍ରତିଚ୍ଛବି



**ନୂଆଦିଲ୍ଲୀ/ଗୁରୁଗ୍ରାମ,୧୬।୧୧ (ଏଜେନ୍ସି):** ବିକଶିତ ଭାରତ ଗଠନରେ ଯୁବକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଶକ୍ତି ଏବଂ ସୃଜନଶୀଳତା ଭାରତକୁ ନୂତନ ଉଚ୍ଚତାକୁ ନେବାର ସାମର୍ଥ୍ୟ ରଖିଛି ବୋଲି ଶନିବାର ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲ୍ୟାଣ୍ଡ୍ ମହୋତ୍ସବ ଏବଂ ହରିୟାଣା ଗୁରୁଗାଁଓ ସ୍ଥିତ ଏସଜିଟି ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମ ବିବିଭା ୨୦୨୪ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତୀୟ ଶିକ୍ଷଣମଣ୍ଡଳର ଯୁବକମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଯୁବପିଢ଼ି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅଂଶଗ୍ରହଣ ଦ୍ୱାରା ଦେଶକୁ ଆତ୍ମନିର୍ଭରଶୀଳ ଏବଂ ବିଶ୍ୱ ନେତୃତ୍ୱ ଆଡକୁ ନେଇପାରିବେ। ଜାତୀୟ ଶିକ୍ଷା ନୀତି- ୨୦୨୦ ଏ ଦିଗରେ ଏକ ଐତିହାସିକ ପଦକ୍ଷେପ। ଏହି ନୀତି ମାଧ୍ୟମରେ ଯୋଗ, ବ୍ୟବହାରିକ ଜ୍ଞାନ ଏବଂ ନୈତିକ ଶିକ୍ଷାକୁ ପୁନରୁଦ୍ଧାର କରାଯାଉଛି। ଏହି ନୀତି କେବଳ ଆଧୁନିକ ଆବଶ୍ୟକତାକୁ ପୂରଣ କରିବ ନାହିଁ ବରଂ ଯୁବପିଢ଼ିଙ୍କୁ ଭାରତୀୟ ମୂଲ୍ୟବୋଧ ଏବଂ ବିଚାର ସହିତ ଯୋଡ଼ିବ। ବିବିଭା ୨୦୨୪ ଭଳି କାର୍ଯ୍ୟକ୍ରମ ଦେଶ ନିର୍ମାଣର ଏହି ମିଶନରେ ଯୁବକମାନଙ୍କୁ ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲ୍ୟାଣ୍ଡ୍ ମହୋତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଏହି ଅନନ୍ୟ ଉତ୍ସବ ଦିଲ୍ଲୀରେ ଆୟୋଜନ ହେବା ଖୁସିର ବିଷୟ। ବୋଡୋଲ୍ୟାଣ୍ଡ ମହୋତ୍ସବ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଅନ୍ୟତମ ପ୍ରତୀକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ବୋଡୋଲାଣ୍ଡ ଅଞ୍ଚଳର ସାମଗ୍ରିକ କାଶ ଏକ ସର୍ବୋଚ୍ଚ ପ୍ରାଥମିକତା। ବୋଡ଼ୋ ଭାଷାକୁ ପ୍ରୋତ୍ସାହିତ ଓ ଲୋକପ୍ରିୟ କରିବା ସହିତ ବିଟିଆରର ବୋଡୋ ଛାତ୍ରଛାତ୍ରୀ, ଆଦିବାସୀ ସମ୍ପ୍ରଦାୟର ଲାଭ ପାଇଁ ଏହାକୁ ଶିକ୍ଷାର ମାଧ୍ୟମ କରିବା ମଧ୍ୟ ଏକ ପ୍ରତିଶ୍ରୁତି । ବିଟିଆରର ବିକାଶ ଓ ବୋଡ଼ୋ ଭାଷା ସାହିତ୍ୟର ପ୍ରଚାର ପାଇଁ ଏକାଠି କାମ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ୨୦୨୯ ସୁଦ୍ଧା ୧୦୦ ଲୋକ ଥିବା ଗ୍ରାମକୁ ରାସ୍ତା

- ପୁରୁଣା ରାସ୍ତା ମରାମତି ପାଇଁ ଗଠନ ହେବ କର୍ପସ୍ ପାଣ୍ଠି
- ୫୦ ବର୍ଷକୁ ଦୃଷ୍ଟିରେ ରଖି ନୀତି ପ୍ରଣୟନକୁ ଗୁରୁତ୍ୱ
- ବିନା ଅନୁମତିରେ ରାସ୍ତା ଖୋଳିଲେ ଜରିମାନା



**ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ):** ଗମନାଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଲୋକସେବା ଭବନରେ ଶନିବାର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଜାତୀୟ ରାଜପଥ, ରାଜ୍ୟ ରାଜପଥକୁ ମିଶାଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ବିଭିନ୍ନ ମହାନଗର ନିଗମ ଅଧୀନରେ ଅନେକ ରାସ୍ତା ରହିଛି। ଅନେକ ସମୟରେ ସମନ୍ୱୟ ଅଭାବ ଯୋଗୁଁ ରାସ୍ତା ନିର୍ମାଣ ଓ ମରାମତି ନେଇ ସମସ୍ୟା ଉପୁଜୁଛି। ତେଣୁ ଏହାର ନିରାକରଣ ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏକ ରାସ୍ତାନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଉନ୍ନୟନ କମିଶନର ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗ ଇଆଇସି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନୀତି ପ୍ରଣୟନ ନେଇ ଆଲୋଚନା ହୋଇଥିଲା। ରାସ୍ତାଗୁଡ଼ିକର ସ୍ଥିତି ନେଇ ଏକ ଡାଟାବେସ୍ ପ୍ରସ୍ତୁତି, ଟ୍ରାଫିକ୍ ସମସ୍ୟାର ସମାଧାନ ନେଇ ରୋଡ୍‌ମ୍ୟାପ୍, ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ମରାମତି, ସେତୁ ନିର୍ମାଣ, ଘରୋଇ ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ଦୃଷ୍ଟିଦେଇ ନୀତି ପ୍ରଣୟନ ଉପରେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ପ୍ଲାଷ୍ଟିକ୍ ଭଳି ବର୍ଜ୍ୟବସ୍ତୁକୁ ବ୍ୟବହାର କରି ରାସ୍ତା ନିର୍ମାଣ, କମ୍ କଞ୍ଚାମାଲର ବ୍ୟବହାର କରି ରାସ୍ତା ନିର୍ମାଣ, ନିର୍ମାଣର ଗୁଣବତ୍ତା ସହ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର କର୍ପସ୍ ପାଣ୍ଠି ଗଠନ ଉପରେ ଆଲୋଚନା ହୋଇଥିଲା। ଅନେକ ସମୟରେ ରାସ୍ତାରେ କେବୁଲ ବିଛାଇବା, ଡ୍ରେନ୍ ତଥା ସ୍ୱେରେଜ୍ ନିର୍ମାଣ ପାଇଁ ବିଭିନ୍ନ ସଂସ୍ଥା ସରକାରଙ୍କ ବିନା ଅନୁମତିରେ ରାସ୍ତାଗୁଡ଼ିକୁ ଖୋଳି ଦେଉଛନ୍ତି । ଏହାର ନିରାକରଣ ପାଇଁ ଉକ୍ତ ସଂସ୍ଥା ବିରୋଧରେ ଜରିମାନା ଲାଗୁ କରିବାକୁ ନୀତିରେ ଉଲ୍ଲେଖ ରହିବ। ଉତ୍ତମ ମାନବସମ୍ବଳ ଅଭାବ ପୂରଣ ଓ ଆଧୁନିକ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ୨୦୨୯ ସୁଦ୍ଧା ୧୦୦ ଜନସଂଖ୍ୟାବିଶିଷ୍ଟ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣକୁ ସୁନିଶ୍ଚିତ କରିବା ପାଇଁ ଯୋଜନା ପ୍ରସ୍ତୁତି ଲାଗି ନିଷ୍ପତ୍ତି ହୋଇଥିଲା ।

### ଜିଲ୍ଲାପରିଷଦ ସଭ୍ୟଙ୍କୁ ଦୁର୍ବ୍ୟବହାର

## ଅମିନ ସସ୍‌ପେଣ୍ଡ, ତହସିଲଦାରଙ୍କୁ ନୋଟିସ

**ସମ୍ବଲପୁର,୧୬।୧୧ (ସଂଚାର ବ୍ୟୁରୋ):** ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନଙ୍କୁ ଦୁର୍ବ୍ୟବହାର ମାମଲାରେ ରେଢ଼ାଖୋଲ ତହସିଲର ଅମିନ ତଥା ରେକର୍ଡ କିପର କୁଳମଣି ନାଏକଙ୍କୁ ନିଲମ୍ବନ କରିଛନ୍ତି ସମ୍ବଲପୁର ଜିଲ୍ଲାପାଳ। ନିଲମ୍ବନ ଅବଧି ସମୟରେ ତାଙ୍କୁ ରେଢ଼ାଖୋଲ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ତହସିଲଦାର ଦେବାଶିଷ ପାତ୍ର ମଧ୍ୟ ସଂପୃକ୍ତ ଥିବା ଅଭିଯୋଗ ହୋଇଥିବାରୁ ତାଙ୍କୁ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ପ୍ରଧାନଙ୍କୁ ତହସିଲଦାର ଓ ଅମିନ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆସିବା ପରେ ସମ୍ବଲପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରେଢ଼ାଖୋଲ ଉପ-ଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେଇଥିଲେ। ବିଭିନ୍ନ ପକ୍ଷର ବୟାନ ଓ ସିସିଟିଭି ଫୁଟେଜ ଆଧାରରେ ଉପ-ଜିଲ୍ଲାପାଳ ତାଙ୍କ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରିଥିଲେ। ରିପୋର୍ଟ ଆଧାରରେ ଜିଲ୍ଲାପାଳ ଅମିନ କୁଳମଣି ନାଏକଙ୍କୁ ନିଲମ୍ବନ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ଏହି ଘଟଣା ଘଟିଥିଲା। ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ ତହସିଲଦାରଙ୍କୁ ଭେଟିବାକୁ ତାଙ୍କ ଚ୍ୟାମ୍ବରକୁ ଯାଇଥିବା ବେଳେ ତହସିଲଦାର ତାଙ୍କୁ ଦୁର୍ବ୍ୟବହାର କରିଥିବା ବେଳେ ଅମିନ କୁଳମଣି ନାଏକ ମଧ୍ୟ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା।

## ଟଳିଲେ ୫ ନକ୍ସଲ

**ମାଲକାନଗିରି, ୧୬।୧୧ (ସଂଚାର ବ୍ୟୁରୋ)::** ଛତିଶଗଡ଼ର କାଂକେର ଜିଲ୍ଲାରେ ପୁନର୍ବାର ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏକ ବଡ଼ଧରଣର ଗୁଳିବିନିମୟ ଘଟିଛି। ଏଥିରେ ୫ ଜଣ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ବେଳେ ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରାଯାଇଛି। ବସ୍ତର ଆଇଜି ପି ସୁନ୍ଦରରାଜ କହିଛନ୍ତି, କଂକେର ଏବଂ ନାରାୟଣପୁର ଜିଲ୍ଲା ସୀମା ମାଡ଼ ଜଙ୍ଗଲରେ ମାଓ କ୍ୟାମ୍ପ ଚାଲୁଥିବା ଗୋଇନ୍ଦା ସୂଚନା ପାଇ ପୁଲିସ ପକ୍ଷରୁ କମ୍ବିଂ ଅପରେସନ୍ ଆରମ୍ଭ କରାଯାଇଥିଲା। ଡିଆରଜି, ଏସଟିଏଫ୍ ଓ ବିଏସଏଫ୍ ଯବାନ ମିଳିତଭାବେ ଅପରେସନ୍ ଚଳାଇଥିଲେ। ସୁରକ୍ଷା ବାହିନୀ ଚାରି ଦିଗରୁ ନକ୍ସଲମାନଙ୍କୁ ଘେରି ଯାଇଥିଲେ। ଉଭୟ ପାର୍ଶ୍ୱରୁ ଲଗାତାର ଗୁଳି ବିନିମୟ ହୋଇଥିଲା। ଯବାନ ୫ ଜଣ ନକ୍ସଲଙ୍କୁ ମାରିଥିବା ବେଳେ ୨ ଯବାନ ମଧ୍ୟ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ରାୟପୁରକୁ ଏୟାରଲିଫ୍ଟ କରାଯାଇଛି।

## ଏସ୍‌ସିବିରେ ପ୍ରଥମ ହୃତପିଣ୍ଡ ପ୍ରତିରୋପଣ

- ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ




**କଟକ,୧୬।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାବାସୀଙ୍କୁ ଉନ୍ନତ ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । କଟକର ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ହୃତପିଣ୍ଡ ପ୍ରତିରୋପଣ ପାଇଁ ଶନିବାରୁ ରୋଗୀଙ୍କ ସ୍କ୍ରିନିଂ ପ୍ରକ୍ରିୟା ଚାଲିଛି। ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନରେ ଯାଇ ହୃତପିଣ୍ଡ ପ୍ରତିରୋପଣ ହେବାକୁ ଥିବା ପ୍ରଥମ ରୋଗୀଙ୍କ ସହ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି ଏବଂ ଚିକିତ୍ସକମାନଙ୍କ ସହ ଏ ସମ୍ପର୍କରେ ବିଷଦ ଆଲୋଚନା କରିଛନ୍ତି । ଏହା ସହ ହୃତପିଣ୍ଡ ପ୍ରତିରୋପଣର ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

### ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ

# ଗଣମାଧ୍ୟମ ସମାଜକୁ ଦିଗଦର୍ଶନ ଦେଉ





**ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ ଶନିବାର ପୂର୍ବାହ୍ନରେ ଜୟଦେବ ଭବନ ଏବଂ ଲୋକସମ୍ପର୍କ ଭବନ ଠାରେ ସମାରୋହରେ ପାଳିତ ହୋଇଯାଇଅଛି। ପୂର୍ବାହ୍ନ ୧୦ଟାରେ ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏବଂ ପେପର ମ୍ୟାନ ଇଣ୍ଡିଆ ଶଶାଙ୍କ ଶେଖର ଦାଶଙ୍କ ସହଯୋଗରେ ସର୍ବପୁରାତନ, ପୁରାତନ ଓ ନୂତନ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବିଦେଶୀ ଖବର କାଗଜ, ମାଗଜିନ ପ୍ରଦର୍ଶନୀକୁ ସୂଚନା ଓ ଲୋକ ସଂପର୍କ ବିଭାଗ ସଚିବ ସଂଜୟ କୁମାର ସିଂହ ମୁଖ୍ୟ ଅତିଥି ଭାବେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଗଣମାଧ୍ୟମ କଣ୍ଠ ମୁକ୍ତ ହୋଇ କାର୍ଯ୍ୟ କରି ସମାଜକୁ ଦିଗଦର୍ଶନ ଦେବାପାଇଁ ଶ୍ରୀ ସିଂହ ପରାମର୍ଶ ଦେବାସହ ସାମ୍ବାଦିକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

ସୂଚନା ଓ ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମାଲଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କହିଲେ, ଗଣମାଧ୍ୟମର ସ୍ୱାଧୀନତା ଜନସାଧାରଣଙ୍କ ଚେତନାକୁ ଜାଗ୍ରତ କରାଇ ଥାଏ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ କହିଲେ, ଗଣମାଧ୍ୟମ ବିପଥଗାମୀ ନହୋଇ ସତ୍ୟ ସାମ୍ବାଦ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସାମ୍ବାଦିକତା ଓ ଗଣ ଯୋଗାଯୋଗରେ କୃତିତ୍ୱ ଅର୍ଜନ କରିଥିବା ଲିପ୍ସିତା ପରିଡା, ରେଶମା ନାଏକ, ଜ୍ୟୋତିର୍ମୟୀ ମିଶ୍ର ଓ ଚାର୍‌ମିନ ଗଣ୍ଡବା 'ଚେଞ୍ଜିଙ୍ଗ ନେଚର ଅଫ ପ୍ରେସ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଶ୍ରୀ ସାମଲ କହିଲେ, ଗଣତନ୍ତ୍ରରେ ଲୋକମାନଙ୍କର ଲୋକମାନଙ୍କଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଶାସନ ବ୍ୟବସ୍ଥାକୁ ବୁଝାଏ। ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାରେ ୬ କୃତୀ ପ୍ରତିଯୋଗୀ ଲିପ୍ସିତା ପରିଡା, ରେଶମା ନାଏକ, ବର୍ଷା ନାଏକ, ଜ୍ୟୋତିର୍ମୟୀ ମିଶ୍ର, ଚାର୍‌ମିନ ଟି ଗଣ୍ଡବା ଏବଂ ଆହାନା ମାଜିଙ୍କୁ ପୁରସ୍କୃତ କରାଯାଇଥିଲା। ସାମ୍ବାଦପତ୍ର ପ୍ରଦର୍ଶନୀରେ ସହଯୋଗ କରିଥିବା ଶଶାଙ୍କ ଶେଖର ଦାଶ 'ପେପରମ୍ୟାନ ଇଣ୍ଡିଆ'ଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଟ୍ରଫି ଓ ଶାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ସଂଯୋଜନା କରିଥିବା ବେଳେ ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର ନାଥ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଗୁରବୀର ସିଂ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପଶାସନ ସଚିବ ସେକ କଲାମୁଦ୍ଦିନ, ସହକାରୀ ଅର୍ଥ ପରାମର୍ଶଦାତା ତଥା ଅନୁଶାସନ ସଚିବ ପୃଥ୍ୱୀରାଜ ପାଣି, ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର, ସନତ ମିଶ୍ର, ଭୁବନେଶ୍ୱର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଭୋଳଙ୍କ ନରସିଂହ ରୂପ

### ଏଥର ସିଧା ଡିସ୍‌ମିସ୍



**ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ):** ଓଡ଼ିଆରେ ଏକ କଥା ଅଛି, ବାଡ଼ ଯଦି ଫସଲ ଖାଇବ, ଦୋଷ ଦେବା କାହାକୁ? ଅବକାରୀ ବିଭାଗରେ ଏବେ ସମାନ ଅବସ୍ଥା। ଜଗୁଥିବା ଲୋକ ଚୋରିରେ ବ୍ୟସ୍ତ। ଅବକାରୀ ବିଭାଗରେ ମାଳମାଲ ମାଫିଆ କର୍ମଚାରୀ। କଥାଟି ଅଡୁଆ ଲାଗୁଥିବ। କିନ୍ତୁ ଏହା ସତ। କିଏ ଚୋରା ମଦ କାରବାର କରୁଛି ତ ଆଉ କିଏ ଗଞ୍ଜେଇ ମାଫିଆଙ୍କ ସୁରକ୍ଷା କବଚ ପାଲଟିଛି। କାହା ନାମରେ ଏକାଧିକ ମଦ କାଉଣ୍ଟର ତ ଆଉ କିଏ ଜବତ ହୋଇଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ନେଇ ବିକ୍ରି କରି ଦେଉଛି। ଏପରି ଅଫିସର ମଧ୍ୟ ଅଛନ୍ତି, ଯେଉଁମାନେ ଧଳା ଜହର ବେପାରୀଙ୍କ ଠାରୁ ମାସିକ ଚାନ୍ଦା ନେଉଛନ୍ତି। ଯାହାକୁ ନେଇ ବିଭାଗ ତ ବଦନାମ ହେଉଛି, ସେପଟେ ଚାହିଁଲେ ମଧ୍ୟ ରାଜ୍ୟରେ ଚୋରା ନିଶା କାରବାର ଉପରେ ଲାଗିପାରୁନି ରୋକ। ଏଭଳି ପ୍ରମାଣ ପାଇବା ପରେ ଆକ୍ସନ ମୋଡ୍‌କୁ ଆସିଛନ୍ତି ଅବକାରୀ କମିଶନର। ବିଭାଗରୁ ଆରମ୍ଭ ହୋଇଛି ସଫେଇ ଅଭିଯାନ। ବର୍ଷକ ମଧ୍ୟରେ ୮ କର୍ମଚାରୀଙ୍କୁ କଲେଣି ବହିଷ୍କାର। ଆଗକୁ ବହିଷ୍କାର ତାଲିକା ଆହୁରି ବଢିବ ବୋଲି ଚେତାବନୀ ଦେବା ସହ ଆଜି ବରିଷ୍ଠ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ମିଟିଂ କରିଛନ୍ତି ଅବକାରୀ କମିଶନର ଶ୍ରୀ ଭୋଳ।

ବାଲେଶ୍ୱର ଅବକାରୀ କନଷ୍ଟେବଲ ଭାବେ କାମ କରୁଥିବା ରାଜୀବ କୁମାର ଭଞ୍ଜ ଚୋରା ମଦ ବେପାରୀଙ୍କୁ ସାହାଯ୍ୟ କରିବା ସହ ଜିଲ୍ଲା ବାହାରକୁ ଦେଶୀ ଓ ବିଦେଶୀ ମଦ ଯୋଗାଣ କରୁଥିଲେ। ଏ ନେଇ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ସହ ପଦର ଅପବ୍ୟବହାର, ବର୍ଦ୍ଦିର ଦୁରୁପଯୋଗ ଓ ଚାକିରିର ମର୍ଯ୍ୟାଦାହାନି ନେଇ ବଳିଷ୍ଠ ପ୍ରମାଣ ମିଳିବା ପରେ ରାଜ୍ୟ କର୍ମଚାରୀ ସେବା ନିୟମ ୧୯୫୯ ଅନୁଯାୟୀ ତାଙ୍କୁ ବରଖାସ୍ତ କରିଛନ୍ତି। ଦୁର୍ନୀତିଖୋର ସାବଧାନ ନ ହେଲେ ଆଗକୁ ଏଭଳି ଅନୁଶାସନର ଖଣ୍ଡା ପଡ଼ିବ ବୋଲି ଚେତାଇ ଦେଇଛନ୍ତି କମିଶନର। ଅବକାରୀ ବାବୁଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ କିଛିଦିନ ତଳେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ ଜଏଣ୍ଟ କମିଶନର ରାମଚନ୍ଦ୍ର ମିଶ୍ର। ଚାକିରି କାଳ ଭିତରେ ବାବୁଙ୍କ ସମ୍ପତ୍ତି ୧୭୨ ପ୍ରତିଶତ ବଢିଥିଲା। ଚଢ଼ାଉରେ ବାବୁଙ୍କ ନାଁରେ ଥିବା ୫୨ ଟି ପ୍ଲଟ, ୬ ଟି ଫ୍ଲାଟ, ୨୩୦ ଗ୍ରାମ ସୁନା ଓ ୪୩ ଲକ୍ଷ ଟଙ୍କାର ଜମା ସଂପର୍କରେ ଜଣାପଡିଥିଲା। ଏଭଳି ଅନେକ ରାମଚନ୍ଦ୍ର ବର୍ତ୍ତମାନ ଗାଦି ମାଡି ବସିବା ସହ ନିଶା ଟଙ୍କାରେ ଟିଙ୍କ ହୋଇ ଯାଇଛନ୍ତି। ସେମାନଙ୍କୁ ଧରିବା ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅବକାରୀ କମିଶନରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି।

# ଓଡ଼ିଆ ଚିକିତ୍ସକ ରାମନାଥ ମିଶ୍ରଙ୍କୁ ଅନ୍ତର୍ଜାତୀୟ ସମ୍ମାନ



**ଭୁବନେଶ୍ୱର,୧୬।୧୧ (ସଂଚାର ବ୍ୟୁରୋ):** ଅନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହେଲେ ବିଶିଷ୍ଟ ଓଡ଼ିଆ ଚିକିତ୍ସକ ଡା. ରାମନାଥ ମିଶ୍ର। ସେ କିମ୍ସ ହସ୍ପିଟାଲ, ଭୁବନେଶ୍ୱରରେ କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି ବିଭାଗରେ ଏମେରିଟସ୍ ପ୍ରଫେସର ଭାବେ କାର୍ଯ୍ୟରତ ଏବଂ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସସ୍, ଲକ୍ଷ୍ନୌର ପୂର୍ବତନ ପ୍ରଫେସର ଏବଂ ବିଭାଗାଧ୍ୟକ୍ଷ ଡ. ରାମନାଥ ମିଶ୍ର ନଭେମ୍ବର ୧୫ ତାରିଖ ଦିନ 'ଆମେରିକାନ କଲେଜ୍ ଅଫ୍ ରୁମାଟୋଲୋଜି'ର ବାର୍ଷିକ ସମାବେଶରେ ମର୍ଯ୍ୟାଦାଜନକ ମାଷ୍ଟର୍ସ ସମ୍ମାନରେ ଭୂଷିତ ହୋଇଛନ୍ତି। ଏହି ପ୍ରତିଷ୍ଠିତ ସମ୍ମାନ ବିଶ୍ୱର ସୀମିତ ସଂଖ୍ୟକ ସେହି ରୁମାଟୋଲୋଜିଷ୍ଟମାନଙ୍କୁ ଦିଆଯାଇଥାଏ, ଯେଉଁମାନେ ରୁମାଟୋଲୋଜିରେ ଅସାଧାରଣ ଯୋଗଦାନ ଦେଇଥାଆନ୍ତି। ପ୍ରଫେସର ମିଶ୍ର ୧୯୭୭ ଓ ୧୯୮୨ରେ କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜରୁ ଏମବିବିଏସ୍ ପାସ୍ କରିଥିଲେ। ୧୯୮୬ରେ ଆର୍ଥ୍ରାଇଟିସ୍ ରିସର୍ଚ୍ଚ ନିଧିର ଫେଲୋସିପ୍ ଲାଭକରି ସେ ଲଣ୍ଡନର କେନେଡି ଇନଷ୍ଟିଚ୍ୟୁଟ୍ ଅଫ୍ ରୁମାଟୋଲୋଜିରେ ସାର୍ ପ୍ରଫେସର ଆର ଏନ ମେନିଙ୍କ ନିର୍ଦ୍ଦେଶନାରେ ଅଧ୍ୟୟନ କରିଥିଲେ। ଭାରତ ଫେରି ଲକ୍ଷ୍ନୌର ଏସ୍‌ଜିପିଜିଆଇରେ ନୂତନ ଭାବରେ ସ୍ଥାପିତ ଇମ୍ୟୁନୋଲୋଜି (ବର୍ତ୍ତମାନ କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ରୁମାଟୋଲୋଜି) ବିଭାଗରେ ଯୋଗ ଦେଇଥିଲେ ଓ ୨୦୧୯ରେ ଅବସର ନେଇଥିଲେ। ଆନ୍ତର୍ଜାତିକ ସମ୍ମାନ ପାଇଁ କିଟ୍ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଡା. ରାମନାଥ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିବେକ ସୁପରଫାଷ୍ଟ ଏକ୍ସପ୍ରେସରେ ନିଆଁ

**ଭଦ୍ରକ, ୧୬।୧୧ (ସଂଚାର ବ୍ୟୁରୋ):** ଡିବ୍ରୁଗଡ଼-କନ୍ୟାକୁମାରୀ ବିବେକ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନରେ ନିଆଁ ଲାଗିଛି। ସକାଳେ ଭଦ୍ରକର ରମ୍ବିଳା ନିକଟରେ ନିଆଁ ଲାଗିଥିଲା। ରେଲୱେ କର୍ମଚାରୀଙ୍କ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଛି। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ଏହା ଦିବ୍ରୁଗଡ଼ରୁ କନ୍ୟାକୁମାରୀ ଯାଉଥିଲା। ରାଣୀତାଲ ନିକଟରେ ଟ୍ରେନର ଏକ ବଗିରୁ ଧୂଆଁ ବାହାରୁଥିବା ଗେଟ୍ କିପର ଦେଖି ତୁରନ୍ତ ଷ୍ଟେସନ ମାଷ୍ଟରକୁ ଜଣାଇବା ସହ ଲୋକ ପାଇଲଟଙ୍କୁ ଜଣାଇଥିଲେ। ପରେ ରମ୍ବିଳା ନିକଟରେ ଟ୍ରେନଟି ଅଟକାଯାଇ ରେଲୱେ କର୍ମଚାରୀଙ୍କ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା। ବ୍ରେକ ବାଇଣ୍ଡିଂରୁ ଟ୍ରେନରେ ନିଆଁ ଲାଗିଥିବା ସୂଚନା ରହିଛି। ନିଆଁକୁ ଆୟତ୍ତ କରିବା ପରେ ନିର୍ଦ୍ଦିଷ୍ଟ ସମୟର ୨୦ ମିନିଟ୍ ବିଳମ୍ବରେ ଟ୍ରେନ ଛାଡ଼ିଥିଲା।

# ୫୬ବର୍ଷରେ ପାଦ ଥାପିଲା ଜଜାଙ୍ଗ ବୋଇତ ବନ୍ଦାଣ ଉତ୍ସବ

### କେନ୍ଦ୍ରାପଡ଼ାର ସର୍ବପୁରାତନ

### ଉଦୟନାଥ ବେହେରାଙ୍କୁ ମହେଶ କର ସ୍ମାରକୀ ପ୍ରଦାନ



**କେନ୍ଦ୍ରାପଡ଼ା,୧୬।୧୧(ସଂଚାର):** କେନ୍ଦ୍ରାପଡା ଜିଲ୍ଲାର ସର୍ବପୁରାତନ ତଥା ୫୬ ତମ ବୋଇତ ବନ୍ଦାଣ ଉତ୍ସବ ସ୍ଥାନୀୟ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗସ୍ଥିତ ଆଦର୍ଶ ଜେନା ପୋଖରୀରେ ଅନୁଷ୍ଠିତ ହୋଇଯାଇଛି। ସାଧବ ବେଶରେ ସଜ୍ଜିତ ୭ଜଣ କୁନି ପୁଅଙ୍କୁ ସାଧବାଣୀ ବେଶରେ ସଜ୍ଜିତ ୭ଜଣ କୁନି ଝିଅ ତଅପୋଇ ସହ ବନ୍ଦାପନା କରିଥିଲେ। ଏକ ସୁସଜ୍ଜିତ ବୋଇତରେ ସାଧବ ପୁଅମାନେ ପୋଖରୀରେ ପରିଭ୍ରମଣ କରିଥିଲେ।

ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ୨୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମିତିର କର୍ମକର୍ତ୍ତା ଲୋହିତ ମହାନ୍ତି, ସରୋଜକାନ୍ତ ସାହୁ ଓ ରାଜେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କପାଳେଶ୍ୱର ପଞ୍ଚାୟତ ସରପଞ୍ଚ କଳ୍ପନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତଟ ରେଳପଥର ପ୍ରାକ୍ତନ ଲୋକସମ୍ପର୍କ ଅଧିକାରୀ ନିରାକାର ଦାସ, ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି, ସମିତି ସଭାପତି ଚିନ୍ମୟ ପ୍ରସାଦ ବେହୁରା, ସମ୍ପାଦକ ଉମାଶଙ୍କର ଜେନା, ଅବନ୍ତୀ ବେହେରା, ଶ୍ରୀଧର ମହାନ୍ତି, କମଳାକାନ୍ତ ବେହେରା, ପ୍ରଦୀପ କୁମାର ସେଠୀ, ରଜନୀକାନ୍ତ ଦାସ, ରବୀନ୍ଦ୍ର ନାଥ ରଥ, ମୁକ୍ତାର ଖାଁ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୋଇତ ବନ୍ଦାଣ ଦେଖିବାକୁ ପୋଖରୀ ଚତୁଃପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

ଏହାପରେ ପୌରସଂସ୍ଥା ଟାଉନହଲ ପରିସରରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଆଲାସ୍କା ବିଶ୍ୱବିଦ୍ୟାଳୟ ଏମିରେଟସ୍ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଚଳଚ୍ଚିତ୍ର ତାରକା ତଥା ଚଳିତ ବର୍ଷର ତଅପୋଇ ସୁଶ୍ରୀ ନମ୍ରତା ଦାସ, କବି ନିରାକାର ଦାସ, ପ୍ରାଧ୍ୟାପକ ଅଜୟ ରାଉତ, ସମିତି ସଭାପତି ଚିନ୍ମୟ ପ୍ରସାଦ ବେହୁରା ପ୍ରମୁଖ ଯୋଗଦେଇ ଅତୀତ ନୌବାଣିଜ୍ୟ ପରମ୍ପରାରେ କେନ୍ଦ୍ରାପଡାର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ତୁଳସୀ ମହିଳା ମହାବିଦ୍ୟାଳୟରେ ହୋଇଥିବା ତର୍କ, ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ମେହେନ୍ଦୀ, ମୁରୁଜ, ଝୋଟି ଆଦି ପ୍ରତିଯୋଗିତାର ୭୨ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଡା. ସରୋଜକାନ୍ତ କାନୁନଗୋ ସ୍ମାରକୀ ଡା. ରମେଶ ଚନ୍ଦ୍ର ଦାସଙ୍କୁ, ଭାଗବତ ପ୍ରସାଦ ମହାନ୍ତି ସ୍ମାରକୀ ଆଇନଜୀବୀ ଉଷା ଦାସଙ୍କୁ, ନନ୍ଦିତା ବ୍ରହ୍ମା ସ୍ମାରକୀ ବିଧାୟିକା ସୋଫିଆ ଫିରଦୋସଙ୍କୁ, ଇନ୍ଦ୍ରମଣୀ ରାଉତ ସ୍ମାରକୀ ପ୍ରାକ୍ତନ ଶିକ୍ଷକ ସଚ୍ଚିଦାନନ୍ଦ ଦାସଙ୍କୁ, ଡା. ଅଲେଖ ଚନ୍ଦ୍ର ଦାସ ସ୍ମାରକୀ ସମାଜସେବୀ ଉଦୟନାଥ ବେହେରାଙ୍କୁ, ମହେଶ କର ସ୍ମାରକୀ ଚଳିତ ବର୍ଷର ଓସିଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ପ୍ରଜ୍ଞା ପାରଙ୍ଗମା, ପିନାକି ପାର୍ଥସାରଥୀ, ଶୈଳେନ୍ଦ୍ର କୁମାର ମହାନ୍ତି, ଇପ୍ସିତା ପ୍ରିୟଦର୍ଶିନୀ ଓ ଦିବ୍ୟଜ୍ୟୋତି ଜେନାଙ୍କୁ, ଦୋଳଗୋବିନ୍ଦ ଜେନା ସ୍ମାରକୀ ଯୁବ ଆଇନଜୀବୀ ମମତାମୟୀ ସାମଲ, ଦୃଷ୍ଟିହୀନ ସଙ୍ଗୀତ କଳାକାର ଉମାକାନ୍ତ ଦାସ ଓ ମଞ୍ଚ କଳାକାର ପ୍ରଭାତ କୁମାର ସିଂହଙ୍କୁ, ଗୟାଚାନ୍ଦ ଭୂୟାଁ ସ୍ମାରକୀ କବି ସରୋଜ ସାହୁଙ୍କୁ, ମୀନକେତନ ଦାସ ସ୍ମାରକୀ ଚଳଚ୍ଚିତ୍ର ତାରକା ନମ୍ରତା ଦାସଙ୍କୁ, ଶରତ ପ୍ରସାଦ ସିଂହ ସ୍ମାରକୀ ସଙ୍ଗୀତ ବିଶାରଦ ମନୋଜ କୁମାର ଦାସଙ୍କୁ ପ୍ରଦାନ କରାଯାଇଥିଲା। ସମିତି ସମ୍ପାଦକ ଉମାଶଙ୍କର ଜେନା ବାର୍ଷିକ ବିବରଣୀ ପାଠ, ଗୋଲକ ପଢିହାରୀ ଅତିଥି ପରିଚୟ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ୧୯୮୭ ମସିହାରୁ ସମିତିର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ମହେଶ କରଙ୍କ ନାମରେ ନାମିତ ମହେଶ କର ସ୍ମାରକୀ ଫଳକ ଖ୍ୟାତିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇ ଆସୁଛି। ପ୍ରାରମ୍ଭରେ ପଲ୍ଲିଶ୍ରୀ ମହିଳା ସମିତି, ସେଣ୍ଟ ଜାଭିୟର ହାଇସ୍କୁଲ ଓ ଶିବାୟ ଟ୍ୟୁଟୋରିଆଲର ପିଲାମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୁରଭି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପଟ୍ଟାମୁଣ୍ଡାଇର ଆଞ୍ଚଲ ତ୍ରିପାଠୀ ଓ ତାଙ୍କ କୋରିଓଗ୍ରାଫର ପ୍ରତାପ କୁମାର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରବି ନାରାୟଣ ମହାନ୍ତି, ସାମ୍ବାଦିକ ସୋମନାଥ ସାହୁ, ଦେବେନ୍ଦ୍ର କୁମାର ମହାନ୍ତି, ଲୋହିତ ମହାନ୍ତି, ରାଜେନ୍ଦ୍ର ମହାପାତ୍ର, କମଳାକାନ୍ତ ବେହେରା, ସୁବାଷ ଚନ୍ଦ୍ର ପାତ୍ର, ସରୋଜକାନ୍ତ ସାହୁ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ମିନତୀପ୍ରଭା ସ୍ୱାଇଁ, ପ୍ରଭାତୀ ଧଳ, ମୁକ୍ତାର ଖାଁ, ସ୍ୱପ୍ନାରାଣୀ ସିଂହ, ସୟଦ ଅବଦୁଲ ସତ୍ତାର, ଶରତ ଚନ୍ଦ୍ର ଧଳ, ପ୍ରମୋଦ ମହାପାତ୍ର, ଶ୍ରୀକାନ୍ତ ନାୟକ, ଶ୍ରୀଧର ମହାନ୍ତି, ବଳରାମ ଦାସ, ରଣଧୀର ଜେନା,ଲକ୍ଷ୍ମୀକାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଭାରତରେ ନିଜର ପୋର୍ଟଫୋଲିଓ ବିସ୍ତାର କରିଛି ଲେନୋଭୋ



**ଭୁବନେଶ୍ୱର, ୧୬।୧୧:** ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନୀ ଲେନୋଭୋ ପକ୍ଷରୁ ଲେନୋଭୋ କେ୧୧ ଟାବ୍‌ଲେଟ୍‌ର ଏକ ଅପ୍‌ଗ୍ରେଡେଡ୍ ଭର୍ସନ ଭାବେ ଭାରତରେ ଲେନୋଭୋ ଟାବ୍ କେ୧୧ (ଉନ୍ନତ ସଂସ୍କରଣ)ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହାକୁ ଉଦ୍ୟୋଗ ଓ ପେସାଦାର ଲୋକମାନଙ୍କ ବିବିଧ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି ଯାହା ଏକ ସୁଲଭ ମୂଲ୍ୟରେ କାର୍ଯ୍ୟଦକ୍ଷତା, ସୁରକ୍ଷା, ପରିଚାଳନା କ୍ଷମତା, ସ୍ଥାୟିତ୍ୱର ଏକ ଉନ୍ନତ ମିଶ୍ରଣ ପ୍ରଦାନ କରୁଛି। ଲେନୋଭୋ ଟାବ୍ କେ୧୧ (ଉନ୍ନତ ସଂସ୍କରଣ) ୨୨, ୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟ ସହ ଲୁନା ଗ୍ରେ କଲର୍‌ରେ ଉପଲବ୍ଧ ହେଉଛି ଏବଂ ଏହାକୁ ଲେନୋଭୋ ଡଟ୍ କମ୍‌ରେ କ୍ରୟ କରାଯାଇପାରିବ। ଏଥିରେ ୪୦୦ ନିଟ୍‌ସ ବ୍ରାଇଟନେସ୍ ଓ ୧୯୨୦x୧୨୦୦ ରିଜୋଲ୍ୟୁଶନ ଥିବା ଏକ ଆକର୍ଷଣୀୟ ୧୧ ଇଞ୍ଚ୍ ଏଲ୍‌ସିଡି ଡିସ୍‌ପ୍ଲେ ରହିଛି ଯାହା ଚମତ୍କାର ଭିଜୁଆଲ ପ୍ରଦାନ କରୁଛି। ଏହାର କ୍ୱାଡ୍ ସ୍ପିକର ଡଲ୍‌ବି ଅଟମୋସ ସହ ଉନ୍ନତ ହୋଇଛି ଯାହା ନିମଜ୍ଜିତ ସାଉଣ୍ଡ ପ୍ରଦାନ କରୁଛି, ଏହା ମଲ୍ଟିମିଡିଆ ଓ ବ୍ୟବସାୟିକ ଉପଯୋଗ ପାଇଁ ଉପଯୁକ୍ତ ଅଟେ। ଏକ ମିଡିଆଟେକ ହେଲିଓ ଜି୮୮ ପ୍ରୋସେସର, ୮ଜିବି ପର୍ଯ୍ୟନ୍ତ ରାମ୍ ଓ ୧୨୮ଜିବି ଷ୍ଟୋରେଜ (୧ ଟିବି ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିବ) ଦ୍ୱାରା ପରିଚାଳିତ ଏହି ଟାବ୍‌ଲେଟ୍ ସୁଗମ ମଲ୍ଟିଟାସ୍କିଙ୍ଗ ଓ ପର୍ଯ୍ୟାପ୍ତ ଷ୍ଟୋରେଜ ସୁନିଶ୍ଚିତ କରୁଛି। କେବଳ ୪୯୬ ଗ୍ରାମ ଓଜନ, ୭.୧୫ ଏମ୍‌ଏମ୍ ମୋଟେଇ ବିଶିଷ୍ଟ ଏବଂ ୱାଇଫାଇ, ବ୍ଲୁଟୁଥ୍ ୫.୧, ଏଲ୍‌ଟିଇ ଓ ଏକ ଫାଷ୍ଟ-ଚାର୍ଜିଙ୍ଗ ୭୦୪୦ ଏମ୍‌ଏଏଚ୍ ବ୍ୟାଟେରୀ ସହ ସୁସଜ୍ଜିତ ଏହି ଟାବ୍‌ଲେଟ୍ ପେସାଦାର ବ୍ୟକ୍ତିଙ୍କ ପାଇଁ ଏକ ଉପଯୁକ୍ତ ଭ୍ରମଣ ସାଥୀ ଅଟେ। ଏହି ଶୁଭାରମ୍ଭ ଅବସରରେ ଲେନୋଭୋ ଇଣ୍ଡିଆର ନିର୍ଦ୍ଦେଶକ ଓ କ୍ୟାଟେଗୋରୀ ହେଡ୍ ଆଶିଷ ସିକ୍କା କହିଛନ୍ତି, "ବିକଶିତ ଉପଭୋକ୍ତା ଚାହିଦାକୁ ଦୃଷ୍ଟିରେ ରଖି କେ୧୧ (ଉନ୍ନତ ସଂସ୍କରଣ) ଟାବ୍‌ଲେଟ୍‌କୁ ଆଜିର ଉଦ୍ୟୋଗ ଓ ପ୍ରଫେସନାଲଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପରିକଳ୍ପନା କରାଯାଇଛି, ଯାହା କାର୍ଯ୍ୟଦକ୍ଷତା, ସ୍ଥାୟିତ୍ୱ ଓ ପରିଚାଳନା କ୍ଷମତାର ଏକ ଉପଯୁକ୍ତ ମିଶ୍ରଣ ପ୍ରଦାନ କରୁଛି। ଏହାର ଉତ୍କୃଷ୍ଟ ଡିସ୍‌ପ୍ଲେ ଓ ଶକ୍ତିଶାଳୀ ପ୍ରୋସେସିଂ ଏହି ଟାବ୍‌ଲେଟକୁ ଗୋଟିଏ ଡିଭାଇସ୍‌ରେ ବିବିଧତା ଓ ଦକ୍ଷତାର ସନ୍ଧାନ କରୁଥିବା ବ୍ୟବସାୟ ଓ କର୍ମଚାରୀଙ୍କ ପାଇଁ ଏକ ଆଦର୍ଶ ବିକଳ୍ପରେ ପରିଣତ କରୁଛି।" ଏହାର ମଜବୁତ ପୋଟଫୋଲିଓକୁ ବିସ୍ତାର କରି ଲେନୋଭୋ ଭାରତରେ ଥିଙ୍କବୁକ୍ ୧୩ଏକ୍ସ ଜି୪ର ଲଞ୍ଚ୍ ଘୋଷଣା କରିଛି। ଥିଙ୍କବୁକ ୧୩ଏକ୍ସ ଜି୪ ୧୧୪, ୯୯୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଲେନୋଭୋ ଡଟ୍ କମ୍ ରେ ଉପଲବ୍ଧ ହେଉଛି। ଥିଙ୍କବୁକ୍ ୧୩ଏକ୍ସ ଜି୪କୁ ପାୱାର ଓ ପୋର୍ଟେବିଲିଟି ପାଇଁ ଡିଜାଇନ କରାଯାଇଛି, ଯାହା ବାଧାହୀନ ମଲ୍ଟିଟାସ୍କିଙ୍ଗ୍‌କୁ ସକ୍ଷମ କରୁଛି। କେବଳ ୧୧୬୦ ଗ୍ରାମ ଓଜନ ଓ ୧୨.୯ ଏମ୍‌ଏମ୍ ମୋଟେଇ ସହ ଏହା ପୋର୍ଟେବୁଲ ହେବା ସହ ଶକ୍ତିଶାଳୀ ଅଟେ, ଯେଉଁଥିରେ ଆଖିର ଆରାମ ପାଇଁ ଟିୟୁଭି ରେନ୍‌ଲ୍ୟାଣ୍ଡ-ସାର୍ଟିଫାଏଡ ଲୋ ବ୍ଲୁ ଲାଇଟ୍ ସହ ଏକ ୧୩.୫ ଇଞ୍ଚ୍ ୩:୨ ଡିସ୍‌ପ୍ଲେ ରହିଛି। ଏମ୍‌ଆଇଏଲ୍-ଏସ୍‌ଟିଡି-୮୧୦-ଏଚ୍ ଗ୍ରେଡ୍ ଟେଷ୍ଟ ଏଣ୍ଡ୍ୟୋରାନ୍ସ ଓ ୬୦ ସିସି ସ୍ପିଲ୍-ରେଜିଷ୍ଟାଂଟ କୀବୋର୍ଡ ସହ ଆସୁଛି ଏବଂ ଏକ ବର୍ଷର ବେସ୍ ୱାରେଂଟି ଦ୍ୱାରା ସମର୍ଥିତ ଅଟେ।

## ଏସିଆର ସବୁଠୁ ଦାମୀ ବ୍ରାଣ୍ଡ୍ ଆମ୍ବାସଡର ଅଲୁ ଅର୍ଜୁନ



**ନୂଆଦିଲ୍ଲୀ, ୧୬।୧୧:** ସାଉଥ ସୁପରଷ୍ଟାର ଅଲୁ ଅର୍ଜୁନ। ନିଜର ଅଭିନୟ ପାଇଁ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଛନ୍ତି। ୨୦୨୧ରେ ରିଲିଜ ହୋଇଥିବା ତାଙ୍କର ଚର୍ଚ୍ଚିତ ଫିଲ୍ମ 'ପୁଷ୍ପା' ତାଙ୍କର ଲୋକପ୍ରିୟତାକୁ ଏକ ନୂଆ ସ୍ତରକୁ ନେଇଛି। ଫିଲ୍ମରେ 'ପୁଷ୍ପା' ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନରେ ଏକ ଭିନ୍ନ ଛାପ ଛାଡ଼ିଛନ୍ତି ଅଲୁ ଅର୍ଜୁନ। ବୋଧ ହୁଏ ଏହି ସଫଳତା ତାଙ୍କୁ କରିଛି ଏସିଆର ସବୁଠୁ ଦାମୀ ଆମ୍ବାସଡର। ପ୍ରକୃତରେ ଚଳିତ ବର୍ଷ ଅଲୁ ଅର୍ଜୁନଙ୍କ 'ପୁଷ୍ପା-୨' ରିଲିଜ ହେବାକୁ ଯାଉଛି। ଯାହାକୁ ଦର୍ଶକ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଏମିତିରେ ବ୍ରାଣ୍ଡମାନେ ଅଲୁ ଅର୍ଜୁନଙ୍କ ସହ ବିଜ୍ଞାପନ ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ଫଳରେ ବିଜ୍ଞାପନ ମାର୍କେଟରେ ଅଲୁ ଅର୍ଜୁନଙ୍କ ଏବେ ସବୁଠୁ ଅଧିକ ଦାମୀ ଅଭିନେତା ହୋଇଛନ୍ତି। କେବଳ ଭାରତ ହିଁ ନୁହେଁ ବିଦେଶରେ ମଧ୍ୟ ତାଙ୍କର ଚାହିଦା ବଢ଼ିଛି। ନିକଟରେ ଅଲୁ ଅର୍ଜୁନ ଥମସ ଅପ୍‌ର ଆମ୍ବାସଡର ହୋଇଛନ୍ତି। ଆଉ ଏହା ସହ ହିଁ ସେ ଏସିଆର ସବୁଠୁ ଅଧିକ ଦାମୀ ଆମ୍ବାସଡର ହୋଇଛନ୍ତି। ସୂଚନାଥାଉକି, ଆସନ୍ତା ଡିସେମ୍ବର ୫ ତାରିଖରେ 'ପୁଷ୍ପା-୨' ରିଲିଜ ହେବ। ଏହି ସିନେମା ତେଲୁଗୁ, ହିନ୍ଦୀ, ତାମିଲ, ମଲୟାଲମ ଏବଂ କନ୍ନଡ଼ ଭାଷାରେ ପରଦାକୁ ଆସିବ। ଫିଲ୍ମରେ 'ପୁଷ୍ପା' ଭୂମିକାରେ ଅଲୁ ଅର୍ଜୁନଙ୍କ ବ୍ୟତୀତ ଶୀଭଲ୍ଲୀ ଭୂମିକାରେ ରଶ୍ମିକା ମନ୍ଦାନା, ଆଇପିଏସ ଭଓ୍ୱନ ସିଂହ ଶେଖାଓ୍ୱତ ଭୂମିକାରେ ଫହାଦ ଫାସିଲଙ୍କୁ ଦେଖିବାକୁ ମିଳିବ। ସେହିଭଳି ପ୍ରକାଶ ରାଜ, ଜଗପଥି ବାବୁ ଏବଂ ଅନସୂୟା ଭାରଦ୍ୱାଜଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ତେବେ 'ପୁଷ୍ପା' ସିନେମା ୩୫୦ କୋଟି ଟଙ୍କାର ବ୍ୟବସାୟର କରିଥିବାବେଳେ 'ପୁଷ୍ପା-୨' ମଧ୍ୟ ଭଲ ଆୟ କରିବା ନେଇ ଆକଳନ କରାଯାଉଛି।

## ଦୁର୍ବଳ ପାସ୍‌ୱାର୍ଡ ପାଇଁ ୧ ସେକେଣ୍ଡ୍‌ରେ ହୁଏ ହ୍ୟାକ୍

ନୂଆଦିଲ୍ଲୀ, ୧୬।୧୧: ନିଜ ଫୋନ୍, ଲାପ୍‌ଟପ୍, ଡେକ୍ସଟପ୍ କିମ୍ବା ଆକାଉଣ୍ଟ୍ ଇତ୍ୟାଦିକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ପାସ୍‌ୱାର୍ଡ ରଖିଥାନ୍ତି। ମାତ୍ର ଅଧିକାଂଶ ସମୟରେ ପାସ୍‌ୱାର୍ଡ ହ୍ୟାକ୍ ହେବା ଦ୍ୱାରା ବ୍ୟକ୍ତି ନାନା ସମସ୍ୟାର ସମ୍ମୁଖୀନ ବି ହୋଇଥାନ୍ତି। ତେବେ ପାସୱାର୍ଡ ଏପରି ହେବା ଦରକାର ଯାହା କେବେ ହ୍ୟାକ୍ ହୋଇପାରିବ ନାହିଁ। ମାତ୍ର ଆମ ଦେଶର ଅଧିକାଂଶ ଲୋକ ଏପରି ଏକ ପାସ୍‌ୱାର୍ଡ ରଖନ୍ତି ଯାହାକୁ ହ୍ୟାକ୍ କରିବା ଅତି ସହଜ ହୋଇଥାଏ। ତାହା ହେଉଛି '୧୨୩୪୫୬'। ଆପଣ ବି ନିଜର ଏପରି କିଛି ପାସୱାର୍ଡ ରଖିଛନ୍ତି କି? ତେବେ ହୋଇଯାଆନ୍ତୁ ସାବଧାନ। କାରଣ ଏହି ପାସ୍‌ୱାଡ୍ ହ୍ୟାକ୍ ହେବା ପାଇଁ ମାତ୍ର ୧ ସେକେଣ୍ଡ୍ ସମୟ ନେଇଥାଏ। ଅଧିକାଂଶ ଲୋକ ଏହି କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ପାସ୍‌ୱାର୍ଡ ଦେବାର ସମୟ ଆସିଲେ '୧୨୩୪୫୬' ମାରି ସେଟ୍ କରିଦିଅନ୍ତି। ମାତ୍ର ଏହି ପାସୱାର୍ଡ ବହୁତ ଦୁର୍ବଳ ହୋଇଥାଏ। ତାହା ପାସ୍‌ୱାର୍ଡ ଦେଇ ବି ନଦେବା ପରି ହୋଇଥାଏ। କିଛି ଲୋକ '୧୨୩୪୫୬' ଦେଉଥିବା ବେଳେ ଅଧିକାଂଶ ଲୋକ '୧୨୩୪୫' ବି ଦେଇଥାନ୍ତି। ମାତ୍ର ନିକଟରେ ଜଣାପଡ଼ିଛି ଯେ ସବୁଠାରୁ ଅଧିକ ଲୋକ '୧୨୩୪୫୬'କୁ ପାସ୍‌ୱାର୍ଡ ସେଟ୍ କରୁଛନ୍ତି। ଆପଣ ଏଭଳି ଭୁଲ୍ କରନ୍ତୁ ନାହିଁ। ଆପଣ ନିଜର ପାସ୍‌ୱାର୍ଡ ସେଟ୍ କରିବା ବେଳେ ନମ୍ବର, ଲେଟର ଓ ସ୍ପେସିଆଲ୍ କ୍ୟାରେକ୍ଟର ମିଶାଇକି ପାସ୍‌ୱାର୍ଡ ଦିଅନ୍ତୁ; ଯାହାକି ଅଧିକ ସୁରକ୍ଷିତ ରହିବ।

## ଚାନ୍ଦି ଭଣ୍ଡାରର ନୂତନ ଅଭିଯାନ



ଭୁବନେଶ୍ୱର,୧୬।୧୧: ରାଜ୍ୟର ଅଗ୍ରଣୀ ରୁପା ରିଟେଲ ଚେନ୍ 'ଚାନ୍ଦି ଭଣ୍ଡାର'ର ବହୁ ପ୍ରତୀକ୍ଷିତ ତଥା ନୂତନ ଅଭିଯାନ (କ୍ୟାମ୍ପେନ) 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବିବାହ ଋତୁ ଉପଲକ୍ଷେ ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନଗୁଡିକୁ ମଧ୍ୟ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଅପରପକ୍ଷରେ ବିବାହ ଏକ କାହାଣୀ, ବଧୂର ଅତି ପ୍ରିୟ ବିରାସତ, ବରର ଆଭୂଷଣ ଏବଂ ପରିବାରର ସମ୍ପତ୍ତି, ଯାହା ପିଢ଼ି ପରେ ପିଢ଼ିଙ୍କୁ ଯୋଡ଼ିଥାଏ। ପ୍ରତି ପିସ୍ ଗହଣା ଏକ ଦମ୍ପତିଙ୍କ ଯାତ୍ରାର ଅଂଶ ବିଶେଷ ପାଲଟିଥାଏ,ସେମାନଙ୍କ ପ୍ରତିଜ୍ଞା ତଥା ସେମାନେ ଏକତ୍ର ତିଆରି କରିଥିବା ସ୍ମୃତିଗୁଡ଼ିକର ଏହା ମୂକସାକ୍ଷୀ ହୋଇଥାଏ। ଏହି ବିବାହ ଋତୁରେ ଚାନ୍ଦି ଭଣ୍ଡାରର ନୂତନ କ୍ୟାମ୍ପେନ 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' ଜରିଆରେ ଉକ୍ତ ସ୍ୱତନ୍ତ୍ର ସଂଯୋଗଗୁଡ଼ିକୁ ପାଳନ କରୁଛି। ନିଜ ଯାତ୍ରାରେ ଚାନ୍ଦି ଭଣ୍ଡାରକୁ ସାମିଲ କରିଥିବା ବାସ୍ତବ ଦମ୍ପତିମାନଙ୍କୁ ନେଇ ଏହି କ୍ୟାମ୍ପେନ ପ୍ରସ୍ତୁତ ହୋଇଛି। ୱେଡିଂ ଷ୍ଟୋରିଜ୍ ମାଧ୍ୟମରେ ଚାନ୍ଦି ଭଣ୍ଡାର ଉକ୍ତ ମୁହୂର୍ତ୍ତକୁ ପାଳନ କରୁଛି,ଯାହାକି ବିବାହକୁ ପରିଭାଷିତ କରିଥାଏ। ଏହି ଅବସରରେ ଷ୍ଟୋର ପକ୍ଷରୁ ରୁପା ଗହଣା ଏବଂ ଆର୍ଟିଫାକ୍ଟର ଅନନ୍ୟ କଲେକ୍ସନ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଥିଲେ, ଆମର ସମସ୍ତ ଗହଣା ନିଜ ନିଜ କାଳଜୟୀ ଡିଜାଇନ ସହ ପ୍ରତି ବିବାହର ପ୍ରେମ, ପରମ୍ପରା ଏବଂ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିଥାଏ। ଏପରିକି ପିଢ଼ି ପରେ ପିଢି ସ୍ମୃତି ସାଇତି ରଖିବା ପାଇଁ ଆମ ଗହଣା ସର୍ବୋତ୍କୃଷ୍ଟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଚଳିତ ବିବାହ ଋତୁକୁ ପାଳନ କରିବାକୁ ଯାଇ ଚାନ୍ଦି ଭଣ୍ଡାର ଏକ ସୀମିତ ସମୟ ଅଫରର ଶୁଭାରମ୍ଭ କରିଛି। ଏହି ଅଫର ୨୦୨୪ ନଭେମ୍ବର ୧୫ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ସମସ୍ତ ଚାନ୍ଦି ଭଣ୍ଡାର ଷ୍ଟୋରରେ ଉପଲବ୍ଧ। ଏପରିକି ଏହା ଜରିଆରେ ଗ୍ରାହକ ଆମର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ଏବଂ କଳାକୃତିର ଗଢ଼ା ମଜୁରିରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଭିଯାନ ସହିତ ଆମେ ସେହି ସଂଯୋଗ ଏବଂ ପ୍ରକୃତ ଦମ୍ପତିଙ୍କ ପ୍ରାମାଣିକ ସୌନ୍ଦର୍ଯ୍ୟକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ମାଧ୍ୟମରେ ପ୍ରକୃତ ଉଦ୍ଦେଶ୍ୟ ହେଉଛି, ଚାନ୍ଦି ଭଣ୍ଡାରକୁ ନିଜ ଅର୍ଥପୂର୍ଣ୍ଣ ସେଲିବ୍ରେଶନରେ ସାମିଲ କରିଥିବା ବହୁ ମୂଲ୍ୟବାନ୍ ଗ୍ରାହକଙ୍କୁ କୃତଜ୍ଞତା ଜଣାଇବା। ଆମ ଅଳଙ୍କାର ଶୋଭାଠାରୁ ଅଧିକ-ଏହା ପରମ୍ପରାର ଏକ ଅଂଶ, ପ୍ରେମର ଅଭିବ୍ୟକ୍ତି ଏବଂ ଆମ ଗ୍ରାହକଙ୍କ ବିବାହ କାହାଣୀର ଏକ ଅଂଶ।

## ଏଆଇପିଏନ୍‌ବିଓଏର ୫ମ ବାର୍ଷିକ କ୍ରୀଡ଼ା ସମ୍ମିଳନୀ

ଭୁବନେଶ୍ୱର,୧୬।୧୧: ଅଲ ଇଣ୍ଡିଆ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଅଫିସର୍ସ ଆସୋସାଏଶନ (ଏଆଇପିଏନ୍‌ବିଓଏ)ର ୫ମ ବାର୍ଷିକ କ୍ରୀଡ଼ା ସମ୍ମିଳନୀ ଶୁକ୍ରବାର ସମ୍ବଲପୁରର ରେଲୱେ ୟାର୍ଡ ଗ୍ରାଉଣ୍ଡ୍‌ଠାରେ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୪ ନଭେମ୍ବର ୧୫ ରୁ ୧୭ ପର୍ଯ୍ୟନ୍ତ ହେବାକୁ ଥିବା ଏହି ୩ଦିନିଆ ସମ୍ମିଳନୀରେ ବ୍ୟାଙ୍କର ଭୁବନେଶ୍ୱର, କଟକ, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର ମଣ୍ଡଳର ଅଧିକାରୀମାନେ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସଭାରେ ଯୋଗ ଦେଇ ବ୍ୟାଙ୍କର ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ ମେହେର ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଆଲୋକ ରଞ୍ଜନ ସେନାପତି, ବାଲେଶ୍ୱର ମଣ୍ଡଳର ମଣ୍ଡଳ ମୁଖ୍ୟ ବିଶ୍ୱଜିତ ବିଶ୍ୱାଳଙ୍କ ସମେତ ବୈଲୋଚନ ସାହୁ ସହାୟକ ସାଧାରଣ ସମ୍ପାଦକ ତଥା ସର୍କଲ ସେକ୍ରେଟାରି ଭୁବନେଶ୍ୱର ଓଡ଼ିଶା, ଦୀପକ ପ୍ରଧାନ ସର୍କଲ ସେକ୍ରେଟାରି କଟକ, ଆକାଶ ଦାଶ ସର୍କଲ ସେକ୍ରେଟାରି ବାଲେଶ୍ୱର, ପି.ସନ୍ତୋଷ ପାତ୍ର ସର୍କଲ ସେକ୍ରେଟାରି ବ୍ରହ୍ମପୁର ଏବଂ ସୁନୀଲ କେର୍କେଟା ସର୍କଲ ସେକ୍ରେଟାରି ସମ୍ବଲପୁର ଏବଂ ବ୍ୟାଙ୍କର ବହୁ ସଂଖ୍ୟକ ଅଧିକାରୀ ଉପସ୍ଥିତ ଥିଲେ।

# ଏ ବର୍ଷ ୭.୨% ବଢ଼ିବ ଜିଡିପି, ଆର୍‌ବିଆଇ ଜାରି ରଖିପାରେ କଠୋର ମୁଦ୍ରାନୀତି

ନୂଆଦିଲ୍ଲୀ,୧୬/୧୧: ଚଳିତ ବର୍ଷ ଭାରତର ଅର୍ଥନୈତିକ ବିକାଶ ହାର ୭.୨% ରହିପାରେ। ଏଭଳି ଅନୁମାନ କରିଛି ରେଟିଙ୍ଗ୍ ଏଜେନ୍ସି ମୁଡିସ୍। ଏହା ପ୍ରକାଶ କରିଛି ଯେ, ଭାରତ ବର୍ତ୍ତମାନ ଉତ୍ତମ ସ୍ଥାନରେ ଅଛି। ଦେଶର ଅଭିବୃଦ୍ଧି ମଜଭୂତ ରହିଛି। ତେବେ ମୁଦ୍ରାସ୍ଫୀତି ରିସ୍କ ଯୋଗୁ ଚଳିତ ବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏହାର କଠୋର ମୁଦ୍ରାନୀତିକୁ ଜାରି ରଖିପାରେ ବୋଲି ମୁଡିସ୍ ଅନୁମାନ କରିଛି। ରେଟିଙ୍ଗ୍ ଏଜେନ୍ସି ଆହୁରି କହିଛି ଯେ, ସମ୍ପ୍ରତି ଭାରତରେ ମୁଦ୍ରାସ୍ଫୀତି ବଢ଼ୁଛି ସତ କିନ୍ତୁ ଅଧିକ ଉତ୍ପାଦନ ଏବଂ ଶସ୍ୟର ଉପଯୁକ୍ତ ବଫର ଷ୍ଟକ୍ ଯୋଗୁ ଆଗାମୀ ମାସଗୁଡ଼ିକରେ ଖାଦ୍ୟ ସାମଗ୍ରୀ ଦର ଖସିବ। ଏଥିସହିତ ମୁଦ୍ରାସ୍ଫୀତି ଆର୍‌ବିଆଇ ଦ୍ୱାରା ଧାର୍ଯ୍ୟ ସୀମା ତଳକୁ ଖସିଯିବ।




ପ୍ରକାଶଯୋଗ୍ୟ, ପନିପରିବା ଦର ବଢ଼ିବା ଫଳରେ ଚଳିତବର୍ଷ ଅକ୍ଟୋବର ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୧୪ ମାସର ସର୍ବୋଚ୍ଚ ସ୍ତର ୬.୨୧%କୁ ବୃଦ୍ଧି ପାଇଛି। ଏଥିସହିତ ମୁଦ୍ରାସ୍ଫୀତି ଆର୍‌ବିଆଇ ଦ୍ୱାରା ଧାର୍ଯ୍ୟ ୬% ସୀମାକୁ ପାର୍ କରିଛି। ଭୁ-ରାଜନୈତିକ ସମସ୍ୟା ଏବଂ ଜଳବାୟୁ ସମସ୍ୟା ଯୋଗୁ ମୁଦ୍ରାସ୍ଫୀତି ଚାପ ରହୁଛି। ଯଦିଓ ଆର୍‌ବିଆଇ ଏହାର ମୁଦ୍ରାନୀତି ଆଭିମୁଖ୍ୟକୁ ନିରପେକ୍ଷ ରଖିଛି ଏବଂ ସୁଧ ହାରକୁ ଅପରିବର୍ତ୍ତିତ ରଖିଆସୁଛି ଆଗକୁ ଏହା କଠୋର ମୁଦ୍ରାନୀତି ପଦକ୍ଷେପକୁ ଜାରି ରଖିପାରେ ବୋଲି ମୁଡିସ୍ ଅନୁମାନ କରିଛି। ଆସନ୍ତା ମାସ ଆର୍‌ବିଆଇର ମୁଦ୍ରାନୀତି ସମୀକ୍ଷା ବୈଠକ ହେବାକୁ ଯାଉଛି। ବର୍ତ୍ତମାନ ମୁଦ୍ରାସ୍ଫୀତି ଉଚ୍ଚ ଥିବାବେଳେ ସର୍ବୋଚ୍ଚ ବ୍ୟାଙ୍କ ଏହାର ପ୍ରମୁଖ ସୁଧ ହାର ରେପୋରେଟ୍‌ରେ ହ୍ରାସ କରି ନ ପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି। ନିଜର ଗ୍ଲୋବାଲ ମାକ୍ରୋ ଆଉଟ୍‌ଲୁକ୍ ୨୦୨୫-୨୬ରେ ଆମେରିକାଭିତ୍ତିକ ରେଟିଂ ଏଜେନ୍ସି ମୁଡିସ୍ ପ୍ରକାଶ କରିଛି ଯେ, ପାର୍ବଣ ଯୋଗୁ ବ୍ୟୟ ବୃଦ୍ଧି ଯୋଗୁ ଘରୋଇ ଚାହିଦା ବିଶେଷକରି ଗ୍ରାମାଞ୍ଚଳରେ ଚାହିଦା ବଢ଼ିପାରେ। ଅନ୍ୟପକ୍ଷରେ, କ୍ଷମତାର ସର୍ବୋଚ୍ଚ ବ୍ୟବହାର, ଉତ୍ତମ ବିଜ୍‌ନେସ୍ ସେଣ୍ଟିମେଣ୍ଟ ଏବଂ ଭିତ୍ତିଭୂମି ବ୍ୟୟ ଉପରେ ସରକାରଙ୍କ ପ୍ରାଥମିକତା ଦ୍ୱାରା ଘରୋଇ ନିବେଶ ତ୍ୱରାନ୍ୱିତ ହେବ। ପ୍ରକାଶଯୋଗ୍ୟ, ୨୦୨୪ର ଦ୍ୱିତୀୟ ତ୍ରୟମାସରେ ଦେଶର ବାସ୍ତବ ଜିଡିପି ବାର୍ଷିକ ଆଧାରରେ ୬.୭% ବୃଦ୍ଧି ପାଇଛି। ବିଶେଷ କରି ଘରୋଇ ଚାହିଦା ବଢ଼ିବା ସହିତ, ନିବେଶ ବୃଦ୍ଧି ଏବଂ ମଜଭୂତ ବିନିର୍ମାଣ ଗତିବିଧି ଯୋଗୁ ଏହା ସମ୍ଭବ ହୋଇଛି। ମାକ୍ରୋ-ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତୀୟ ଅର୍ଥନୀତି ଏବେ ଉତ୍ତମ ସ୍ଥାନରେ ଅଛି। ୨୦୨୪ରେ ଦେଶର ଅର୍ଥନୈତିକ ବିକାଶ ହାର ୭.୨% ରହିବ ଏବଂ ୨୦୨୫ରେ ଏହା ୬.୬% ରହିପାରେ। ୨୦୨୬ରେ ଭାରତ ୬.୫% ବଢ଼ିବ ବୋଲି ମୁଡିସ୍ ଏହାର ରିପୋର୍ଟରେ ପ୍ରକାଶ କରିଛି। ଦେଶର ଅର୍ଥନୈତିକ ମୂଳଦୂଆ ମଜଭୂତ ରହିଛି। ମଜଭୂତ କର୍ପୋରେଟ ଏବଂ ବ୍ୟାଙ୍କ ବାଲାନ୍ସ ସିଟ୍ ଓ ଦୃଢ଼ ବୈଦେଶିକ ମୁଦ୍ରା ଭଣ୍ଡାର ଦେଶର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭାବନାକୁ ବଢ଼ାଉଥିବା ମୁଡିସ୍ ପ୍ରକାଶ କରିଛି।

# ମହଙ୍ଗା ହେବ ମର୍ସିଡିଜ୍ ବେଞ୍ଜ କାର




ନୂଆଦିଲ୍ଲୀ ୧୬।୧୧: ଜର୍ମାନ ଲଗଜୁରୀ କାର କମ୍ପାନୀ ମର୍ସିଡିଜ୍-ବେଞ୍ଜ କହିଛି ଯେ ସେ ୧ ଜାନୁୟାରୀ ୨୦୨୫ରୁ ଭାରତରେ ନିଜର ସବୁ ଗାଡ଼ି ମୂଲ୍ୟରେ ୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବ। କମ୍ପାନୀ କହିଛି ଯେ ବ୍ୟୟ ବୃଦ୍ଧି, ମୁଦ୍ରାସ୍ପିତି ଚାପ ଓ ଉଚ୍ଚ ପରିଚାଳନା ବ୍ୟୟ କାରଣରୁ ଏହି ପଦକ୍ଷେପ ନେବାକୁ ପଡୁଛି। ମର୍ସିଡିଜ୍-ବେଞ୍ଜ ଇଣ୍ଡିଆ ବୟାନରେ କହିଛି ଯେ ଭାରତରେ ମର୍ସିଡିଜ୍-ବେଞ୍ଜ କାର ମୂଲ୍ୟ ଜିଏଲସି ପାଇଁ ୨ଲକ୍ଷ ଓ ଟପ ଏଣ୍ଡ ମର୍ସିଡିଜ ମେବ୍ୟାକ୍ ଏସ-୬୮୦ଲଗଜୁରି ଲିମୋସିନ ଲାଗି ୯ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବଢ଼ିଯିବ। ବୃଦ୍ଧିପାଉଥିବା ଇନପୁଟ୍ କଷ୍ଟ, ମୂଲ୍ୟ ବୃଦ୍ଧି ଓ ଉଚ୍ଚ ପରିଚାଳନା ବ୍ୟୟ ଯୋଗୁ ମର୍ସିଡିଜ-ବେଞ୍ଜ ଇଣ୍ଡିଆ ବିଜନେସ୍ ଅପରେସନ ଉପରେ ବେଶ୍ ଚାପ ପଡୁଛି। କମ୍ପାନୀ ଗତ ୩ ତ୍ରୈମାସିକରୁ ଅପରେସନ ମୂଲ୍ୟ ବୃଦ୍ଧିକୁ ସହି ଆସୁଛି। ମର୍ସିଡିଜ-ବେଞ୍ଜ ଇଣ୍ଡିଆ ମ୍ୟାନେଜିଂ ଡାଇରେକ୍ଟର ତଥା ସିଇଓ ସନ୍ତୋଷ ଆୟର କହିଛନ୍ତି ଯେ ଗତ ୩ ତ୍ରୈମାସିକରେ ଆମେ ଆମର ମୂଲ୍ୟ ଷ୍ଟ୍ରକଚର ଉପରେ ବଢୁଥିବା ଚାପକୁ ସାମ୍ନା କରିଆସୁଛୁ। ଏହା ମୁଖ୍ୟତଃ କଞ୍ଚାମାଲର ବଢୁଥିବା ମୂଲ୍ୟ, କମଡିଟିର ତଳଉପର ହେଉଥିବା ଦର, ଲଜିଷ୍ଟିକ୍ ଖର୍ଚ୍ଚରେ ହେଉଥିବା ବୃଦ୍ଧି ଓ ସର୍ବୋପରି ମୂଲ୍ୟ ବୃଦ୍ଧି ଯୋଗୁ ହେଉଛି। ସେ କହିଛନ୍ତି ଯେ ଆମେ ଆମର ଅପରେସନାଲ କଷ୍ଟକୁ ଅପ୍ଟିମାଇଜ କରି ହାୟର ଇଫିସେନ୍ସି ମାଧ୍ୟମରେ ଏହି ବ୍ୟୟଭାରକୁ ବହନ କରିଆସୁଛୁ। ହେଲେ ବର୍ତ୍ତମାନର ଚ୍ୟାଲେଞ୍ଜକୁ ଦେଖିଲେ ଓଭରଅଲ ଲାଭ ପ୍ରଭାବିତ ହେଉଛି। ଏଣୁ ବ୍ୟବସାୟର ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ଉତ୍ପାଦ ମୂଲ୍ୟରେ ସାମାନ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଆୟର କହିଛନ୍ତି ଯେ ଏହି ମୂଲ୍ୟ ସୁଧାର ସେହି ବାହନଗୁଡିକ ଉପରେ ଲାଗୁ ହେବ ଯାହା ବର୍ତ୍ତମାନ ଷ୍ଟକ୍ ରେ ନାହିଁ। ଏଣୁ ଏବେ ମହଜୁଦ ଗାଡ଼ି ଓ ଆଗାମୀ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୁକିଂ ନିମନ୍ତେ ପ୍ରାଇସ୍ ପ୍ରୋଟେକ୍ସନ ମିଳିବ। ମର୍ସିଡିଜ-ବେଞ୍ଜ ଇଣ୍ଡିଆ ଏବେ ଅନେକ ପ୍ରକାରର ଗାଡ଼ି ବିକ୍ରି କରୁଛନ୍ତି। ଯେଉଁଗୁଡିକର ମୂଲ୍ୟ ୪୫ଲକ୍ଷ ଟଙ୍କାରୁ ଆରମ୍ଭ କରି ୩.୬ କୋଟି ଟଙ୍କା ପର୍ଯ୍ୟନ୍ତ।

## ଦେଶରେ ୫୯ କୋଟି ଗେମର୍ସ, ୪୪% ମହିଳା

ନୂଆଦିଲ୍ଲୀ ୧୬।୧୧: ଭାରତରେ ଗେମିଂ ମାର୍କେଟ୍ ଲଗାତାର ବଡ଼ ହେବାରେ ଲାଗିଛି। ଏକ ରିପୋର୍ଟ ଅନୁସାରେ ବର୍ତ୍ତମାନ ସମୟରେ ଭାରତୀୟ ଗେମିଂ ବଜାର ୩.୮ ବିଲିୟନ୍ ଡଲାରରୁ ଅଧିକ ହୋଇଛି, ଯାହା ଭାରତୀୟ ମୁଦ୍ରାରେ ପ୍ରାୟ ୩୨ ହଜାର କୋଟି ଟଙ୍କା। ଆର୍ଥିକ ବର୍ଷ ୨୦୨୩ରେ ଇଣ୍ଡିଆନ ଗେମିଂ ଇଣ୍ଡଷ୍ଟ୍ରି ୩.୧ ବିଲିୟନ ଡଲାର ଥିଲା, ଯାହା ୨୩ ପ୍ରତିଶତ ବଢି ଆର୍ଥିକ ବର୍ଷ ୨୪ରେ ୩.୮ ବିଲିୟନ ଡଲାର ହୋଇଛି। ଏହାସହ ଆଗାମୀ ପାଞ୍ଚ ବର୍ଷରେ ଅର୍ଥାତ୍ ଆଥିକ ବର୍ଷ ୨୦୨୯ ସୁଦ୍ଧା ଭାରତୀୟ ଗେମିଂ ବଜାର ୯.୨ ବିଲିୟନ ଡଲାର ଅର୍ଥାତ୍ ୭୬ ହଜାର କୋଟି ଟଙ୍କା ପାର କରିବ। ଇଣ୍ଟରଆକ୍ଟିଭ ମିଡିଆ ଏବଂ ଗେମିଂ ଭେଞ୍ଚର କ୍ୟାପିଟଲ୍ ଫଣ୍ଡ ଲୁମିକାଇ ଷ୍ଟେଟ୍ ଅଫ୍ ଇଣ୍ଡିଆ ଇଣ୍ଟରଆକ୍ଟିଭ ମିଡିଆ ଆଣ୍ଡ ଗେମିଂ ରିପୋର୍ଟରେ ଏହି ଅନୁମାନ କରିଛି। ଅନଲାଇନ୍ ଗେମିଂ ଉପରେ ମୋଟ ଅଙ୍କର ଜିଏସଟି ଲାଗୁ କରାଯିବା ପରେ ବି ଏହା ବୃଦ୍ଧି ଉପରେ କୌଣସି ପ୍ରଭାବ ପଡ଼ି ନାହିଁ। ରିପୋର୍ଟରେ ଏହା ବି ଖୁଲାସା କରାଯାଇଛି ଯେ କେବଳ ବଡ଼ ସହରର ନୁହେଁ, ଛୋଟ ସହରରେ ମଧ୍ୟ ଗେମିଂକୁ ନେଇ କ୍ରେଜ୍ ବଢିବାକୁ ଲାଗିଛି। ରିପୋର୍ଟରେ କୁହାଯାଇଛି ଯେ ରିୟଲ ମନି ଗେମିଂ (ଆରଏମଜି) ପ୍ଲାଟଫର୍ମ ଦୁଇ କ୍ରିକେଟ୍ ୱାର୍ଲ୍ଡ କପ୍ ଏବଂ ଗୋଟିଏ ଆଇପିଏଲ୍ ଇଭେଣ୍ଟ ସମେତ ଲାଇଭ୍ ସ୍ପୋର୍ଟ୍ସ ସିଜିନ ଯୋଗୁଁ ନିଜ ରେଭେନ୍ୟୁରେ ୪୦୦ ମିଲିୟନ ଡଲାର ଯୋଡ଼ିଛି। ତେବେ ୨୮ ପ୍ରତିଶତ ଜିଏସଟି ଯୋଗୁଁ ରିୟଲ ଗେମିଂର ରେଭେନ୍ୟୁ ପ୍ରଭାବିତ ହୋଇଛି ଏବଂ ଲାଭ ମଧ୍ୟ କମ ହୋଇଛି। ଏଥିରେ କୁହାଯାଇଛି ଯେ କାଜୁଆଲ୍ ଏବଂ ହାଇପରକାଜୁଆଲ୍ ଗେମ୍ସରେ ଏହି-ଆପ ପରଚେଜିଂ ରେଭେନ୍ୟୁରେ ୧୦ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି। ଭାରତ ଏବେ ମୋବାଇଲ୍ ଗେମିଂ ଡାଉନଲୋଡ୍ ମାମଲାରେ ଦୁନିଆର ଦ୍ୱିତୀୟ ସବୁଠାରୁ ବଡ଼ ବଜାର। ଏହା ଆମେରିକା ଏବଂ ବ୍ରାଜିଲଠାରୁ ୩.୫ ଗୁଣା ବଡ଼। ଆର୍ଥିକ ବର୍ଷ ୨୪ରେ ୨.୩ କୋଟି ନୂଆ ଗେମର୍ସଙ୍କୁ ଯୋଡ଼ି ଭାରତୀୟ ଗେମିଂ ବଜାର ୫୯ କୋଟି ଗେମର୍ସଙ୍କ ସଂଖ୍ୟା ଛୁଇଁଛି। ଆର୍ଥିକ ବର୍ଷ ୨୪ରେ ୮୦ ଲକ୍ଷ ନୂଆ ପେଡ୍ ୟୁଜର୍ସ ଯୋଡ଼ି ହେବା ପରେ ମୋଟ ପେଡ୍ ୟୁଜର୍ସଙ୍କ ସଂଖ୍ୟା ୧୪.୮ କୋଟି ହୋଇଛି। ଭାରତରେ ଗେମର୍ସ ସପ୍ତାହରେ ହାରାହାରି ୧୦ରୁ ୧୩ ଘଣ୍ଟା ସମୟ ଦେଉଛନ୍ତି। ଗେମରେ ସମୟ ବିତାଯାଉଥିବା ହାରାହାରି ସାପ୍ତାହିକ ସମୟ ୩୦ ପ୍ରତିଶତ ବଢି ୧୦ ଘଣ୍ଟାରୁ ୧୩ ଘଣ୍ଟା ହୋଇଛି।

# ମାରୁତି ସୁଜୁକି ପକ୍ଷରୁ ନୂଆ ଡିଜାୟାର୍‌ର ବଜାର ପ୍ରବେଶ

ଭୁବନେଶ୍ୱର,୧୬।୧୧ : କମ୍ପାକ୍ଟ ସେଡାନ ସେଗ୍‌ମେଣ୍ଟ୍‌ରେ ଏକ ନୂଆ ବେଞ୍ଚମାର୍କ ସ୍ଥାପନ କରି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍) ପକ୍ଷରୁ ପେଟ୍ରୋଲ ଓ ଏସ୍-ସିଏନ୍‌ଜି ମଡେଲ ସହ ଆକର୍ଷଣୀୟ ନୂଆ ଡିଜୟାର୍‌ର ଶୁଭାରମ୍ଭ କରାଯାଇଛି। ମାରୁତି ସୁଜୁକିର ପୋର୍ଟଫୋଲିଓରେ ଅନ୍ୟତମ ସଫଳ ଓ ଆଇକୋନିକ୍ ବ୍ରାଣ୍ଡ ଭାବେ ଡିଜାୟାର୍ ଦେଶବ୍ୟାପୀ ୨୭ ଲକ୍ଷରୁ ଅଧିକ ଗ୍ରାହକଙ୍କ ବିଶ୍ୱାସ ଜିତିଛି। ଅଲ୍-ନ୍ୟୁ ଡିଜାୟାର୍ ବିଶ୍ୱର ଅନ୍ୟତମ ସର୍ବାଧିକ ଥର୍ମାଲ ଏଫିସିଏଂଟ୍ ଜେଡ୍-ସିରିଜ ୧.୨ ଏଲ୍ ଇଞ୍ଜିନ ଦ୍ୱାରା ପରିଚାଳିତ, ଯାହା ଏହାକୁ ଭାରତର ସବୁଠାରୁ ଇନ୍ଧନ-ଦକ୍ଷ ସେଡାନରେ ପରିଣତ କରୁଛି ଯାହାର ପେଟ୍ରୋଲ ଏମ୍‌ଟିରେ ୨୪.୭୯ କିମି/ଲିଟର ଏବଂ ଏସ୍-ସିଏନ୍‌ଜି ପାୱାରଟ୍ରେନ୍‌ସରେ ୩୩.୭୩ କିମି/କେଜିର ଇନ୍ଧନ ଦକ୍ଷତା ରହିଛି। ନୂଆ ଡିଜାୟାର୍‌ର ପ୍ରାରମ୍ଭିକ ମୂଲ୍ୟ ୬୭୯୦୦୦ ଟଙ୍କା (ଏକ୍ସ-ଶୋ'ରୁମ୍) ରହିଛି। ଏହା ନୂଆ ବିଳାସପୂର୍ଣ୍ଣ ଓ ଆରାମଦାୟକ ଇଂଟେରିୟର ୨୨.୮୬ ସିଏମ୍ (୯ଇଞ୍ଚ) ସ୍ମାର୍ଟପ୍ଲେ ପ୍ରୋ+ ଇନ୍‌ଫୋଟେନମେଣ୍ଟ ସିଷ୍ଟମ ସହ ଆର୍‌କେମିସ୍‌ର ସରାଉଣ୍ଡ ସେନ୍ସ ସହ ସୁସଜ୍ଜିତ ରହିଛି ଯାହା ୱାୟାରଲେସ୍ ଆପଲ କାର୍‌ପ୍ଲେ ଓ ଆଣ୍ଡ୍ରଏଡ୍ ଅଟୋଟିଏମ ମାଧ୍ୟମରେ ବାଧାମୁକ୍ତ କନେକ୍ଟିଭିଟି ପ୍ରଦାନ କରୁଛି। ଏଥିସହିତ ଏହା ୱାୟାରଲେସ୍ ସ୍ମାର୍ଟଫୋନ୍ ଚାର୍ଜର, ଟିପିଏମ୍‌ଏସ୍, ରିୟର ଫାଷ୍ଟ ଚାର୍ଜିଙ୍ଗ୍ ୟୁଏସ୍‌ବି ପୋର୍ଟ, ରିୟର ରିଡିଙ୍ଗ୍ ଲ୍ୟାମ୍ପ ଭଳି ଉତ୍ସାହଜନକ ନୂତନ ଫିଚରର ଅତିରିକ୍ତ ଶୃଙ୍ଖଳା ପ୍ରଦାନ କରୁଛି। ନୂଆ ଡିଜାୟାର୍‌ର ଉନ୍ମୋଚନ କରି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ହିସାଶି ତାକେଉଚି କହିଛନ୍ତି, "ମାରୁତି ସୁଜୁକି ଡିଜାୟର୍ ସେଡାନ ସେଗ୍‌ମେଣ୍ଟରେ ଉତ୍କର୍ଷତାର ଏକ ପ୍ରତୀକ ଭାବେ ନିଜର ସ୍ଥିତି ବଜାୟ ରଖିଛି ଏବଂ ବର୍ଷ ପରେ ବର୍ଷ ଭାରତର ସର୍ବାଧିକ ବିକ୍ରି ହେଉଥିବା ସେଡାନରେ ପରିଣତ ହେବା ପାଇଁ ଗ୍ରାହକଙ୍କ ଦ୍ୱାରା ଚୟନ କରାଯାଉଛି। ନୂଆ ଡିଜୟାର ଷ୍ଟାଇଲ, ପ୍ରଦର୍ଶନ, ଫିଚର ଓ ସୁରକ୍ଷା ଉପରେ ଗୁରୁତ୍ୱ ସହ ଏହାର ସ୍ଥାୟୀ ବିରାସତକୁ ପ୍ରଦର୍ଶିତ କରୁଛି। ଏହାର ଆଡ୍‌ଭାନ୍ସଡ୍ ଜେଡ୍-ସିରିଜ ଇଞ୍ଜିନ ଏହାକୁ ଭାରତର ସବୁଠାରୁ ଇନ୍ଧନ ଦକ୍ଷ ସେଡାନରେ ପରିଣତ କରିଛି।" ସେହିପରି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ମାର୍କେଟିଂ ଆଣ୍ଡ୍ ସେଲ୍‌ସ ବିଭାଗର ବରିଷ୍ଠ କାର୍ଯ୍ୟକାରୀ ଅଧିକାରୀ ପାର୍ଥୋ ବାନର୍ଜୀ କହିଛନ୍ତି, "୨୭ ଲକ୍ଷରୁ ଅଧିକ ଗ୍ରାହକଙ୍କ ଦ୍ୱାରା ବିଶ୍ୱାସ କରାଯାଉଥିବା ମାରୁତି ସୁଜୁକି ଡିଜାୟାର୍ ୨୦୦୮ରେ ଲଞ୍ଚ୍ ପରଠାରୁ ଏହାର ସେଗ୍‌ମେଣ୍ଟରେ ବେଷ୍ଟ-ସେଲିଂ ସେଡାନ ରହିଆସିଛି। ନୂଆ ଡିଜୟାର ସେଗ୍‌ମେଣ୍ଟ୍-ପ୍ରଥମ ଫିଚରଗୁଡିକରେ ଲୋଡେଡ୍ ରହିଛି ଯାହା ଏହାକୁ ଆଧୁନିକତା ଓ ଅତ୍ୟାଧୁନିକ ଟେକ୍ନୋଲୋଜିର ଏକ ଉପଯୁକ୍ତ ମିଶ୍ରଣ କରିଛି।"




ନୂଆ ମାରୁତି ସୁଜୁକି ଡିଜାୟାର୍ ୧୫ରୁ ଅଧିକ ଟପ୍-ଅଫ୍-ଦ-ଲାଇନ୍ ସୁରକ୍ଷା ଫିଚରଗୁଡିକରେ ସୁସଜ୍ଜିତ ରହିଛି। ଏହାର ସମସ୍ତ ଭାରିଆଂଟରେ ୬ଟି ଏୟାରବ୍ୟାଗ୍, ୩ ପଏଂଟ୍ ଇଏଲ୍‌ଆର୍ ସିଟ୍‌ବେଲ୍ଟ, ଇଏସ୍‌ପି ୧ ସହ ହିଲ୍ ହୋଲ୍ଡ ଆସିଷ୍ଟ, ଏବିଏସ୍ ସହ ଇବିଡି, ଆଇଏସ୍‌ଓଫିକ୍ସ ଚାଇଲ୍ଡ ସିଟ୍ ଆଙ୍କୋରେଜେସ୍ ଆଦି ଷ୍ଟାଣ୍ଡାର୍ଡ ଫିଚର ଭାବେ ଉପଲବ୍ଧ ରହିଛି। ଏଥିରେ ଇଲେକ୍‌ଟ୍ରିକ ସନ୍‌ରୁଫ୍, ୩୬୦ ଏଚ୍‌ଡି ଭ୍ୟୁ କ୍ୟାମେରା, ସୁଜୁକି କନେକ୍ଟ ଓ ନୂଆ ଏଲ୍‌ଇଡି କ୍ରିଷ୍ଟାଲ ଭିଜନ ହେଡ୍‌ଲ୍ୟାମ୍ପ ଭଳି ଏକାଧିକ ସେଗ୍‌ମେଣ୍ଟ୍-ପ୍ରଥମ ଫଚର ରହିଛି। ନୂଆ ଡିଜାୟାର୍‌କୁ ଜିଏନ୍‌ସିଏପିଙ୍କ୪ ଦ୍ୱାରା ୫ ଷ୍ଟାର୍ ଦିଆଯାଇଛି।

# ଚାଷୀଙ୍କ ପାଇଁ ବରଦାନ ସାଜିଛି ଭାରତମାଳା ରାସ୍ତା

## ସ୍ଥାନ ଅଭାବରୁ ରାଜ ରାସ୍ତାକୁ ବିକଳ୍ପ ଭାବେ ମକା ଓ ଧାନ ଶୁଖାଇବାକୁ ବ୍ୟବହାର କରୁଛି ଚାଷୀ



**ନବରଙ୍ଗପୁର,୧୬।୧୧(ସଂଚାର ବ୍ୟୁରୋ):** ନିର୍ମାଣଧୀନ ଭାରତମାଳା ରାସ୍ତା ରାୟପୁର ରୁ ବିଶାଖାପାଟଣା କୁ ସଂଯୋଗ କରୁଛି ନବରଙ୍ଗପୁର ଜିଲ୍ଲାର ୧୨୪ କିଲୋ ମିଟର ରାସ୍ତାରୁ ପ୍ରାୟ ଶତକଡା ଅଶି ଭାଗ କାମ ସରି ଗଲାଣି କଳା ମଚ ମଚ ରାସ୍ତା ର ଦୃଶ୍ୟ କିନ୍ତୁ ଟିକେ ରଙ୍ଗୀନ ହୋଇ ଯାଇଛି, ହଳଦିଆ ନାଲି ରଙ୍ଗରେ କିଛି ଅଲଗା ଦେଖା ଯାଉଛି। ଚାଷୀ ଙ୍କ ପାଇଁ ବରଦାନ ସାଜିଛି ଭାରତମାଳା ରାସ୍ତା, ମକା ଧାନ ଶୁଖାଇବାକୁ ସ୍ଥାନ ର ଅଭାବ ଥିବା ଯୋଗୁଁ ଚାଷୀ ଭାରତମାଳା ରାସ୍ତା କୁ ବିକଳ୍ପ ଭାବେ ମକା ଓ ଧାନ ଶୁଖାଇବାକୁ ବ୍ୟବହାର କରୁଛନ୍ତି। ଭାରତମାଳା ରାସ୍ତା ବ୍ୟବହାର ନ ହେବା ପର୍ଯ୍ୟନ୍ତ ଚାଷୀ ଙ୍କ ମକା ଓ ଧାନ ଶୁଖାଇବା ରେ ସାହାଯ୍ୟ ହେବ। ନବରଙ୍ଗପୁର ଜିଲ୍ଲାରେ ୧୧୬ ହଜାର ହେକ୍ଟର ଜମିରେ ଧାନ ଓ ୬୫ ହଜାର ହେକ୍ଟର ଜମିରେ ମକା ଚାଷ ହୁଏ, ମକା ଓ ଧାନ ଉତ୍ପାଦନ ପରେ ଖରା ରେ ଶୁଖାଇବାକୁ ପଡେ, ଯାହା ଦ୍ୱାରା ସଂରକ୍ଷିତ କରି ରଖିବା ପାଇଁ ଏବଂ ଉଚିତ ମୂଲ୍ୟରେ ବିକ୍ରି କରିବା ପାଇଁ କିନ୍ତୁ ଖରା ରେ ଶୁଖାଇବା ପାଇଁ ଜିଲ୍ଲାରେ ପ୍ରଯ୍ୟାପ୍ତ ପରିମାଣରେ ପିଣ୍ଡି ନାହିଁ ଏଣୁ ଭାରତମାଳା ରାସ୍ତା ଚାଷୀ ଙ୍କ ଶୁଖାଇବା କାର୍ଯ୍ୟରେ ବ୍ୟବହାର ହେଉଛି,ରାସ୍ତା ନିର୍ମାଣାଧୀନ ଥିବା ଯୋଗୁଁ ଗାଡି ମଟର କମ ଯିବା ଆସିବା କରୁଛି ପ୍ରଶସ୍ତ ରାସ୍ତା ରେ ବହୁତ ଜାଗା ଅଛି କଳା ପିଚୁ ଯୋଗୁଁ ମାଟି ତୁଳନାରେ ଅଧିକ ଗରମ ରହୁଛି ଚଟାଣ ଯାହା ଫଳରେ ମକା ଧାନ ମାତ୍ର ଦୁଇ ରୁ ତିନି ଦିନରେ ଶୁଖି ସଂରକ୍ଷଣ ଓ ବିକ୍ରି ପାଇଁ ପ୍ରସ୍ତୁତ ହୋଇ ଯାଉଛି।ମକା ଓ ଧାନ ଶୁଖାଇବା ପାଇଁ ପାରମ୍ପରିକ ପଦ୍ଧତି ରେ ଖୋଳା ପ୍ରସ୍ତୁତ କରିବାକୁ ପଡେ ଯାହା ବ୍ୟାୟସାପେକ୍ଷ, ସମୟ ଅଧିକ ଖର୍ଚ୍ଚ ହୁଏ ମାଟି ଉପରେ ଖୋଳା ଥିବା ଯୋଗୁଁ ଧାନ ମକା ଶୁଖୁବା ପାଇଁ ଅଧିକ ଦିନ ସମୟ ଲାଗେ କିନ୍ତୁ କଂକ୍ରିଟ ରେ ତିଆରି ଖୋଳା ରେ ପରିବହନ ଖର୍ଚ୍ଚ କୁ ବାଦ ଦେଲେ ଅନ୍ୟ କୌଣସି ଖର୍ଚ୍ଚ ନାହିଁ କିନ୍ତୁ ଜିଲ୍ଲାରେ ପ୍ରତି ପଂଚାୟତରେ ପ୍ରଶାସନ ତରଫରୁ ଗୋଟିଏ ଲେଖାଏଁ ପିଣ୍ଡି ରହିଛି ଯାହାକି ପ୍ରଯ୍ୟାପ୍ତ ନୁହେଁ ଏଣୁ ଚାଷୀ ଭାରତମାଳା କୁ ବିକଳ୍ପ ଭାବେ ବାଛିଛନ୍ତି, ଏହି ଠାରୁ ପରିବହନ ମଧ୍ୟ ସୁବିଧା ହେଉଛି, ରାସ୍ତା ରେ ଶୁଖା ହେବା ପରେ ଗାଡି ସେହିଠାରେ ଲାଗୁଛି ଏବଂ ପରିବହନ ହେଉଛି ଯାହା ଫଳରେ ଚାଷୀ ଙ୍କୁ ଉଚିତ ମୂଲ୍ୟ ମିଳୁଛି। ଭାରତମାଳା ରାସ୍ତା ସମ୍ପୂର୍ଣ ହେବା ପରେ ଗାଡି ଚାଲିଲେ କିନ୍ତୁ ଚାଷୀ ଏହି ସୁବିଧା ଆଉ ପାଇବେ ନାହିଁ।

# ବୋଇତ ବନ୍ଦାଣ ଉତ୍ସବର ଦ୍ୱିତୀୟ ଦିବସ

## ହାସ୍ୟ ବ୍ୟଙ୍ଗରେ ଭିଜିଲେ ଦର୍ଶକ



**ନୟାଗଡ଼,୧୬।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ପୁରୁଣା ସହରରେ ଅନୁଷ୍ଠିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା ବେଶ ଆକର୍ଷଣୀୟ ହୋଇଛି। ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବାନ୍ଧି ରଖିବା ପାଇଁ ଏହି ପ୍ରୟାସ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇଙ୍କ ସହ ସମସ୍ତ କାଉନସିଲର ଯୋଗ ଦେଇଥିଲେ। ଶିଳ୍ପୀକା ଡ୍ୟାନ୍ସ ଗ୍ରୁପ ଏବଂ ବ୍ୟଙ୍ଗ କଳାକାରଙ୍କ ଦ୍ୱାରା ସନ୍ଧ୍ୟା ବେଶ ଆକର୍ଷଣୀୟ ହୋଇଥିଲା। ବ୍ୟଙ୍ଗ କଳାକାର ଶ୍ରୀଯୁକ୍ତ ସତ୍ୟାନାଶ, ରବୀନ୍ଦ୍ର ରାଉତ, ବ୍ରଜ ସୁବୁଦ୍ଧି ପ୍ରମୂଖ ଦର୍ଶକଙ୍କୁ ବିମୋହିତ କରିଥିଲେ। କଳାକାରମାନେ ଅନେକ କଥାବସ୍ତୁକୁ ନେଇ ଦର୍ଶକଙ୍କୁ ହସାଇଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଦର୍ଶକ ମାନେ ଚଟପଟି ଖାଦ୍ୟର ମଜ୍ଜା ଉଠାଇଥିଲେ।

# ଘେଁସ ଗ୍ରାମରେ ବିର୍ସାମୁଣ୍ଡାଙ୍କ ଜୟନ୍ତୀ




**ବରଗଡ଼,୧୬।୧୧(ସଂଚାର ବ୍ୟୁରୋ):** ବରଗଡ଼ ଆଜି ଭଟଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଘେସ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ତଥା ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ସମାରୋହ ପ୍ରଦତ୍ତ କାର୍ଯ୍ୟସୂଚି ଅନୁଯାଇ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଶ୍ରୀ ଇରାଶିଷ ଆଚାର୍ଯ୍ୟ , ବରଗଡ଼ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋଇଲ, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚୌହାନ ଆଦି ଯୋଗ ଦେଇଥିଲେ, ମହାନ ଜନ ନାୟକ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସାମୁଣ୍ଡା ଙ୍କ ୧୫୦ ତମ ଜୟନ୍ତୀ କାର୍ଯ୍ୟକ୍ରମ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ଙ୍କ କର କାମଳରେ ପାଖା ପାଖି ୬୬୦୦ କୋଟି ଟଙ୍କା ର ବିଭିନ୍ନ ଯୋଜନା ମନ ଶୁଭାରମ୍ଭ, ଶିଳାନ୍ୟାସ, ଏବଂ ଲୋକାର୍ପଣ ହୋଇଥିଲା।

# ଖପ୍ରାଖୋଲ ଅଞ୍ଚଳରେ ବେଧଡ଼କ୍ ଦାଦନ ଚାଲାଣ

## ରୋକ ଲଗାଇପାରୁନାହିଁ ଟାସ୍କଫୋର୍ସ



**ପାଟଣାଗଡ଼,୧୬।୧୧(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ରେ ଚାଲିଛି ବେଧଡ଼କ୍ ଦାଦନ ଚାଲାଣ । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଅଞ୍ଚଳ ହେଉଛି ଦାଦନ ପ୍ରବଣ ଅଞ୍ଚଳ ପ୍ରତି ବର୍ଷ ଏହି ଅଞ୍ଚଳ ରୁ ହଜାର ହଜାର ଲୋକ ବାହାର ରାଜ୍ୟ କୁ ଦାଦନ ଖଟି ଯାଇ ପରିବାର ଚଳାଉଛନ୍ତି । ଏହି ବର୍ଷ ମଧ୍ୟ ବାହାର ରାଜ୍ୟ ଦାଦନ ଚାଲାଣ ପାଇଁ ବାହାର ରାଜ୍ୟର ମାଲିକ ମାନେ ଆସି ସର୍ଦ୍ଦାର ମାନଙ୍କ ଘରେ ବସା ବାନ୍ଧିଛନ୍ତି । ସର୍ଦ୍ଦାର ମାନେ ନୁଆଖାଇଁ ପୂର୍ବରୁ ଗାଁ ମାନଙ୍କର ଶ୍ରମିକ ମାନଙ୍କୁ ଅଗ୍ରିମ ଟଙ୍କା ଦେଇ ନିଜ ଆୟତ ରେ ରଖିଥାନ୍ତି ପରେ ବେଆଇନ ଭାବେ ତାଙ୍କୁ ବାହାର ରାଜ୍ୟ କୁ ଚାଲାଣ କରିଥାନ୍ତି। ଲାଠୋର ଓ ବେଳପଡ଼ା ଅଞ୍ଚଳ ସର୍ଦ୍ଦାର ମାନେ ଭାନପୁର, ତୁର୍ଲା, ଝାଙ୍କରପାଲି, ଧଣ୍ଡାମୁଣ୍ଡା, ବାଞ୍ଜିପାଲି, ତେଲେନପାଲି, ଜମୁନାପାଲି, ତୁଡୁକିପଦର, କର୍ଲାମାଲ, ରେଙ୍ଗାଲି, ଲହଡୁଙ୍ଗୁରି, ଆମ୍ବବାହାଲି, ଭରୁଆମୁଣ୍ଡା ଗ୍ରାମରେ ଲେବର ଚାଲାଣ ପାଇଁ ଘୁରିବୁଲୁଥାନ୍ତି । ଚୋରାରେ ଲେବର ଚାଲାଣ ବେଳେ ପୋଲିସ ହାବୁଡ ରେ ଧରା ପଡିଲେ ମୁଖ୍ୟ ସର୍ଦାର ଫେରାର ମାରୁଥିବା ବେଳେ ତାଙ୍କ ଛୋଟିଆ ସହଯୋଗୀ ଗିରଫ ହେଉଛନ୍ତି । ଖପ୍ରାଖୋଲ ଓ ଲାଠୋର ଥାନା ଅଧିନ ରେ ଯେତିକି ଲେବର ଧରାପଡୁଛନ୍ତି । ମୁଖ୍ୟ ସର୍ଦ୍ଦାର ଙ୍କ ନାମ ନାହିଁ ନିରିହ ସହଯୋଗୀ ଜେଲ ଯାଉଛନ୍ତି । ପୋଲିସ ଯଦି ମୁଖ୍ୟ ସର୍ଦ୍ଦାର ମାନଙ୍କୁ ଗିରଫ କଲେ ବେଆଇନ ଲେବର ଚାଲାଣ ନିଶ୍ଚିତ ଭାବେ ରୋକାଯାଇ ପାରନ୍ତା ବୋଲି ଲୋକମାନଙ୍କ ମୁଖରୁ ଶୁଣିବାକୁ ମିଳୁଛି ।

# କୁମାରସ୍ୱାମୀ ମହୋତ୍ସବ ଉଦ୍‌ଯାପିତ

**ନର୍ଲା,୧୬।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରଠାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ୩୨ତମ ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ ତଥା ଗୋସିଙ୍ଗ ଦୈତ୍ୟ ଦରବାରର ଉଦଯାପନୀ ସମାରୋହ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିବାବେଳେ ମୁଖ୍ୟ ରାଜଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ରାଜଅତିଥି ଭାବେ ବିଶିଷ୍ଟ ସଂସ୍କୃତି ସଂଗଠକ ଜୟନ୍ତ ବେହେରା ମଞ୍ଚାସୀନ ଥିଲେ। ଯୁବ ସାହିତ୍ୟିକ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସଂପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସକିତ ରତେଙ୍କୁ ଦେବଗିରି ସମ୍ମାନ, ରଜତ ବଂଶଲଙ୍କୁ ଦେବଗିରି ଯୁବ ସମ୍ମାନ, ସୁଧୀର ମେହେରଙ୍କୁ ଦେବଗିରି ସାହିତ୍ୟ ସମ୍ମାନ, ଭୀମସେନ ସାହୁଙ୍କୁ ଦେବଗିରି ନାଟ୍ୟ ସମ୍ମାନ, ସନ୍ତୋଷ ସିଂହଦେଓଙ୍କୁ ଦେବଗିରି ସାମ୍ବାଦିକତା ସମ୍ମାନ, ପ୍ରଭାସ ଚନ୍ଦ୍ର ମିଶ୍ରଙ୍କୁ ଦେବଗିରି ଗୁରୁ ସମ୍ମାନ, ଧ୍ୟାନାନନ୍ଦ ପଣ୍ଡାଙ୍କୁ ଦେବଗିରି ଲୋକନୃତ୍ୟ ସମ୍ମାନ, ମଧୁସୂଦନ ପ୍ରଧାନଙ୍କୁ ଦେବଗିରି ଶିକ୍ଷା ସମ୍ମାନ, ଦୁଷ୍ମନ୍ତ ମହଲାଙ୍କୁ ଦେବଗିରି ଦେଶସେବା ସମ୍ମାନ, ବାଳକୃଷ୍ଣ ନାଏକଙ୍କୁ ଦେବଗିରି ବାର୍ତ୍ତା ସମ୍ମାନ, ତପନ ଗଉଡ଼ଙ୍କୁ ଦେବଗିରି ପ୍ରତିଭା ସମ୍ମାନ, ହରେକୃଷ୍ଣ ସାହୁଙ୍କୁ ଦେବଗିରି ସେବା ସମ୍ମାନ ଏବଂ ସାଉଲ ମଙ୍ଗରାଜଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଘୁମୁରା, ବନାବାଡ଼ି ଖେଳ ସମେତ ରାୟଗଡ଼ା, ସମ୍ବଲପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲ୍ଲାର ଅନେକ କଳାକାର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନୃତ୍ୟ ଆସରର ସଂଯୋଜନା କରିଥିଲେ ପଶ୍ଚିମ ଓଡ଼ିଶାର ବିଖ୍ୟାତ ମଞ୍ଚ ପରିଚାଳକ ସୁଧୀର ନାଏକ।

# ସୁବର୍ଣ୍ଣପୁର ଶାଖା ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ




**ସୁବର୍ଣ୍ଣପୁର,୧୬।୧୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସଭାଗୃହ ଠାରେ ଓଡିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶାଖା ସଭାପତି ମନରଞ୍ଜନ ତ୍ରିପାଠୀଙ୍କ ପ୍ରେରଣା ରେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ପର୍ଶୁରାମ ମିଶ୍ର, ରାଜ୍ୟ ସଂପାଦକ ରାଜ କିଶୋର ତ୍ରିପାଠୀ, ଡିଆଇପିଆରଓ ଅର୍ଜୁନ ମାଝୀ, ଫକିର ମୋହନ ମାଝୀ, ବରିଷ୍ଠ ନାଗରିକ କମିଟି ର ଜ୍ୟୋତି ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଓଡ଼ିଶା ସାମ୍ବାଦିକ ସଂଘ ରାଜ୍ୟର ସାମ୍ବାଦିକ ବନ୍ଧୁ ମାନଙ୍କ ସ୍ୱାର୍ଥ ପ୍ରତି ସର୍ବଦା ଧ୍ୟାନଦେଇ ତାଙ୍କର ସର୍ବନିମ୍ନ ଆବଶ୍ୟକତା କୁ ପୁରଣ ପାଇଁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଯୋଗୁଁ ସଂଘକୁ ସାଧୁବାଦ ଜଣାଇବା ସହ ପ୍ରଶଂସା କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ମଦନ ସୁନ୍ଦର କ୍ଷେତୀ ଯୋଗଦେଇ ସାମ୍ବାଦିକ ଙ୍କ ସୁରକ୍ଷା ନିମନ୍ତେ ସରକାର ଶିଘ୍ର ବିଲ୍ ଆଣିବା ଉପରେ ଗୁରୁତ୍ୱାରୋପ କରିବା ସହ ଉନ୍ନତ ସମାଜ ଗଠନରେ ସାମ୍ବାଦିକଙ୍କ କର୍ତ୍ତବ୍ୟ ବୋଧ ଓ ଉତ୍ତର ଦାୟିତ୍ୱ ବିଷୟରେ ସାରଗର୍ଭକ ମତ ଉପସ୍ଥାପନ କରିଥିଲେ। ସେହିପରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳ କମଳ ମିଶ୍ର, ବିନିକା ବ୍ଲକ ସଭାପତି ମୁକେଶ ବଗର୍ତ୍ତି ପ୍ରମୁଖ ରାଜ୍ୟ ସରକାର ବିଭିନ୍ନ ସମୟରେ ସାମ୍ବାଦିକଙ୍କ ପାଇଁ ଘୋଷଣା କରିଥିବା ସୁବିଧା ସୁଯୋଗକୁ କାର୍ଯ୍ୟକାରୀ କରିବା ଉପରେ ସରକାରୀ ସ୍ତରରେ ଦୃଢ଼ିଭୁତ କରିବା ସଂପର୍କରେ ମତ ରଖିଥିଲେ। ସଭାରେ ସଂଘ ଉପଦେଷ୍ଟା ସ୍ୱର୍ଗତ ସାମ୍ବାଦିକ ଗୋପାଳ ମିଶ୍ରଙ୍କ ସୁପୁତ୍ର ଓ ସ୍ୱର୍ଗତ ବରିଷ୍ଠ ସାମ୍ବାଦିକ ବିନୟ ପ୍ରଧାନ ଙ୍କ ଝିଅଙ୍କୁ ସଂଘ ପକ୍ଷରୁ ଆଜୀବନ ମାସିକ ପେନସନ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା । ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ମିଶ୍ର, ସଦାନନ୍ଦ ପ୍ରଧାନ, ସନ୍ତୋଷ ମିଶ୍ର, ନବ କିଶୋର ମିଶ୍ର, ସତ୍ୟବ୍ରତ ପ୍ରଧାନ, ସଞ୍ଜୟ ସାହୁ, ପିତାମ୍ବର ମହାପାତ୍ର ,ଭାସ୍କର ବାବୁ ଶ୍ରଦ୍ଧାକର ଦାଶ,ରଞ୍ଜନ ହୋତା, ଡୋଳାମଣି ସାଲମା, ଲକ୍ଷ୍ମଣ ପାତ୍ର, ସୂରୁବାବୁ କର୍ଣ୍ଣ, ଜିଲ୍ଲା ରକ୍ତଦାତା ସଂଯୋଜକ ମନୋଜ ପଣ୍ଡା, ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘର କର୍ମକର୍ତ୍ତା ପ୍ରମୁଖ ଙ୍କ ସହ ତରଭା, ଉଲୁଣ୍ଡା, ବୀରମହାରାଜପୁର, ଡୁଙ୍ଗୁରିପାଲି ବିନିକା ଓ ସୋନପୁର ବ୍ଲକର ଅନେକ ସାମ୍ବାଦିକ ତଥା ସୋନପୁର କଲେଜ ଏନସିସି ର କର୍ଣ୍ଣେଲ ଆଶିଷ ଅଗ୍ରୱାଲା ଓ କେଡେଟ୍ସ ତଥା ସହରର ସ୍ୱଚ୍ଛଭାରତ ସଂଗଠନ, ରାମଧୂନ କ୍ଲବ, ଗୋପଲଜୀ ଯୋଗାଳୟ ତଥା ସହରର ବିଭିନ୍ନ ଅନୁଷ୍ଠାନ ଯୋଗ ଦେଇଥିଲା। ଶେଷରେ ଜିଲ୍ଲା ଶାଖା ସଂପାଦକ ମହାଦେବ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ

**ନୂଆପଡା,୧୬।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ବୋଡ଼େନ ବ୍ଲକ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ କରଙ୍ଗାମାଲ ସେବାଶ୍ରମ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଖିଳ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସିନାପାଲି ଚୈତନ୍ୟ ହୋତା ସମ୍ମାନୀତ ଅତିଥି ଭାବରେ ଅବସର ପ୍ରାପ୍ତ ଶିକ୍ଷକ ଚୈତନ୍ୟ ମାଝୀ , ସି.ଆର.ସିସି ଅମର ସିଂ ଭୋଇ , ସାମ୍ବାଦିକ ଦିଲିପ ପଣ୍ଡା ମୁଖ୍ୟ ବକ୍ତା ଭାବରେ ରାଧାଚାନ୍ଦ କ୍ଷୋଷି ପୂର୍ବତନ ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ କରଙ୍ଗାମାଲ ମଞ୍ଚାସିନ ହୋଇଥିଲେ ।ପ୍ରଥମେ ଦେବ ପୂଜନ ତଥା ସହିତ ବିର୍ସାମୁଣ୍ଡା ଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଶିକ୍ଷାର୍ଥୀର ସର୍ବାଙ୍ଗିନ ବିକାଶ ପାଇଁ ଶିକ୍ଷକ ଓ ଅଭିଭାବକଙ୍କ ସଂପର୍କ କିଭଳି ରହିବାକଥା ସମସ୍ତ ଅତିଥି ଏବଂ ମୁଖ୍ୟବକ୍ତା ନିଜର ଅଭିଭାଷଣରେ ରଖିଥିଲେ । ବିଦ୍ୟାଳୟ ସୁବିଧା ଅସୁବିଧା ସଂପର୍କରେ ଅଭିଭାବକ ନିଜର ମନ୍ତବ୍ୟ ଦେବା ସହ ବିଭିନ୍ନ ବିଭାଗରୁ ଆସିଥିବା କର୍ମଚାରୀମାନେ ନିଜ ବିଭାଗର ଉପଲବ୍ଧ ସୁବିଧାସୁଯୋଗ କଥା ଜନସାଧାରଣଙ୍କୁ ଜଣାଇଥିଲେ ।

# ତ୍ରିବେଣୀ ସଙ୍ଗମରେ ମହା ଆଳତି



**ସୁବର୍ଣ୍ଣପୁର,୧୬।୧୧(ସଂଚାର ବ୍ୟୁରୋ):** ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସନ୍ଧ୍ୟାରେ ଓଡିଶାର ସ୍ୱର୍ଣ୍ଣ ପ୍ରୟାଗ ଭାବେ ଖ୍ୟାତ ସୁବର୍ଣ୍ଣପୁରର ପୁଣ୍ୟ ପୀଠ ରାମେଶ୍ୱର ତ୍ରିବେଣୀ ସଙ୍ଗମ ଠାରେ ମହା ଆଳତି ଅନୁଷ୍ଠିତ ହୋଇଛି । ବାରଣାସୀ ଗଙ୍ଗା ଆଳତି ଭଳି ଦ୍ୱିତୀୟ ବାରଣାସୀରେ ବି ଅବିକଳ ଆଳତି ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଆଳତି ଦର୍ଶନ କରି ଦୀପ ଭସାଇ ଥିଲେ । ପୁରୋହିତଙ୍କ ବେଦ ମନ୍ତ୍ର, ହରିବୋଲ, ହୁଳହୁଳି ଏବଂ ଘଣ୍ଟ ଘଣ୍ଟା ବାଦ୍ୟରେ ପ୍ରକମ୍ପିତ ହେଲା ମହାନଦୀ, ତେଲନଦୀ ଓ କର୍ପୂର ନଦୀର ସଙ୍ଗମ ସ୍ଥଳ ପୁଣ୍ୟ ତ୍ରିବେଣୀ ସଙ୍ଗମ । ହଜାର ହଜାର ଶ୍ରଦ୍ଧାଳୁ ବର୍ଷରେ ଅନୁଷ୍ଠିତ ଏହି ଦିବ୍ୟ ମହା ଆଳତି ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ । ବାବା ରାମେଶ୍ୱର, ପୁଣ୍ୟ ତୋୟା ମହାନଦୀ, ତ୍ରିବେଣୀ ସଙ୍ଗମ ଏବଂ ପୂର୍ଣ୍ଣ ଚନ୍ଦ୍ରଙ୍କୁ ଆଳତି କରାଯାଇ ଥିଲା । ପରେ ପୁରୋହିତଙ୍କ ଦ୍ୱାରା ଆଲଟ ଚାମର ସେବା କରାଯାଇ ଥିଲା । ଆଳତି ସମାରୋହରେ ଏଡିଏମ ଅଞ୍ଜଳିନା ପ୍ରଧାନ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପଣ୍ଡିତ ରାଜୀବ ଲୋଚନ ପଣ୍ଡା, ରାଧେଶ୍ୟାମ ପୁରୋହିତ, ବାସୁଦେବ ଶତପଥୀ, ସୁଶାନ୍ତ ପୁରୋହିତ , ବୁଲୁ ମିଶ୍ର, ଦିନେଶ ତ୍ରିପାଠୀ ଏବଂ ସଚ୍ଚିଦାନନ୍ଦ ଦାଶ ମହାଆଳତି ଅର୍ପଣ କରିଛନ୍ତି, । ଅଧ୍ୟାପକ ମଦନ ସୁନ୍ଦର ଖେତି ଆଳତି ବନ୍ଦନା ଗାନ କରିଛନ୍ତି । ଶ୍ୟାମାଓଁ ପ୍ରସାଦ ମିଶ୍ର, ମନୋଜ ବାରିକ, ଦେବଦତ୍ତ ମହାପାତ୍ର, ବିଘ୍ନରାଜ ପଣ୍ଡା, ଗଣପତି ବାଘ, ସୁଶାନ୍ତ ପଣ୍ଡା,ପ୍ରଭୁଦତ୍ତ ରଥ, ଗଦାଧର ବାରିକ, ବେଣୁଧର ପ୍ରଧାନ, ଧରଣୀଧର ମିଶ୍ର, ସୌରଭ ଖମାରୀ, ଗୌରୀ ଶଙ୍କର ଦଣ୍ଡସେନା, ବିଘ୍ନରାଜ ପଣ୍ଡା, କିଶୋର ମେହେର, ଶ୍ରୀବସ୍ତ ମଲ୍ଲିକ ପ୍ରମୁଖ ମହା ଆଳତି ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

**ଶିଆଳୀ ବାଲିଯାତ୍ରା ବିବାଦ**

# ବିଧାୟକଙ୍କୁ ଅଣଦେଖା ପ୍ରତିବାଦରେ ବିଜେଡି ଉତ୍‌କ୍ଷିପ୍ତ



**ଏରସମା,୧୬।୧୧(ସଂଚାର ବ୍ୟୁରୋ):** ଏରସମା ବ୍ଲକ ଅନ୍ତର୍ଗତ ଶିଆଳି ବେଳାଭୂମିରେ ଆୟୋଜିତ ହେଉଥିବା ବାଲିଯାତ୍ରାକୁ ନେଇ ବିବାଦ ଦେଖାଦେଇଛି। ବାଲିକୁଦା -ଏରସମା ବିଧାୟକ ଏବଂ ସ୍ଥାନୀୟ ସରପଞ୍ଚଙ୍କୁ ଅଣଦେଖା କରି କିଛି ମୁଷ୍ଟିମେୟ ଯୁବ ଗୋଷ୍ଠି ବାଲିଯାତ୍ରା ଆୟୋଜନ କରୁଥିବାରୁ ବିଜେଡି କର୍ମୀ ମାନେ ଉତକ୍ଷିପ୍ତ ହୋଇଉଠିଛନ୍ତି। ସାଂସ୍କୃତିକ ମଞ୍ଚରେ ହୀନ ରାଜନୀତି ସ୍ପୃହଣୀୟ ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଆୟୋଜନକାରୀ ମାନେ ଶିଆଳି ବାଲିଯାତ୍ରା କମିଟି ବିଧିବଦ୍ଧ ଭାବେ ଗଠନ ନ କରି ଏରସମା ରଜ ମହୋତ୍ସବ କମିଟି ମାଧ୍ୟମରେ ଉକ୍ତ ଉତ୍ସବ ପାଳନ କରାଯିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିରୋଧ ଦେଖାଦେଇଛି। ୨୦୧୭-୧୮ରୁ ଆରମ୍ଭ ହୋଇଥିବା ଏହି ବାଲିଯାତ୍ରା କମିଟି ର ପ୍ରତିଷ୍ଠାତା ସଂପାଦକ ଓ ଅନ୍ୟ ଛାମୁଆ ସଦସ୍ୟମାନେ ସ୍ୱାଭିମାନ ଦୃଷ୍ଟିରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଆତ୍ମ ଘୋଷିତ ଭାବେ ନିଜକୁ ସର୍ବେସର୍ବା ବୋଲାଉଥିବା ଜନୈକ ଯୁବକ ଗତ ବାଲିଯାତ୍ରାର ଖର୍ଚ୍ଚ ହିସାବ ଦେଉନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗତ ସାଧାରଣ ନିର୍ବାଚନ ସମୟରେ ସଂପୃକ୍ତ ଯୁଓ୍ୱକ ଜଣକ ଜଣେ ସ୍ୱାଧିନ ପ୍ରାର୍ଥୀଙ୍କ ଠାରୁ ୧୦ଲକ୍ଷରୁ ଉର୍ଦ୍ଧ ଟଙ୍କା ଚଞ୍ଚକତା କରି ଆଣି ବିଜେପି ବିରୋଧରେ ଭୋଟ ଦେବାକୁ ପ୍ରବର୍ତ୍ତାଉ ଥିବା କାରଣରୁ ବାଲିକୁଦା -ଏରସମା ବିଜେପି ନେତା ସତ୍ୟସାରଥି ମହାନ୍ତି ମଧ୍ୟ ଏହି ବାଲିଯାତ୍ରା କୁ ଆସୁନଥିବା ଜଣାପଡ଼ିଛି। ମାତ୍ର ଉକ୍ତ କୈଶଳୀ ଯୁବକ ଜଣକ ବିଜେପି ନେତା ସତ୍ୟସାରଥିଙ୍କ କଟର ବିରୋଧି ନେତା ନୃସିଂହ ସାହୁ ଏବଂ ଅକ୍ଷୟ ସ୍ୱାଇଁ ଙ୍କୁ ହାତବାରିସ କରି ଆୟୋଜିତ ବାଲିଯାତ୍ରା କୁ ରାଜ୍ୟର ୨ଜଣ ମନ୍ତ୍ରୀଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରିଥିବାଜଣାପଡ଼ିଛି। ତେବେ ଆୟୋଜନ କାରୀ ମୂଖ୍ୟ ଯୁବକଙ୍କ ବିବାଦୀୟ ଭୂମିକା ପାଇଁ ବାଲିକୁଦା -ଏରସମା ବିଜେପିରେ କମ୍ପନ ଦେଖାଦେଇଛି।

# ଯୌବନରେ ମାଡ଼ି ଆସୁଛି ବାର୍ଦ୍ଧକ୍ୟ




**ନବରଙ୍ଗପୁର/ଚନ୍ଦାହାଣ୍ଡି,୧୬।୧୧(ସଂଚାର ବ୍ୟୁରୋ):** ଯୌବନ ରେ ମାଡ଼ି ଆସୁଛି ବାର୍ଦ୍ଧକ୍ୟ ଅଧା ବୟସରେ ବାର୍ଦ୍ଧକ୍ୟ ର ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମବାସୀ। ଗ୍ରାମର ଅଧିକାଂଶ ପୁରୁଷ ଓ ମହିଳାଙ୍କ ବୟସ ୪୦ଅତିକ୍ରମ କଲାପରେ ବଙ୍କା ହୋଇଯାଉଛି ଅଣ୍ଟା, ପିଠି ଓ ଗୋଡ଼,ହାତ ଏଭଳି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ରହିଛନ୍ତି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ର ଖଇରଭାଡ଼ି ଗ୍ରାମବାସୀ।ପ୍ରଶାସନ ଖବର ପାଇବା ପରେ ଫ୍ଲୋରାଇଡ ପାଣି ଯୋଗୁଁ ଏହି ରୋଗ ବ୍ୟାପୁଥିବା କହି ଦୁଇଟି ନଳକୂଅ ସିଲ କରିଛନ୍ତି, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଗ୍ରାମରେ ଯାଇ ପୁଣି ଚିକତ୍ସା ଆରମ୍ଭ କରିବେ ବୋଲି ପ୍ରକାଶ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ ର ଖଇରଭାଡ଼ି ଗ୍ରାମରେ ଆତଙ୍କ ଖେଳାଉଛି ଅଜଣା ରୋଗ । ଭୟରେ ରହୁଛନ୍ତି ଗ୍ରାମବାସୀ,ଏହି ଅଜଣା ରୋଗରେ ଆକ୍ରାନ୍ତ ହୋଇ ପ୍ରତେକ ବର୍ଷ ୩-୪ ଜଣଙ୍କ ଜୀବନ ଅକାଳରେ ଚାଲି ଯାଉଛି। ଖଇରଭାଡ଼ି ଗାଁର ଦୁଇଟି ସାହିରେ ବସବାସ କରୁଛନ୍ତି ହଜାରେ ରୁ ଅଧିକ ଲୋକେ। ପ୍ରତ୍ୟେକ ପରିବାରର ୪୦ବର୍ଷ ରୁ ଅଧିକ ହୋଇଥିବା ବ୍ୟକ୍ତିଙ୍କୁ ଏହି ରୋଗର ଲକ୍ଷଣ ଦେଖା ଦଉଛି। ଏହି ରୋଗରେ ଆକ୍ରାନ୍ତ ହେଲେ ଅଣ୍ଟା, ପିଠି ଓ ଗୋଡ଼,ହାତ ବଙ୍କା ହୋଇ ଯାଉଛି, କିଛିଦିନ ଗଲାପରେ ଚଲା ବୁଲା କି କୌଣସି କାମ କରିପାରନ୍ତି ନାହିଁ ଯନ୍ତ୍ରଣା ରେ ଛଟପଟ ହୁଅନ୍ତି।ଗାଁର ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି । ଅନ୍ୟ ସମୟରେ କୁଲି ମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଗାଁରେ ମାଡ଼ି ଆସୁଛି ଏକ ଅଜଣା ରୋଗ । ହସ ଖୁସିରେ ଏକଦା ତାଙ୍କର ଜିବନ ବିତୁଥିଲା। ପ୍ରାୟ ଦଶନ୍ଧି ତଳେ ମାଡ଼ି ଆସିଲା ଅଜଣା ରୋଗ ଯନ୍ତ୍ରଣା । ଲୋକେ ମାନସିକ ଓ ଶାରୀରିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ଅନେକ ପରିବାର ରୋଗରେ ଆକ୍ରାନ୍ତ ହୋଇ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ପରିସ୍ଥିତି ଦିନକୁ ଦିନ ସଙ୍ଗୀନ ହେବା ସତ୍ୱେ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଏ ପର୍ଯ୍ୟନ୍ତ ଚେତିନି ବୋଲି ଅଭିଯୋଗ କରନ୍ତି ଗ୍ରାମବାସୀ। ଅଜଣା ରୋଗରେ ଆକ୍ରାନ୍ତ ହେବାପରେ ବିଭିନ୍ନ ଡାକ୍ତରଖାନ କୁ ଯାଇ ଚିକିତ୍ସିତ ହେଉଛନ୍ତି। କୋରାପୁଟ, କଟକ ଓ ଛତିଶଗଡ଼ ର ରାୟପୁର ଡାକ୍ତର ଖାନକୁ ଯାଇ ଚିକିତ୍ସିତ ମଧ୍ୟ ହୋଇଥିବା ବେଳେ ରୋଗର କୌଣସି ସୁଧାର ଆସିନାହିଁ । ଆଜି ପର୍ଯ୍ୟନ୍ତ କୌଣସି ଡାକ୍ତର ରୋଗକୁ ଠିକ୍ ଭାବରେ ଚିହ୍ନିପାରିନଥିବା ରୋଗି କହିଛନ୍ତି ।କେବଳ ପ୍ରାଣ ବିକଳରେ କୁଲିମଜୁରି କରି ଉପାର୍ଜିତ ଧନ କୁ ଏହି ରୋଗରେ ଚିକିତ୍ସା ପାଇଁ ସର୍ବସ୍ୱାନ୍ତ ହେଉଥିବା କହିଛନ୍ତି । ବର୍ତ୍ତମାନ ଡାକ୍ତରଖାନା ଦୌଡ଼ି ଦୌଡ଼ି ନୟାନ୍ତ ହେଲାପରେ ଭାଗ୍ୟକୁ ଆଦରି ଘରେ ପଡ଼ି ରହିଛନ୍ତି। ସମସ୍ତେ ପ୍ରାୟତଃ ଗରିବ ଶ୍ରେଣୀ ର କୁଲିମଯୁରି କଲେ ପେଟକୁ ଦାନା ମୁଠେ ମିଳେ। ରୋଗରେ ଆକ୍ରାନ୍ତ ହେଲାପରେ ଅଧିକାଂଶ ଉପବାସରେ ରହିବାକୁ ପଡେ ବୋଲି ଗ୍ରାମବାସୀ କହିଛନ୍ତି। ୪ବର୍ଷ ତଳେ ପ୍ରଶାସନର ଫ୍ଲୋରାଇଡ୍ ପାଣି ଦ୍ୱାରା ଏହି ରୋଗ ହେଉଛି କହି ଗାଁର ଦୁଇଟି ନଳକୂଅ ସିଲ୍ କରି କାମ ସାରି ଦେଲା। କିନ୍ତୁ ରୋଗର ନିରାକରଣ ପାଇଁ କୌଣସି ପଦକ୍ଷେପ ନେଲେନାହିଁ। ବର୍ତ୍ତମାନ ଦିନକୁ ଦିନ ଆକ୍ରାନ୍ତ ଙ୍କ ସଂଖ୍ୟା ବଢି ଚାଲୁଥିବା ବେଳେ ଚିନ୍ତା ରେ ଗ୍ରାମବାସୀ । ଏ ସମ୍ପର୍କରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ମନିସ ପୁରୋହିତଙ୍କୁ ଯୋଗାଯୋଗ କରିବାରୁ ସେ ଗାଁ କୁ ଯାଇ ପ୍ରକୃତ ରେ କଣ ପାଇଁ ଏହି ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି ତାହାର ପରୀକ୍ଷା କରି ଲୋକଙ୍କୁ ଉଚିତ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ରୋଗୀଙ୍କୁଅନ୍ୟାଡ଼ାକ୍ତର ଖାନାକୁ ପଠାଯିବ ବୋଲି କହିଛନ୍ତି।

# ବିର୍ସାମୁଣ୍ଡା ଜୟନ୍ତୀ ପାଳିତ

**ନୂଆପଡ଼ା,୧୬।୧୧(ସଂଚାର ବ୍ୟୁରୋ):** ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ ର ଜିଲ୍ଲା ସ୍ତରୀୟ ସମାରୋହ କୋମନା ବ୍ଲକ୍ ପରିସରରେ ପାଳିତ ହୋଇ ଯାଇଛି । ଆଜି ସମଗ୍ର ଦେଶରେ ଏହି ଦିନକୁ ଜନଜାତିୟ ଗୌରବ ଦିବସ ହିସାବରେ ପାଳନ କରା ଯାଉଛି । ଏହି ଅବସରରେ ସମ୍ମାନୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିହାର ଯାମୁଇ ଠାରେ ଏକ ବିଶାଳ ଆଦିବାସୀ ସମାରୋହରେ ଯୋଗଦେଇ ସେମାନଙ୍କ ପାଇଁ ନିର୍ମିତ ୬୦୦୦କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଉଦ୍ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏବେ ଦେଶରେ ଆଗାମୀ ୫ ବର୍ଷ ଧରି ଧର୍ତୀ ଆଭା ଜନଜାତି ଗ୍ରାମୀଣ ଉତ୍କର୍ଷ ଅଭିଯାନ ଚାଲିବ । ଏହି ଯୁଗାନ୍ତକାରୀ ଘଟଣାବଳୀର ସମୁଚିତ ପ୍ରଚାର ପ୍ରସାର ପାଇଁ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ପଡ଼ିଆରେ ଆଜି ହଜାର ହଜାର ଆଦିବାସୀ ଏଓ୍ୱଂ ଆଦିମ ଜନଜାତି ମାନଂକ ଏକ ବିଶାଳ ସାଧାରଣ ସଭାର ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ସମାରୋହରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ ।

# ସର୍ବାଙ୍ଗୀନ ଉନ୍ନତି ପାଇଁ ଗଣମାଧ୍ୟମ ଓ ପ୍ରଶାସନର ସମନ୍ୱୟ ଜରୁରୀ




**ବଲାଙ୍ଗିର,୧୬।୧୧(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକ ସଂଘ ର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନ ରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର, ମୁଖ୍ୟ ବକ୍ତା ଭାବେ ଡକ୍ଟର ପ୍ରେମଚାନ୍ଦ ମହାନ୍ତି ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସରୋଜ କୁମାର ସାହୁ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଶିବ ପ୍ରସାଦ ପରିଡ଼ା ଏବଂ ସାଧାରଣ ସମ୍ପାଦକ ଶିଶୀରକାନ୍ତ ଶତପଥି ଯୋଗ ଦେଇ ଥିଲେ । ଏହି ଅବସରରେ ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୁପ ସମ୍ପର୍କରେ ଆଲୋଚନା କରାଯାଇଥିଲା । ମଚାସୀନ ଅତିଥି ମାନେ କହିଥିଲେ ଯେ ସମସ୍ତ ସ୍ତରରେ ଗଣମାଧ୍ୟମ ର ଭୂମିକା ବଢ଼ିଛି। ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ବିଷୟବସ୍ତୁ "ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୁପ" ସାମ୍ପ୍ରତିକ ନୂତନ ଡିଜିଟାଲ୍/ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରାଯାଇଥିଲା ।